NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY
2 FEBRUARY 2026
ସୋମବାର
୨ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 257 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୨୫୭ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

## ଖୋଲିଲା ବଜେଟ୍ ପେଡ଼ି

# ଫୋକସ୍‌ରେ ପ୍ରତିରକ୍ଷା, ଗ୍ରାମୀଣ ବିକାଶ



**ନୂଆଦିଲ୍ଲୀ, ୧।୨/ଏଜେନ୍ସି:**

ସରିଲା ଅପେକ୍ଷା, ଖୋଲିଲା ବଜେଟ୍ ପେଡ଼ି। ରବିବାର ନବନିର୍ମିତ ସଂସଦ ଭବନ (କର୍ତ୍ତବ୍ୟ ଭବନ)ର ଲୋକସଭା ଗୃହରେ ୨୦୨୬-୨୭ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହୋଇଛି। ତେବେ ଚଳିତ ବଜେଟରେ ବିଶେଷକରି ପ୍ରତିରକ୍ଷା, କୃଷି ଓ ଗ୍ରାମୀଣ ବିକାଶ ଉପରେ ଫୋକସ କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲଗାତାର ୯ମ ଥର ପାଇଁ ଏହି ବଜେଟ୍ ଉପସ୍ଥାପନ କରିଛନ୍ତି। ୮୫ ମିନିଟ୍ ଧରି ଅର୍ଥମନ୍ତ୍ରୀ ନିଜ ବଜେଟ୍ ଅଭିଭାଷଣ ରଖିଥିଲେ। ସୀତାରମଣ ନିଜ ଭାଷଣରେ କହିଛନ୍ତି, ବିକଶିତ ଭାରତ ଲକ୍ଷ୍ୟ ନେଇ ଦେଶ ଆଗକୁ ବଢୁଛି। ଚଳିତ ବଜେଟ୍ ଯୁବ ଶକ୍ତିଙ୍କ ବଜେଟ୍ ହେବାକୁ ଯାଉଛି। କେନ୍ଦ୍ର ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହେଉଛି ସବ୍‌କା ସାଥ୍ ସବ୍‌କା ବିକାଶ, ଆମ ସରକାର ନିଯୁକ୍ତି ଓ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ ଦେଉଛି। ନିଜ ବଜେଟ୍ ଭାଷଣରେ ବିଗତ ୧୧ ବର୍ଷର ଆର୍ଥିକ ଅଭିବୃଦ୍ଧି ନେଇ ତଥ୍ୟ ରଖିଛନ୍ତି ଅର୍ଥମନ୍ତ୍ରୀ। ଉପସ୍ଥାପିତ ହୋଇଥିବା ବଜେଟ୍‌କୁ ନେଇ ଦେଶରେ ମିଶ୍ରିତ ପ୍ରତିକ୍ରିୟା ସାମ୍ନାକୁ ଆସୁଥିବା ବେଳେ ସରକାର କିନ୍ତୁ ଏହାକୁ ବିକଶିତ ଭାରତର ବିକଶିତ ବଜେଟ୍ ବୋଲି ଅଭିହିତ କରିଛନ୍ତି।

ଚଳିତ ବଜେଟ୍‌ର ମୋଟ୍ ଆକାର ୫୩.୫୦ ଲକ୍ଷ କୋଟି ରଖାଯାଇଛି, ଯାହାକି ପୂର୍ବ ଆର୍ଥିକ ବର୍ଷର ଆକାର ୫୦.୬୫ ଲକ୍ଷ କୋଟି ତୁଳନାରେ ପ୍ରାୟ ୫.୫% ଅଧିକ। ୨୦୨୫-୨୬ ପାଇଁ ବଜେଟ୍ ପ୍ରାୟ ୫୦ ଲକ୍ଷ କୋଟି ଟଙ୍କା ଥିଲା। ବଜେଟ୍ ଉପସ୍ଥାପନ ସମୟରେ ସୀତାରମଣ ସୂଚନା ଦେଇଛନ୍ତି ଯେ, ବିଭିନ୍ନ ସୂତ୍ରରୁ ସରକାରୀ ରାଜସ୍ୱକୁ ଆୟ ପରିମାଣ ୩୫ ଲକ୍ଷ କୋଟି ଟଙ୍କା ଆକଳନ କରାଯାଉଥିବା ବେଳେ ସରକାର କିନ୍ତୁ ବ୍ୟୟବାବଦ ୫୩.୪୭ ଲକ୍ଷ କୋଟିରୁ ଅଧିକ ରହିଛି। ପ୍ରକାଶ, କେନ୍ଦ୍ର ସରକାର ମୁଖ୍ୟତଃ ଦୁଇଟି ପ୍ରକ୍ରିୟା ଯଥା ଟିକସ ରାଜସ୍ୱ ଏବଂ ଅଣ ଟିକସ ରାଜସ୍ୱ ମାଧ୍ୟମରେ ରାଜସ୍ୱ ସଂଗ୍ରହ କରିଥାନ୍ତି। ଟିକସ ରାଜସ୍ୱରେ ଆୟକର, ଜିଏସ୍‌ଟି, ସୀମା ଶୁଳ୍କ ଏବଂ ଉତ୍ପାଦ ଶୁଳ୍କ ଏବଂ କର୍ପୋରେସନ ଟିକସ ଭଳି ଟିକସ ମଧ୍ୟ ଅନ୍ତର୍ଭୁକ୍ତ। ସେହିପରି ଅଣ-ଟିକସ ରାଜସ୍ୱରେ ସୁଧ କିମ୍ବା ଅନ୍ୟାନ୍ୟ ଜିନିଷରୁ ଆୟ ମଧ୍ୟ ଅନ୍ତର୍ଭୁକ୍ତ ରହିଥାଏ। ଅନ୍ୟପକ୍ଷେ ଉପସ୍ଥାପିତ ବଜେଟ୍ ଡକ୍ୟୁମେଣ୍ଟ ଅନୁଯାୟୀ, କେନ୍ଦ୍ର ସରକାର ୨୦୨୬-୨୭ ବର୍ଷରେ ୪୪ ଲକ୍ଷ କୋଟି ଟଙ୍କାର ଟିକସ ରାଜସ୍ୱ ପାଇବାର ଆଶା କରାଯାଉଛି, ଏଥିରୁ ୧୫.୨୬ ଲକ୍ଷ କୋଟି ଟଙ୍କା ରାଜ୍ୟଗୁଡ଼ିକୁ ସେମାନଙ୍କ ଅଂଶ ଭାବେ ପ୍ରଦାନ କରିବାକୁ ହେବ। ସୁତରାଂ କେନ୍ଦ୍ର ସରକାରଙ୍କ ପାଇଁ ମୋଟ ଟିକସ ରାଜସ୍ୱ ୨୮.୬୬ ଲକ୍ଷ କୋଟି ଟଙ୍କା ହେବ। ଏହା ବ୍ୟତୀତ, ସରକାର ଅଣ-ଟିକସ ରାଜସ୍ୱ ବାବଦରେ ୬.୬୬ ଲକ୍ଷ କୋଟି ଟଙ୍କା ପାଇବେ, ଯାହା ଦ୍ୱାରା ସରକାରଙ୍କ ହାତରେ ମୋଟ ସରକାରୀ ରାଜସ୍ୱ ୩୫.୩୩ ଲକ୍ଷ କୋଟି ଟଙ୍କା ହିଁ ରହିବ। ସୁତରାଂ ଆବଶ୍ୟକ ଅର୍ଥ ପାଇଁ ସରକାର ବଜାରରୁ ଟଙ୍କା ଋଣ ଆକାରରେ ସଂଗ୍ରହ କରିବେ।

### ମହିଳା, ଶିକ୍ଷା, ସ୍ୱାସ୍ଥ୍ୟ, ଏବଂ ପରିବହନ କ୍ଷେତ୍ରକୁ ପ୍ରାଥମିକତା

### ଏପ୍ରିଲ୍‌ରୁ ନୂଆ ଆୟକର ନିୟମ

### କ୍ରୀଡ଼ା କ୍ଷେତ୍ର, ଗେମିଂ, ବୟନଶିଳ୍ପ ଓ କୃଷି କ୍ଷେତ୍ରରେ ସୃଷ୍ଟି ହେବ ବ୍ୟାପକ ନିଯୁକ୍ତି ସୁଯୋଗ

### ଖୋଲିବ ୩ ଆୟୁର୍ବେଦିକ ଏମ୍ସ

### ୭ ହାଇ-ସ୍ପିଡ୍ ରେଳ କରିଡର୍ ନିର୍ମାଣ ପାଇଁ ଯୋଜନା

୨୦୨୬-୨୭ ବଜେଟ୍‌ରେ ନିର୍ମଳା ଦେଶ ତଥା ସମାଜର ସବୁ ବର୍ଗର ହିତାଧିକାରୀଙ୍କ ପ୍ରତି ଗୁରୁତ୍ୱାରୋପ କରିବା ଦେଖିବାକୁ ମିଳିଛି। ତେବେ ପ୍ରତିରକ୍ଷା, କୃଷି ଓ ଗ୍ରାମୀଣ ବିକାଶକୁ ସରକାର ମୁଖ୍ୟତଃ ଫୋକସ୍ କରିଛନ୍ତି ଏବଂ ଏଥିପାଇଁ ବ୍ୟୟବରାଦ ପାଣ୍ଠିକୁ ବୃଦ୍ଧି କରିଛନ୍ତି।

ସେହିପରି ମହିଳା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବହନ କ୍ଷେତ୍ରକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି। ଗ୍ରାମୀଣସ୍ତରରେ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ତଥା ସ୍ୱାବଲମ୍ବୀ କରାଇବାର ଯୋଜନା ସମ୍ପର୍କରେ ବଜେଟ୍‌ରେ ଘୋଷଣା କରାଯାଇଛି। ସେହିପରି ଘରୁ ଦୂରରେ ରହି ପାଠ ପଢୁଥିବା ଛାତ୍ରୀ ତଥା କର୍ମଜୀବୀ ମହିଳାଙ୍କ ପାଇଁ ମଧ୍ୟ ପ୍ରତି ଜିଲ୍ଲାରେ ହଷ୍ଟେଲ୍ ନିର୍ମାଣ କରାଯିବା ନେଇ ଘୋଷଣା କରାଯାଇଛି। ବିଶେଷ କରି ଷ୍ଟେମ୍ (ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ, ଇଞ୍ଜିନିୟରିଂ ଏବଂ ଗଣିତ) ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରୀମାନଙ୍କ ରହଣି ସମସ୍ୟା ଦୂର କରିବା ପାଇଁ ଦେଶର ପ୍ରତ୍ୟେକ ଜିଲାରେ ▶▶ ୫

### ଶସ୍ତା

କ୍ୟାନସର୍ ରୋଗର ୧୭ଟି ଔଷଧ, ମଧୁମେହ ଭଳି ୭ ଗମ୍ଭୀର ରୋଗର ଔଷଧ, ମୋବାଇଲ୍, ମାଇକ୍ରୋ ଓଭେନ୍, କପଡ଼ା, ଚମଡ଼ାରୁ ପ୍ରସ୍ତୁତ ଜୋତା ଓ ବ୍ୟାଗ୍, ସୌରଚାଳିତ ବସ୍ତୁ, ସି-ଫୁଡ୍, ଇଭି ବ୍ୟାଟେରୀ, ବାୟୋ ସିଏନ୍‌ଜି ଗ୍ୟାସ୍।

### ମହଙ୍ଗା

ମଦ, ଖଣିଜ ପଦାର୍ଥ, ସ୍କ୍ରାପ୍, ସିଗାରେଟ୍, ପାନ ମସଲା, ସୌଖୀନ ପୋଷାକ, ତମାଖୁ ସାମଗ୍ରୀ, ଆମଦାନୀ ହେଉଥିବା ଘଣ୍ଟା

## ଓଡ଼ିଶାକୁ ପ୍ରାଥମିକତା

ବଜେଟ୍ ୨୦୨୬-୨୭ରେ ଓଡ଼ିଶାକୁ ପ୍ରାଥମିକତା ଦିଆଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିଜ ବଜେଟ୍ ଅଭିଭାଷଣରେ ସୂଚନା ଦେଇ କହିଛନ୍ତି ଯେ, ଓଡ଼ିଶାର ତାଳଚେର-ଅନୁଗୁଳ ଏବଂ କଳିଙ୍ଗନଗରରେ ବିରଳ ମୃତ୍ତିକା କରିଡର (ରେୟାର ଆର୍ଥ କରିଡର) ନିର୍ମାଣ କରାଯିବ। ବାକି ୪ ରାଜ୍ୟ (କେରଳ , ତାମିଲନାଡୁ, ଛତିଶଗଡ ଏବଂ ଝାଡଖଣ୍ଡ) ସହ ଓଡ଼ିଶାକୁ ମିଶାଇ ମୋଟ୍ ୫ ରାଜ୍ୟରେ ଏହି ସ୍ୱତନ୍ତ୍ର କରିଡର ନିର୍ମାଣ କରାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ତେବେ ଓଡ଼ିଶାରେ ବିରଳ ମୃତ୍ତିକା କରିଡର ହେବା ଦ୍ୱାରା ବିଭିନ୍ନ ଦ୍ରବ୍ୟର ଆମଦାନୀ/ରପ୍ତାନି ସହଜ ହୋଇପାରିବ। ▶▶ ୫

### ତାଳଚେର-ଅନୁଗୁଳ ଏବଂ କଳିଙ୍ଗନଗରରେ ବିରଳ ମୃତ୍ତିକା କରିଡର୍

### ନିର୍ମାଣ କରାଯିବ ଜାତୀୟ ଜଳ ମାର୍ଗ-୫

### ତାଳଚେର-ଅନୁଗୁଳ-କଳିଙ୍ଗନଗରକୁ ପାରାଦୀପ ଓ ଧାମରା ସହ ଯୋଡ଼ାଯିବ

### ଗହିରମଥା ଓ ଋଷିକୂଲ୍ୟା ନଦୀ ମୁହାଣରେ ପର୍ଯ୍ୟଟନକୁ ପ୍ରୋତ୍ସାହନ

## ସଂକ୍ଷେପରେ ବଜେଟ୍-୨୦୨୬

- ଓଡିଶା ସମେତ କେରଳ, ତାମିଲନାଡୁ, ଛତିଶଗଡ ଏବଂ ଝାଡଖଣ୍ଡକୁ ମିଶାଇ ମୋଟ୍ ୫ ରାଜ୍ୟରେ ହେବ ଖଣିଜ କରିଡର
- ଓଡ଼ିଶା ପାଇଁ ୫ ଜାତୀୟ ଜଳପଥ, ଜଳପଥରେ ଖଣିଜ ପଥର ପରିବହନକୁ ପ୍ରାଧାନ୍ୟ
- ଓଡ଼ିଶା ସମେତ ୫ ରାଜ୍ୟରେ ନିର୍ମାଣ ହେବ ବିରଳ ମୃତ୍ତିକା କରିଡର
- ଓଡ଼ିଶା, କର୍ଣ୍ଣାଟକ, କେରଳରେ କଇଁଛ ଅଣ୍ଡାଦାନ ସ୍ଥଳୀର ଉନ୍ନତି ହେବ
- ୫ ବର୍ଷରେ ୨୦ ନୂଆ ଜଳପଥ ନିର୍ମାଣ
- ଖେଲୋ ଇଣ୍ଡିଆ ମିଶନ୍‌ରେ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ
- କଷ୍ଟମ ଡ୍ୟୁଟି ୧୦%କୁ ହ୍ରାସ
- ୧୫୦୦ ମାଧ୍ୟମିକ ସ୍କୁଲ, ୫୦୦ କଲେଜରେ ଖୋଲିବ କଣ୍ଟେଣ୍ଟ କ୍ରିଏଟର ଲ୍ୟାବ୍
- ୮୦୦ ଜିଲ୍ଲାରେ ଝିଅମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ କରାଯିବ
- ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ହଷ୍ଟେଲ ନିର୍ମାଣ କରାଯିବ
- ୩ ଆୟୁର୍ବେଦିକ ଏମ୍ସ ଖୋଲିବାର ଘୋଷଣା
- ଚିକିତ୍ସା ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ୫ ମେଡିକାଲ୍ ହବ୍ ମଧ୍ୟ ପ୍ରତିଷ୍ଠା କରାଯିବ
- ୫ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଟାୟାର-୨ ଏବଂ ଟାୟାର-୩ ସହରଗୁଡ଼ିକର ବିକାଶ ପାଇଁ ୧୨.୨ ଲକ୍ଷ କୋଟି ଖର୍ଚ୍ଚ କରିବାକୁ ଘୋଷଣା
- ଗେମିଂରେ ୧୦ ଲକ୍ଷ ନିଯୁକ୍ତି ସୁଯୋଗ
- ବାୟୋଫାର୍ମା ଉଦ୍ୟୋଗ ପାଇଁ ୧୦ ହଜାର କୋଟି ନିବେଶ (୫ ବର୍ଷରେ ବ୍ୟୟ କରାଯିବ)
- ଜାମନଗରରେ ହେବ ହୁ' ଗ୍ଲୋବାଲ ଟ୍ରାଡିସନାଲ୍ ମେଡିସିନ୍ ସେଣ୍ଟର
- ବାରଣାସୀ ଓ ପାଟନାରେ ଜାହାଜ ମରାମତି ଇକୋ ସିଷ୍ଟମ୍
- ବାରଣାସୀ-ସିଲିଗୁଡି, ଦିଲ୍ଲୀ -ବାରଣାସୀ , ମୁମ୍ବାଇ-ପୁଣେ, ହାଇଦ୍ରାବାଦ-ଚେନ୍ନାଇ ଭଳି ନିର୍ମାଣ ହେବ ୭ଟି ହାଇସ୍ପିଡ୍ ରେଲୱେ କରିଡର
- ଶିଳ୍ପଭିତ୍ତିକ ରିସର୍ଚ୍ଚ ଓ ଟ୍ରେନିଂକୁ ଗୁରୁତ୍ୱ, କୁଶଳୀ ବ୍ୟକ୍ତି ସୃଷ୍ଟି କରିବାକୁ ପ୍ରାଧାନ୍ୟ
- ବୟନ ଶିଳ୍ପ ପାଇଁ ମହାତ୍ମା ଗାନ୍ଧୀ ଗ୍ରାମ୍ୟ ସ୍ୱରାଜ ଯୋଜନାରେ ହେବ ଟେକ୍ସଟାଇଲ୍ ପାର୍କ
- ବିଦେଶରେ ଶିକ୍ଷା ଓ ମେଡିକାଲ୍ ଶିକ୍ଷା କ୍ଷେତ୍ରରେ ଟିସିଏସ୍ ୨%କୁ ହ୍ରାସ
- ଛୋଟ ସହରରେ ତୀର୍ଥସ୍ଥଳକୁ ବିକଶିତ କରାଯିବ
- ସେମିକଣ୍ଡକ୍ଟର ୨.୦ ନେଇ ବଜେଟ୍‌ରେ ଘୋଷଣା
- ତ୍ରିମୁଖୀ ପଦ୍ଧତି ମାଧ୍ୟମରେ ଚାମ୍ପିଅନ୍ ଏମ୍ଏସ୍ଏମ୍ଇ ସୃଷ୍ଟି କରିବା
- ୧୦,୦୦୦ କୋଟି ଏସ୍ଏମ୍ଇ ଅଭିବୃଦ୍ଧି ପାଣ୍ଠି ମାଧ୍ୟମରେ ଇକ୍ୱିଟି ସହାୟତା
- ଆତ୍ମନିର୍ଭରଶୀଳ ଭାରତ ପାଣ୍ଠିକୁ ୨,୦୦୦ କୋଟି ଟପ୍-ଅପ୍, ଟ୍ରେଡ୍ସ ପ୍ଲାଟଫର୍ମ ମାଧ୍ୟମରେ ତରଳତା ସହାୟତା

## କେଉଁ କ୍ଷେତ୍ରକୁ କେତେ

| ବିଭାଗ | ବ୍ୟୟବରାଦ(କୋଟିରେ) |
|---|---|
| ପ୍ରତିରକ୍ଷା | ୭,୮୪,୬୭୮.୨୮ |
| ରେଳବାଇ | ୨,୮୧,୩୭୭.୩୨ |
| ସଡ଼କ ପରିବହନ ଓ ରାଜପଥ | ୩୦୯,୮୭୫.୩୦ |
| ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ | ୨୩୯,୫୨୧.୩୭ |
| ଗ୍ରାମୀଣ ବିକାଶ | ୧୯୭,୦୨୩.୧୪ |
| ମହିଳା ଓ ଶିଶୁ ବିକାଶ | ୨୮୧୮୩.୦୬ |
| ଶିକ୍ଷା | ୧୩୯,୨୮୯.୪୮ |
| ଅର୍ଥ | ୧,୯୭୨,୫୦୯.୪୮ |
| କୃଷି ଓ କୃଷକ କଲ୍ୟାଣ | ୧୪୦,୫୨୮.୭୮ |
| ଗୃହ ବ୍ୟାପାର | ୨୫୫, ୨୩୩.୫୩ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୧୦୬,୫୩୦.୪୨ |
| ରସାୟନ ଓ ସାର | ୧୭୭,୦୬୧.୪୭ |
| ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର | ୮୫,୫୨୨.୩୯ |
| ଜଳଶକ୍ତି | ୯୪,୮୦୭.୮୪ |
| ବିଜ୍ଞାନ ଓ ପ୍ରଯୁକ୍ତି | ୩୮,୨୬୦.୯୪ |
| ଶ୍ରମ ଓ ନିଯୋଜନ | ୩୨,୬୬୬.୩୧ |
| ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ | ୩୦,୪୪୩.୨୨ |
| ଶକ୍ତି | ୨୯,୯୯୬.୮୫ |
| ବାଣିଜ୍ୟ ଓ ଶିଳ୍ପ | ୧୭,୮୪୩.୯୦ |
| ବୈଦେଶିକ ବ୍ୟାପାର | ୨୨,୧୧୮.୯୭ |
| ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ | ୨୪,୫୬୬.୨୭ |
| କ୍ରୀଡ଼ା ଓ ଯୁବ ବ୍ୟାପାର | ୪୪୭୯.୮୮ |
| ଖଣି | ୩୮୦୬.୪୫ |
| ପରିବେଶ, ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ | ୩୭୫୯.୪୬ |
| ସଂସ୍କୃତ | ୩୪୧୬.୬୩ |
| ଅକ୍ଷୟଶକ୍ତ | ୩୨,୯୧୪.୬୭ |
| ସାମାଜିକ ନ୍ୟାୟ ଓ ସଶକ୍ତୀକରଣ | ୧୫,୩୫୭.୩୧ |
| ଇସ୍ପାତ | ୪୪୩.୧୮ |
| ବୟନ | ୫୨୭୯.୦୧ |
| ଆଦିବାସୀ ବ୍ୟାପାର | ୧୫,୪୨୧.୯୭ |
| ବନ୍ଦର, ପରିବହନ ଓ ଜଳମାର୍ଗ | ୫୧୬୪.୮୦ |



ବଜେଟ୍ ଉପସ୍ଥାପନ କରିବା ପୂର୍ବରୁ ନିଜ ଟିମ୍ ସହ ରାଷ୍ଟ୍ରପତିଙ୍କୁ ଭେଟୁଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ

## ଟଙ୍କାଟିଏ ଆସିବ କେଉଁଠୁ




## ଟଙ୍କାଟିଏ ଯିବ କୁଆଡ଼େ




## ଏହା ଯୁବଶକ୍ତି ପାଇଁ ବଜେଟ୍

**ନୂଆଦିଲ୍ଲୀ,୧।୨/ଏଜେନ୍ସି:**

ଅର୍ଥମନ୍ତ୍ରୀ ସୀତାରମଣଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ବଜେଟ୍ ଐତିହାସିକ। ଏହି ବଜେଟ୍ ଦେଶର ଯୁବଶକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ଦେଶରେ ଏବେ ସଂସ୍କାର ଏକ୍ସପ୍ରେସ ଆରମ୍ଭ ହୋଇଛି। ବଜେଟରେ କରାଯାଇଥିବା ପରିବର୍ତ୍ତନଗୁଡ଼ିକ ଭାରତର ସାହସୀ ଏବଂ ପ୍ରତିଭାବାନ ଯୁବପିଢ଼ିଙ୍କୁ ଏକ ମୁକ୍ତ ନିୟନ୍ତ୍ରଣ ପ୍ରଦାନ କରିବ, ଯେଉଁମାନେ ଅଭିବ୍ୟକ୍ତିରେ ପରିପୂର୍ଣ୍ଣ। ଦକ୍ଷତା, ପରିମାଣ ଏବଂ ସ୍ଥାୟୀତ୍ୱକୁ ସୁଦୃଢ଼ କରିବାର ଏକ ପ୍ରୟାସ କ୍ରମେ ଏହି ବଜେଟ୍ ପ୍ରସ୍ତୁତ କରାଯାଇଛି। ଦେଶ ପାଇଁ ସର୍ବବୃହତ୍ ସମ୍ପତ୍ତି ହେଉଛି ନାଗରିକ, ସୁତରାଂ ଦେଶର ପ୍ରତ୍ୟେକ ବର୍ଗର ନାଗରିକଙ୍କୁ ବଜେଟ୍‌ରେ ଫୋକସ୍ କରାଯାଇଛି। ଆମେ କେବଳ ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ହେବାରେ ▶▶ ୫

## ଭବିଷ୍ୟତବାଦୀ, ନିଯୁକ୍ତିଭିତ୍ତିକ ବଜେଟ୍

### ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ

**ନୂଆଦିଲ୍ଲୀ, ଭୁବନେଶ୍ୱର,୧।୨/ଏନ୍ଏନ୍ଏସ୍:**



'କେନ୍ଦ୍ର ବଜେଟ୍ ୨୦୨୬-୨୭' ଏକ ଭବିଷ୍ୟତବାଦୀ, ଯୁବଶକ୍ତି-କେନ୍ଦ୍ରିକ, ଜନହିତକର ଏବଂ ନିଯୁକ୍ତିଭିତ୍ତିକ ବଜେଟ୍। ଭାରତର ଅଭିବୃଦ୍ଧି ସାମର୍ଥ୍ୟର ସମ୍ପୂର୍ଣ୍ଣ ବିନିଯୋଗ, ସବୁ ବର୍ଗର ଲୋକଙ୍କ ସାମଗ୍ରିକ ବିକାଶ ଏବଂ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଲୋକଭିମୁଖୀ ବଜେଟ୍ ଉପସ୍ଥାପନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଏହି ବଜେଟ୍ ପୂର୍ବ ଭାରତ ବିଶେଷତଃ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ▶▶ ୫

## ଆର୍ଥିକ ଦସ୍ତାବିଜ ନୁହେଁ, ଦୂରଦର୍ଶୀ ରୋଡ୍‌ମ୍ୟାପ୍

**ଭୁବନେଶ୍ୱର ,୧।୨/ଏନ୍ଏନ୍ଏସ୍:**



କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ କେବଳ ଏକ ଆର୍ଥିକ ଦସ୍ତାବିଜ ନୁହେଁ, ବରଂ ବିକଶିତ ଭାରତ ଗଠନ ଦିଗରେ ଏକ ଦୂରଦର୍ଶୀ ରୋଡମ୍ୟାପ୍। ଏକ ସର୍ବସମାବେଶୀ ଅର୍ଥନୀତିର ପରିକଳ୍ପନା ସହ ଏହା ଯୁବପିଢ଼ିଙ୍କ ପାଇଁ ଅସରନ୍ତି ସୁଯୋଗ, କୃଷକଙ୍କ ପାଇଁ ସୁରକ୍ଷା କବଚ, ମଧ୍ୟବିତ୍ତଙ୍କ ପାଇଁ ଆଶ୍ୱସ୍ତି ଏବଂ ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନର ଏକ ନୂତନ ବାତାବରଣ ସୃଷ୍ଟି କରିଛି। 'ବିକାଶ ସହ ବିରାସତ' ମନ୍ତ୍ରକୁ ଆଧାର କରି ଏହି ବଜେଟ୍ ନବସୃଜନ, ଉତ୍ପାଦନ ଏବଂ ଜ୍ଞାନ ପରମ୍ପରା ମଧ୍ୟରେ ଏକ ଅପୂର୍ବ ସମନ୍ୱୟ ରକ୍ଷା କରିବାରେ ସମର୍ଥ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ ଓଡ଼ିଶାର ପ୍ରଗତି ପାଇଁ ଏହି ବଜେଟ୍‌ରେ ସ୍ୱତନ୍ତ୍ର ଦୃଷ୍ଟିପାତ କରାଯାଇଛି, ଯାହା ରାଜ୍ୟର ଅର୍ଥନୈତିକ କାୟାକଳ୍ପରେ ଏକ ମାଇଲଖୁଣ୍ଟ ▶▶ ୫




# ଶେୟାର୍ ମାର୍କେଟ୍ ଧରାଶାୟୀ

## ସେନ୍‌ସେକ୍ସ ୧,୫୪୬ ପଏଣ୍ଟ୍ ଓ ନିଫ୍ଟି ୪୯୫ ପଏଣ୍ଟ୍ ହ୍ରାସ

**ନୂଆଦିଲ୍ଲୀ, ୧।୨/ଏଜେନ୍ସି:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପନ କରିବା ପରେ ପରେ ଶେୟାର ମାର୍କେଟରେ ଏକ ଜବରଦସ୍ତ ହ୍ରାସ ଦେଖିବାକୁ ମିଳିଛି। ସେନ୍‌ସେକ୍ସ ୧୫୪୬ ପଏଣ୍ଟ (୨%) ହ୍ରାସ ପାଇଥିବା ବେଳେ ନିଫ୍ଟି ୪୯୫ ପଏଣ୍ଟ ହ୍ରାସ ପାଇଛି। ସେନସେକ୍ସ ୮୦,୭୨୨ରେ ବନ୍ଦ ହୋଇଥିବା ବେଳେ ନିଫ୍ଟି ୨୪,୮୨୫ ରେ ବନ୍ଦ ହୋଇଛି। ତେବେ ବଜେଟ୍ ଆସିବା ଦିନ କିମ୍ବା ବଜେଟ୍ ପୂର୍ବ ଦିନରେ ଏପ୍ରକାର ହ୍ରାସ ପୁଞ୍ଜି ନିବେଶକଙ୍କୁ ଭୟଭୀତ କରିଦେଇଛି। ଆଜି ଦିନରେ ନିବେଶକମାନେ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଗତ ସାତ ବର୍ଷ ମଧ୍ୟରେ ବଜେଟ୍ ଦିନ ଏହା ସବୁଠାରୁ ବଡ଼ ହ୍ରାସ। ପୂର୍ବରୁ, ୨୦୨୦-୨୧ ବଜେଟ୍ ଦିନ, ସେନସେକ୍ସ ୯୮୭ ପଏଣ୍ଟ ଏବଂ ନିଫ୍ଟି ୩୦୦ ପଏଣ୍ଟ ହ୍ରାସ ପାଇ ବନ୍ଦ ହୋଇଥିଲା। ଫ୍ୟୁଚର୍ସ ଟ୍ରେଡିଂ ଉପରେ ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ୍ ଟ୍ୟାକ୍ସ (ଏସ୍‌ଟିଟି) ୦.୦୨% ରୁ ୦.୦୫% କୁ ବୃଦ୍ଧି କରିବା ଏବଂ ବିକଳ୍ପ ପ୍ରିମିୟମ୍ ଏବଂ ବ୍ୟାୟାମ ବିକଳ୍ପ ଉପରେ ମଧ୍ୟ ଏସ୍‌ଟିଟି ୦.୧୫%କୁ ବୃଦ୍ଧି କରାଯିବା ନେଇ ସୀତାରମଣ ବଜେଟ୍‌ରେ ଏକ ପ୍ରସ୍ତାବ ଉପସ୍ଥାପନ କରିବା ପରେ ପରେ ଶେୟାର ମାର୍କେଟ୍‌ରେ ଭୟଙ୍କର ହ୍ରାସ ଦେଖିବାକୁ ମିଳିଥିଲା। ପ୍ରଥମରୁ ଭଲ ସ୍ଥିତିରେ ଥିବା ସେନ୍‌ସେକ୍ସରେ ଏପ୍ରକାର ହ୍ରାସ ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ପ୍ରାୟ ୧୧ ଲକ୍ଷ କୋଟି ହ୍ରାସ ପାଇଥିଲା। ୩୦ ସେନସେକ୍ସ ଷ୍ଟକ୍ ମଧ୍ୟରୁ ୨୭ଟିରେ ହ୍ରାସ ପରିଲକ୍ଷିତ ହୋଇଥିଲା।



# ପରମ୍ପରା: ଅର୍ଥମନ୍ତ୍ରୀଙ୍କୁ ଦହି ଚିନି ଖୁଆଇଲେ ରାଷ୍ଟ୍ରପତି

ବଜେଟ୍ ପରମ୍ପରା ଅନ୍ତର୍ଗତ ରବିବାର ସକାଳ ୯ଟା ୧୫ ମିନିଟ୍‌ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଷ୍ଟ୍ରପତି ଭବନରେ ପହଞ୍ଚି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଥିଲେ ଏବଂ ତାଙ୍କୁ ବଜେଟ୍‌ର ଏକ କପି ପ୍ରଦାନ କରିଥିଲେ। ଏହି ସମୟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମଧ୍ୟ ଅର୍ଥମନ୍ତ୍ରୀଙ୍କୁ ଦହି ଚିନି ଖୁଆଇ ବଜେଟ୍ ଉପସ୍ଥାପନ କରିବାକୁ ଆନୁଷ୍ଠାନିକ ଭାବରେ ଅଧିକାର ଦେଇଥିଲେ। ସଂସଦରେ ବଜେଟ୍ ଉପସ୍ଥାପନ କରିବା ପୂର୍ବରୁ ଅର୍ଥମନ୍ତ୍ରୀଙ୍କୁ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବା ଏବଂ ରାଷ୍ଟ୍ରପତି ତାଙ୍କୁ ମିଠା ଦହି ଖୁଆଇବାର ଏକ ନିଆରା ପରମ୍ପରା ରହିଆସିଛି। ଏହାକୁ ବଜେଟ୍ ପରମ୍ପରାର ଏକ ଅଂଶ ଭାବେ ବିବେଚନା କରାଯାଏ।

ରାଷ୍ଟ୍ରପତିଙ୍କ ଠାରୁ ଅନୁମତି ପାଇବା ପରେ ସକାଳ ୧୦ଟାରେ ଅର୍ଥମନ୍ତ୍ରୀ ସିଧାସଳଖ ସଂସଦ ଭବନରେ ପହଞ୍ଚିଥିଲେ। ୧୦ଟା ୧୫ମିନିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ସଂସଦ ଭବନ ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଂକ୍ଷିପ୍ତ ବୈଠକରେ କେନ୍ଦ୍ର କ୍ୟାବିନେଟ୍ ଆନୁଷ୍ଠାନିକ ଭାବରେ ବଜେଟ୍‌କୁ ଅନୁମୋଦନ କରିଥିଲେ। କାରଣ ନିୟମ ମୁତାବକ କ୍ୟାବିନେଟର ଅନୁମୋଦନ ବିନା ବଜେଟ୍ ଉପସ୍ଥାପନ କରାଯାଇପାରିବ ନାହିଁ।



# ଅରେଞ୍ଜ୍ ଇକୋନୋମିକୁ ପ୍ରାଧାନ୍ୟ



୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ୍‌ରେ ଅରେଞ୍ଜ୍ ଇକୋନୋମିକୁ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେଇଛନ୍ତି। ଅରେଞ୍ଜ୍ ଅର୍ଥନୀତି ବା ସୃଜନଶୀଳ ଅର୍ଥନୀତି, ସୃଜନଶୀଳତା, ସଂସ୍କୃତି ଏବଂ ବୌଦ୍ଧିକ ସମ୍ପତ୍ତି ଦ୍ୱାରା ପରିଚାଳିତ କ୍ଷେତ୍ରଗୁଡ଼ିକୁ ବୁଝାଏ, ଯେଉଁଠାରେ ମୂଲ୍ୟ ପାରମ୍ପରିକ ଉତ୍ପାଦନ ପରିବର୍ତ୍ତେ ଚିନ୍ତାଧାରା ଏବଂ ଜ୍ଞାନରୁ ଉତ୍ପନ୍ନ ହୋଇଥାଏ। ଏହା ଆନିମେସନ୍, ଗେମିଂ, ଫିଲ୍ମ, ସଙ୍ଗୀତ, ଭିଜୁଆଲ୍ ଇଫେକ୍ଟ୍ସ, ଡିଜାଇନ୍, ଡିଜିଟାଲ୍ ବିଷୟବସ୍ତୁ ଏବଂ କମିକ୍ସ-ଏଭିଜିସ୍ ଭଳି ଶିଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ କରେ। ଏହା ନିଯୁକ୍ତି ସୃଷ୍ଟି, ସ୍ଥାୟୀ ବିକାଶ ଏବଂ ସାଂସ୍କୃତିକ, ସାମାଜିକ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ପ୍ରମୁଖ ବାହକ ଭାବରେ କାର୍ଯ୍ୟ କରେ। ସୀତାରମଣ ଘୋଷଣା କରିଛନ୍ତି ସରକାର ଆଇଆଇସିଟି ମୁମ୍ବାଇକୁ ପ୍ରୋତ୍ସାହନ ଦେବେ। ସ୍କୁଲ୍/କଲେଜରେ କଣ୍ଟେଣ୍ଟ୍ କ୍ରିଏଟର୍ ଲ୍ୟାବ୍ସ ରହିବ। ୧୫ ଶହ ସେକେଣ୍ଡାରୀ ସ୍କୁଲ୍, ୫ ଶହ କଲେଜ୍‌ରେ ଏଭିଜିସି ସ୍ଥାପନ ହେବ। ୨୦୩୦ ମସିହା ସୁଦ୍ଧା ଏଭିଜିସି କ୍ଷେତ୍ରରେ ୨୦ ଲକ୍ଷ ଦକ୍ଷ ପେଶାଦାରୀ ପୂରଣ ଲକ୍ଷ୍ୟ ହେବ। ସ୍ଥାନୀୟ ପ୍ରତିଭାଙ୍କୁ ପୋଷଣ ସହ ଦେଶୀୟ ବୌଦ୍ଧିକ ସମ୍ପଦ ସୃଷ୍ଟି ହେବ।



# ଚର୍ଚ୍ଚାରେ ନିର୍ମଳାଙ୍କ କାଞ୍ଜିଭରମ୍ ଶାଢ଼ି

ଏଥର ତାମିଲନାଡୁର ପ୍ରସିଦ୍ଧ କାଞ୍ଜିଭରମ୍ ଶାଢ଼ୀ ପିନ୍ଧି ବଜେଟ୍ ଉପସ୍ଥାପନ କରିବାକୁ ଲୋକସଭାରେ ପହଞ୍ଚିଥିଲେ ନିର୍ମଳା ସୀତାରମଣ। ଏପରି କରି ସେ ତାଙ୍କ ଗୃହ ରାଜ୍ୟ ତାମିଲନାଡୁର ପ୍ରାଚୀନ ବୟନ କଳାକୁ ସମ୍ମାନ ଜଣାଇଛନ୍ତି। ଏଥର, ସେ ହାଲୁକା ସୁନେଲି ବାଦାମୀ ଚେକ୍ କାଟମ୍ ସହିତ ଏକ ବାଇଗଣୀ ହାତବୁଣା କଟମ୍ କାଞ୍ଜିଭରମ୍ ଶାଢ଼ି ଓ କଫି ବାଦାମୀ ବର୍ଡରରେ ସୂତା କାମ ହୋଇଥିବା ଶାଢ଼ି ପିନ୍ଧିଥିଲେ। ତାଙ୍କ ଶାଢ଼ୀକୁ ଦେଖି ଦକ୍ଷିଣ ରାଜ୍ୟ ବିଶେଷକରି ଆଗକୁ ନିର୍ବାଚନ ହେବାକୁ ଥିବା ତାମିଲନାଡୁ, କେରଳ ଆଦି ରାଜ୍ୟ ପାଇଁ କିଛି ବଡ଼ ଘୋଷଣା ହୋଇପାରେ ବୋଲି ଅନୁମାନ କରାଯାଉଥିଲା। ତେବେ ଏହି ଅନୁମାନ ବଜେଟ୍ ଉପସ୍ଥାପନ ପରେ ସତ ସାବ୍ୟସ୍ତ ହୋଇଛି। ତାମିଲନାଡୁ ଏବଂ କେରଳକୁ ଖଣିଜ ତଥା ରେଳ କରିଡର ଆଦି ମିଳିବା ନେଇ ଘୋଷଣା କରିଛନ୍ତି।

୨୦୧୯ରୁ ବଜେଟ୍ ଉପସ୍ଥାପନ କରିଆସୁଥିବା ନିର୍ମଳା ସୀତାରମଣ ପିନ୍ଧୁଥିବା ଶାଢ଼ୀର ଏକ ସ୍ୱତନ୍ତ୍ରତା ରହିଥାଏ। ଏଥିରୁ ଅନେକ କିଛି ବୁଝାପଡ଼ିଥାଏ। ମୁଖ୍ୟତଃ ତାଙ୍କ ଶାଢ଼ୀରୁ କେଉଁ ରାଜ୍ୟ ପାଇଁ ବଜେଟ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ତା'ର ଏକ ପୂର୍ବାଭାସ ମିଳିଯାଇଥାଏ। ସୁତରାଂ ସବୁଥର ଭଳି ଏଥର ମଧ୍ୟ ତାଙ୍କ କାଞ୍ଜିଭରମ୍ ଶାଢ଼ୀକୁ ନେଇ ଦକ୍ଷିଣ ରାଜ୍ୟଗୁଡ଼ିକ ପାଇଁ ଅନେକ କିଛି ଆଶା କରାଯାଉଥିଲା। ଚଳିତ ବର୍ଷ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଏସବୁ ରାଜ୍ୟ ପାଇଁ ସୀତାରମଣ କିଛି ବଡ଼ ଘୋଷଣା କରିପାରନ୍ତି ବୋଲି ଅନୁମାନ କରାଯାଉଥିଲା।



**ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬-୨୭ ବଜେଟ୍ ଉପସ୍ଥାପନ କରିଛନ୍ତି। ଏଥିରେ ସମାଜର ସବୁବର୍ଗ ତଥା ସବୁକ୍ଷେତ୍ରକୁ ପ୍ରାଥମିକତା ଦିଆଯାଇଥିବା ନେଇ ସରକାର ତଥା ଶାସକ ଦଳ ଦାବି କରୁଛନ୍ତି। କିନ୍ତୁ ବିରୋଧୀ ଦଳ ତଥା ଅର୍ଥନୀତିଜ୍ଞମାନେ କିଛି ଭିନ୍ନ ମତ ପୋଷଣ କରୁଛନ୍ତି। ଏମାନଙ୍କ ମତରେ ଏହି ବଜେଟ୍‌ରେ ସାଧାରଣ ଲୋକଙ୍କ ପାଇଁ ସେପରି କିଛି ବି ନାହିଁ। ସରକାର ଦେଶର ମଧ୍ୟବିତ୍ତ ବର୍ଗର ହିତାଧିକାରୀଙ୍କୁ ଉପେକ୍ଷା କରିଛନ୍ତି। ଯଦିଓ ଦେଶର ସାଧାରଣ ଜନତାଙ୍କ ଜୀବନଶୈଳୀରେ ସୁଧାର ଆଣିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏଥିରେ ନିଆଯାଇଛି, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବହନ ଭଳି କ୍ଷେତ୍ରକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି କିନ୍ତୁ ଏହା ଏକ ବିକଶିତ ଭାରତର ପ୍ରତିଛବି ବୋଲି କହିବା ଉଚିତ୍ ନୁହେଁ ବୋଲି ଦେଶର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ମୋଟାମୋଟି ଯାହା ଆଶା କରାଯାଉଥିଲା ସେପରି କିଛି ବି ଘୋଷଣା ଅର୍ଥମନ୍ତ୍ରୀଙ୍କ ଭାଷଣରେ ପ୍ରତିଫଳିତ ହୋଇନାହିଁ। ଯଦିଓ ଉପସ୍ଥାପିତ ହୋଇଥିବା ସଦ୍ୟତମ ବଜେଟ୍‌ରେ ସାଧାରଣ ଲୋକଙ୍କ ପାଇଁ କୌଣସି ବଡ଼ ଘୋଷଣା କରାଯାଇନାହିଁ, ରେଳ ପ୍ରକଳ୍ପ ଏବଂ ଆୟୁର୍ବେଦିକ ଭଳି ନୂତନ ବିକାଶ ବିଷୟରେ ଉଲ୍ଲେଖ କରାଯାଇଛି। ଅର୍ଥମନ୍ତ୍ରୀଙ୍କ ଭାଷଣରେ କୌଣସି ସିଧାସଳଖ ନିର୍ବାଚନ ଘୋଷଣାଜନିତ ଛାପ ମଧ୍ୟ ଦେଖିବାକୁ ମିଳିନାହିଁ।**

## ଦିର୍ଘ ବଜେଟର ଅଧିକାରିଣୀ ନିର୍ମଳା ସୀତାରମଣ

### ଲଗାତାର ୯ମ ଥର ବଜେଟ୍ ଉପସ୍ଥାପନ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବା ସହ ଏକ ନୂଆ ତଥା ବିରଳ କୃତୀତ୍ୱର ଅଧିକାରିଣୀ ହୋଇଛନ୍ତି। ସେ ଭାରତର ପ୍ରଥମ ଅର୍ଥମନ୍ତ୍ରୀ ଭାବେ ଲଗାତାର ୯ମ ଥର ପାଇଁ କେନ୍ଦ୍ରୀୟ ବଜେଟ୍ ଆଗତ କରିଛନ୍ତି। ଚଳିତ ବର୍ଷ ତାଙ୍କର ଅଭିଭାଷଣ ୧ ଘଣ୍ଟା ୨୫ ମିନିଟ୍ (୮୫ ମିନିଟ୍) ଧରି ଚାଲିଥିଲା। ଏହାସହ ସେ ଭାରତୀୟ ଇତିହାସରେ ପ୍ରଥମ ଅର୍ଥମନ୍ତ୍ରୀ ଭାବେ ଲଗାତାର ୯ ଥର ବଜେଟ୍ ଉପସ୍ଥାପନ କରି ନିଜର ପୂର୍ବ ରେକର୍ଡ ଭାଙ୍ଗିଛନ୍ତି। ତାଙ୍କର ଏହି ୮୫ ମିନିଟ୍‌ର ଭାଷଣ ଜୁଲାଇ ୨୦୨୪ର ବଜେଟ୍ ଅଭିଭାଷଣ ସହ ସମାନ ରହିଛି ଏବଂ ସମୟ ଅନୁଯାୟୀ ଏହା ତାଙ୍କର ନବମ ବଜେଟ୍ ମଧ୍ୟରେ ମୁଖ୍ୟ ତାଲିକାରେ ଷଷ୍ଠ ସ୍ଥାନରେ ରହିଛି। ଅର୍ଥମନ୍ତ୍ରୀଙ୍କ ୨୦୨୦ର ଭାଷଣ ଏପର୍ଯ୍ୟନ୍ତ ସବୁଠାରୁ ଦୀର୍ଘତମ ଭାଷଣ ହୋଇ ରହିଛି। ଆଜିର ଅଭିଭାଷଣରେ ସେ ମୁଖ୍ୟତଃ ନିବେଶ ଓ କର୍ତ୍ତବ୍ୟ ମନ୍ତ୍ର ଉପରେ ଗୁରୁତ୍ୱ ଦେଇଥିଲେ। ସୀତାରମଣଙ୍କ ଆଜିର ବଜେଟ୍ ଉପସ୍ଥାପନା ଉପସ୍ଥିତ ସାଂସଦ, କେନ୍ଦ୍ରମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ବେଶ୍ ପସନ୍ଦ ଆସିଥିଲା। ସୀତାରମଣଙ୍କ ବଜେଟ୍ ଉପସ୍ଥାପନା ସମୟରେ ମୋଦୀଙ୍କୁ ଟେବୁଲ୍ ଉପରେ ହାତ ବାଡେଇ ସ୍ୱାଗତ କରୁଥିବାର ଦେଖିବାକୁ ମିଳିଥିଲା। ପରେ ଦେଶବାସୀଙ୍କୁ ସମ୍ବୋଧିତ କରିବା ଅବସରରେ ମଧ୍ୟ ମୋଦୀ, ସୀତାରମଣଙ୍କୁ ଏପ୍ରକାର ଏକ ଜନହିତକର ଏବଂ ବିକଶିତ ଭାରତର ଛବି ପ୍ରତିଫଳିତ କରୁଥିବା ବଜେଟ୍ ପାଇଁ ଶୁଭେଚ୍ଛା ତଥା ଧନ୍ୟବାଦ ଜଣାଇଛନ୍ତି।

# କାଜୁ, ନଡ଼ିଆ ଏବଂ ଚନ୍ଦନ ଚାଷ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ

ବଜେଟ୍‌ରେ ଚାଷୀମାନଙ୍କ ପାଇଁ ବଡ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଉଚ୍ଚ ମୂଲ୍ୟର କୃଷିଜାତ ଦ୍ରବ୍ୟ ଯଥା କାଜୁ, ନଡିଆ ଏବଂ ଚନ୍ଦନ ଚାଷ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଛନ୍ତି ସରକାର। ଅର୍ଥମନ୍ତ୍ରୀ କହିଛନ୍ତି ୨୦୩୦ ସୁଦ୍ଧା ଭାରତୀୟ କାଜୁ ଓ ନଡ଼ିଆକୁ ବିଶ୍ୱର ଏକ ପ୍ରିମିୟମ୍ ବ୍ରାଣ୍ଡ ଭାବେ ଗଢ଼ିତୋଳିବା ଲକ୍ଷ୍ୟ ରଖାଯାଇଛି। ଏଥିସହିତ କଞ୍ଚାମାଲ ଉତ୍ପାଦନରେ ଦେଶକୁ ଆତ୍ମନିର୍ଭର କରିବା ପାଇଁ ସରକାର ଏକ ସମର୍ପିତ କାର୍ଯ୍ୟକ୍ରମ ଆରମ୍ଭ କରିବେ। ଭାରତର ସାମାଜିକ ଓ ସାଂସ୍କୃତିକ ଐତିହ୍ୟ ସହ ଜଡ଼ିତ ଚନ୍ଦନ ଚାଷକୁ ବୃଦ୍ଧି କରିବାକୁ ସରକାର ରାଜ୍ୟମାନଙ୍କ ସହ ସହଭାଗିତା କରିବେ। ଏଥିପାଇଁ ବୈଜ୍ଞାନିକ ଚାଷ ପ୍ରଣାଳୀ ଏବଂ ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଉପରେ ଫୋକସ୍ କରାଯିବ। ସେହିପରି ଶୁଖିଲା ଫଳ ଓ ବାଦାମ ଭଳି ପୁରୁଣା ଓ କମ୍ ଅମଳକ୍ଷମ ବଗିଚାଗୁଡ଼ିକର ପୁନରୁଦ୍ଧାର କରାଯିବ। ଅଖରୋଟ୍, ଆଲମଣ୍ଡ୍ ଏବଂ ପାଇନ୍ ନଟ୍‌ସର ଘନ ଚାଷ ପାଇଁ ସରକାରୀ ସହାୟତା ପ୍ରଦାନ କରାଯିବ। ଏହି ଯୋଜନାଗୁଡ଼ିକରେ ଗ୍ରାମୀଣ ଯୁବକମାନଙ୍କୁ ସାମିଲ କରାଯାଇ ମୂଲ୍ୟ ବୃଦ୍ଧି ଉପରେ ଜୋର୍ ଦିଆଯିବ, ଯାହା ଚାଷୀଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହେବ। ସେହିପରି ଉପକୂଳବର୍ତ୍ତୀ ଅଞ୍ଚଳରେ କୋକୋ ଏବଂ କାଜୁ ଚାଷକୁ ଅଧିକ ପ୍ରତିଯୋଗିତାମୂଳକ କରିବାକୁ ନୂତନ ଜ୍ଞାନକୌଶଳର ବ୍ୟବହାର କରାଯିବ। ଏହି ନୂତନ ନୀତି ଦ୍ୱାରା ପାରମ୍ପରିକ ଚାଷ ସହ ଅର୍ଥକରୀ ଫସଲକୁ ପ୍ରାଧାନ୍ୟ ମିଳିବ, ଯାହା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ଅର୍ଥମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।





# ବଜେଟ୍ ପ୍ରତିକ୍ରିୟା



"ଏହି ବଜେଟ୍ ଉତ୍ପାଦନ ଠାରୁ ଭିତ୍ତିଭୂମି ପର୍ଯ୍ୟନ୍ତ, ସ୍ୱାସ୍ଥ୍ୟ ଠାରୁ ପର୍ଯ୍ୟଟନ ଏବଂ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ, କୃତ୍ରିମ ଶକ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, କ୍ରୀଡ଼ା, ତୀର୍ଥସ୍ଥଳ ପର୍ଯ୍ୟନ୍ତ ଅର୍ଥାତ୍ ସମସ୍ତ କ୍ଷେତ୍ରକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ବଜେଟ୍‌ରେ ଯୁବପିଢ଼ି, ମହିଳା ଏବଂ କୃଷକମାନଙ୍କୁ କେନ୍ଦ୍ରରେ ରଖାଯାଇଛି, ଯାହା ଦେଶର ବିକାଶ ଏବଂ ପ୍ରଗତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହା ଏକ ଡେଭଲପଡ୍ ଇଣ୍ଡିଆ ବଜେଟ୍ ବା ବିକଶିତ ଭାରତ ବଜେଟ୍ ଯାହାକି ପ୍ରତ୍ୟେକ ଗ୍ରାମ, ସହର ସବୁଠୁ ଯୁବପିଢ଼ି, ମହିଳା ଏବଂ କୃଷକଙ୍କ ସ୍ୱପ୍ନକୁ ସଶକ୍ତ ତଥା ପୂରଣ କରିବା ସହ ବିକାଶର ଆଲୋକ ଆଣିବ। ଗ୍ରାମାଞ୍ଚଳ ହେଉ କିମ୍ବା କୃତ୍ରିମ ବୁଦ୍ଧିମତ୍ତା ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟା, ଏହି ବଜେଟ ପ୍ରତ୍ୟେକ କ୍ଷେତ୍ରକୁ ଆଗକୁ ନେବାର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। କ୍ରୀଡ଼ାଠାରୁ ଧାର୍ମିକ ସ୍ଥଳ ଏବଂ ତୀର୍ଥସ୍ଥଳ ପର୍ଯ୍ୟନ୍ତ, ଏହା ପ୍ରତ୍ୟେକ କ୍ଷେତ୍ର ପାଇଁ ନୂତନ ସମ୍ଭାବନା ରଖିଛି। ଏହି ବଜେଟ୍ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ଲକ୍ଷ୍ୟକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ଏତଦ୍‌ବ୍ୟତୀତ ଏହି ବଜେଟ୍ ଆଗାମୀ ୨୫ ବର୍ଷ ପାଇଁ ଏକ ସ୍ପଷ୍ଟ ରୋଡ୍‌ମ୍ୟାପ ପ୍ରତିଫଳିତ କରେ, ଯାହା ଦେଶକୁ ଆଗକୁ ବଢ଼ିବା ପାଇଁ ସଠିକ ଦିଗ ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଏପ୍ରକାର ଏକ ବଜେଟ୍ ପାଇଁ ଅଭିନନ୍ଦନ। ଏହି ବଜେଟ୍ ପ୍ରତ୍ୟେକ ଭାରତୀୟଙ୍କ ଆଶାକୁ ଦୃଢ଼ କରିବା ସହ ଦେଶକୁ ଆତ୍ମନିର୍ଭରଶୀଳ ଏବଂ ସଶକ୍ତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସାବ୍ୟସ୍ତ ହେବ। ବଜେଟ ୨୦୨୬ ଦେଶର ବିକାଶର ମୂଳଦୁଆକୁ ଆହୁରି ମଜଭୁତ କରିବ ଏବଂ ଭାରତକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡକୁ ନେଇଯିବ।"

**- ଅମିତ୍ ଶାହ, ସ୍ୱରାଷ୍ଟ୍ର ମନ୍ତ୍ରୀ**

" ଏହା ଯୁବଶକ୍ତି ପାଇଁ ନିଯୁକ୍ତି ପ୍ରଦାନ କରୁଥିବା ବଜେଟ୍ ନୁହେଁ। ଉତ୍ପାଦନ କ୍ଷେତ୍ର ହ୍ରାସ ପାଉଛି। ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି। ଘରୋଇ ସଞ୍ଚୟ ଅତ୍ୟନ୍ତ ହ୍ରାସ ପାଉଛି। ଏହା ଏକ ନିରାଶାଜନକ ବଜେଟ୍। ବଜେଟ୍ ଆଳରେ ମୋଦୀ ସରକାର ସାଧାରଣ ଲୋକଙ୍କୁ କିଛି ବି ଦେଇନାହାନ୍ତି। ବଜେଟରେ କୃଷକ ଓ ଯୁବପିଢ଼ିଙ୍କ ନିଯୁକ୍ତି ପାଇଁ କୌଣସି ଖୋରାକ ନାହିଁ। "



**- ରାହୁଲ ଗାନ୍ଧୀ, ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ**

"ଏହା ଏକ ବିକ୍ଷିପ୍ତ ବଜେଟ୍। ଏଥିରେ ଦେଶର ସାଧାରଣ ନାଗରିକଙ୍କ ପାଇଁ କିଛି ବି ନାହିଁ। ଅର୍ଥମନ୍ତ୍ରୀ ୩ଟି କରିଡର କଥା ଯାହା ବି କହିଛନ୍ତି ସେସବୁ ସମ୍ପୂର୍ଣ୍ଣ ମିଛ। ଏହି ପ୍ରକଳ୍ପଗୁଡ଼ିକ ପୂର୍ବରୁ ଚାଲିଛି। ଆମେ ସେଗୁଡ଼ିକ ଉପରେ କାମ ଆରମ୍ଭ କରିଛୁ। ମୋଦୀ ସରକାର ଏକ ହମ୍ପଟି ଡମ୍ପଟି ବଜେଟ୍ ଉପସ୍ଥାପନ କରିଛନ୍ତି। ବଜେଟ୍‌ରେ ଉଦ୍ଦେଶ୍ୟମୂଳକ ଭାବେ ପଶ୍ଚିମବଙ୍ଗକୁ ଗୌଣ କରାଯାଇଛି। ଏହା ଏକ ଦିଗହୀନ, ଦୂରଦ୍ରଷ୍ଟିହୀନ୍ ଏବଂ ଜନବିରୋଧୀ ବଜେଟ୍ ହେବା ସହ ଏହା ମହିଳା, କୃଷକ,ଶିକ୍ଷା ଏବଂ ଅନୁସୂଚୀତ ଜାତି ଓ ଜନଜାତି ବିରୋଧୀ ବୋଲି ମଧ୍ୟ ପ୍ରମାଣିତ ହୋଇଛି।"



**- ମମତା ବାନାର୍ଜୀ, ମୁଖ୍ୟମନ୍ତ୍ରୀ (ପଶ୍ଚିମବଙ୍ଗ)**



'ଏହି ବଜେଟ ଗରିବ ଏବଂ ଗାଁରେ ରହୁଥିବା ଲୋକଙ୍କ ବୁଝାମଣା ବାହାରେ। ଏହି ବଜେଟ୍ ନା ଚାକିରି ପ୍ରଦାନ କରେ ନା ନିଯୁକ୍ତି ସୁଯୋଗ ପ୍ରଦାନ କରେ। ଏପରିକି ଏହି ବଜେଟ୍ ଗରିବଙ୍କୁ ଖାଦ୍ୟ ମଧ୍ୟ ଯୋଗାଇପାରିବ ନାହିଁ। ଏହା ନିଯୁକ୍ତି ସୁଯୋଗର ସମ୍ଭାବନାକୁ ମଧ୍ୟ ଉଜାଗର କରୁନାହିଁ। ଏହା କେବଳ ଏକ ସ୍ୱପ୍ନର ପ୍ରତିଶ୍ରୁତି ଦେଉଥିବା ବଜେଟ୍। ଯେଉଁ ସରକାରଙ୍କଠାରୁ କୌଣସି ଆଶା ନାହିଁ, ସେଠାରୁ କ'ଣ ଆଶା କରାଯାଇପାରିବ ? ଏହି ବଜେଟ୍ କେବଳ ୫% ଜନସଂଖ୍ୟା ପାଇଁ ଡିଜାଇନ୍ କରାଯାଇଛି।'

**- ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ**

# ସାଧାରଣ ଜନତାଙ୍କୁ କ'ଣ ମିଳିଲା

## ଚାଷୀ, ଯୁବପିଢ଼ି ଓ ମଧ୍ୟବିତ୍ତଙ୍କ ପାଇଁ ବଡ଼ ଘୋଷଣା



**୧. ମତ୍ସ୍ୟଚାଷ, ପଶୁପାଳନ ପାଇଁ ପ୍ରୋତ୍ସାହନ:** ଏହି କ୍ଷେତ୍ର ଦିଗରେ ପ୍ରୋତ୍ସାହନ ଦିଆଯାଇ କୃଷି ଭିତ୍ତିକ ଶିଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳରେ ନିଯୁକ୍ତି ସୁଯୋଗ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଚାଷୀଙ୍କୁ ବୈଷୟିକ ଜ୍ଞାନକୌଶଳ ସହ ଯୋଡ଼ିବା ପାଇଁ ଡିଜିଟାଲ କୃଷି ମିଶନକୁ ବ୍ୟାପକ କରାଯିବ, ଯାହାଦ୍ୱାରା ଅମଳ ଏବଂ ଆୟ ବୃଦ୍ଧି ହେବ।

**୨. ଯୁବପିଢ଼ି ଓ ଶିକ୍ଷା:** ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଛାତ୍ରୀନିବାସ ପ୍ରତିଷ୍ଠା କରାଯିବ, ଯାହା ଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଉତ୍ସାହିତ କରିବ। ଏହି ଛାତ୍ରୀନିବାସରେ କର୍ମଜୀବୀ ମହିଳା ଏବଂ ଛାତ୍ରୀମାନେ ରହିପାରିବେ। ଦେଶରେ ନୂତନ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟ ଟାଉନସିପ୍ ଗଠନ କରି ଦକ୍ଷତା ବିକାଶ ଉପରେ ଜୋର୍ ଦିଆଯିବ।

**୩. ଛୋଟ ବ୍ୟବସାୟୀ (ଏମ୍‌ଏସ୍‌ଏମ୍‌ଇ):** କ୍ଷୁଦ୍ର ଓ ମଧ୍ୟମ ବର୍ଗର ବ୍ୟବସାୟୀଙ୍କ ପାଇଁ ଋଣ ପ୍ରକ୍ରିୟାକୁ ସହଜ କରାଯାଇଛି। ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସରକାର ସ୍ୱତନ୍ତ୍ର ପ୍ୟାକେଜ୍ ଓ ସୁଧ ରିହାତିର ବ୍ୟବସ୍ଥା କରିଛନ୍ତି।

**୪. ସ୍ୱାସ୍ଥ୍ୟସେବା:** ଦେଶରେ ଅଧିକ ସଂଖ୍ୟକ ଡାକ୍ତରଖାନା ନିର୍ମାଣ ସହ ମାନସିକ ସ୍ୱାସ୍ଥ୍ୟ ପାଇଁ ସ୍ୱତନ୍ତ୍ର କେନ୍ଦ୍ର ଖୋଲାଯିବ। ସାଧାରଣ ଲୋକେ ଯେପରି ସହଜରେ ଓ ଶସ୍ତାରେ ଉନ୍ନତ ଚିକିତ୍ସା ପାଇପାରିବେ, ତାହା ନିଶ୍ଚିତ କରାଯାଇଛି।

**୫. ଯୋଗାଯୋଗ:** ସହରୀ ବିକାଶକୁ ଗତିଶୀଳ କରିବା ପାଇଁ ୭ଟି ନୂତନ ହାଇସ୍ପିଡ୍ ରେଳ କରିଡର ନିର୍ମାଣ ହେବ। ଏହାଦ୍ୱାରା ଦୂରତା କମିବା ସହ ବ୍ୟବସାୟିକ ଯୋଗାଯୋଗ ସହଜ ହେବ।




ବଜେଟ୍ ୨୦୨୬-୨୭କୁ ନେଇ ଯେତେମାତ୍ରାରେ ଆଶା ସଞ୍ଚାର ହୋଇଥିଲା ତାହା କିନ୍ତୁ ଫଳବତୀ ହୋଇନାହିଁ । ଗୋଟିଏ ପଟେ ଆୟକର ଦାତାଙ୍କ ପାଇଁ ଟିକସ ସଂକ୍ରାନ୍ତରେ କୌଣସି ଆଶ୍ୱସ୍ତି ପ୍ରଦାନ କରାଯାଇନାହିଁ, ଯଦିଓ ଆୟକର ଖିଲାପି କ୍ଷେତ୍ରରେ ଜେଲ୍‌ଦଣ୍ଡାଦେଶକୁ ଅର୍ଥଦଣ୍ଡରେ ପରିଣତ କରାଯାଇଛି । ସେହିପରି ପ୍ରଧାନମନ୍ତ୍ରୀ କିଷାନ୍ ସମ୍ମାନ ନିଧି ଯୋଜନା ଅନ୍ତର୍ଗତ ସହାୟତା ରାଶିକୁ ୯ହଜାର ଟଙ୍କାକୁ ବୃଦ୍ଧି କରାଯିବା ନେଇ ଗତ ୨ ବର୍ଷରୁ ଅଧିକ ସମୟ ଧରି ପ୍ରସ୍ତାବିତ ପ୍ରସ୍ତାବ ଉପରେ ମଧ୍ୟ ସରକାର କିଛି ବି କହିନାହାନ୍ତି । ଏହା ଚାଷୀମାନଙ୍କୁ ମାତ୍ରାଧିକ ନିରାଶ କରିଛି । ମହିଳାଙ୍କ ପାଇଁ ଅନେକ କିଛି ବଜେଟ୍‌ରେ ଘୋଷଣା କରାଯାଇଛି ସତ କିନ୍ତୁ ବିଶେଷଜ୍ଞଙ୍କ ମତରେ ସରକାର ଏହି କ୍ଷେତ୍ର ପ୍ରତି ଅଧିକ କିଛି ଘୋଷଣା କରିପାରିଥାଆନ୍ତେ । ମହିଳାଙ୍କ ସୁରକ୍ଷା ସଂକ୍ରାନ୍ତରେ ସେପରି ବିଶେଷ କିଛି ଘୋଷଣା କରାଯାଇନାହିଁ । ସେହିପରି ପୁଞ୍ଜି ନିବେଶଙ୍କ କ୍ଷେତ୍ରରେ ମଧ୍ୟ ସରକାର କୌଣସି ସହାନୁଭୂତି ଦେଖାଇନାହାନ୍ତି । ଓଲଟା ଫ୍ୟୁଚର୍ସ ଟ୍ରେଡ଼ିଂ ଉପରେ ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ୍ ଟ୍ୟାକ୍ସ (ଏସ୍‌ଟିଟି) ୦.୦୨% ରୁ ୦.୦୫% କୁ ବୃଦ୍ଧି କରିବା ଏବଂ ବିକଳ୍ପ ପ୍ରିମିୟମ୍ ଏବଂ ବ୍ୟାୟାମ ବିକଳ୍ପ ଉପରେ ମଧ୍ୟ ଏସ୍‌ଟିଟି ୦.୧୫%କୁ ବୃଦ୍ଧି କରାଯିବା ନେଇ ଘୋଷଣା କରାଯାଇଛି । ଏହା ଶେୟାର ମାର୍କେଟ୍ ଉପରେ ଭୟଙ୍କର ପ୍ରଭାବ ପକାଇଛି । ଗୋଟିଏ ଦିନରେ ନିବେଶକମାନେ ୧୧ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । କିନ୍ତୁ ଏସବୁ ସତ୍ତ୍ୱେ ଆୟ ତୁଳନାରେ ବ୍ୟୟ ପରିମାଣକୁ ଅଧିକ ରଖିଛନ୍ତି କେନ୍ଦ୍ର ସରକାର ଏବଂ ସବୁ ବର୍ଗଙ୍କୁ ଖୁସି କରିବାକୁ ଚେଷ୍ଟା କରିବା ସ୍ୱାଗତଯୋଗ୍ୟ । ମୋଟାମୋଟି ପ୍ରଧାନମନ୍ତ୍ରୀଙ୍କ 'ସବ୍‌କା ସାଥ୍, ସବକାବିକାଶ'ର ମାର୍ଗଦର୍ଶକ ନୀତି ଏଥିରେ ପ୍ରତିଫଳିତ ହୋଇଛି । କୃଷି, ଶିକ୍ଷା,ପ୍ରତିରକ୍ଷା, ଭିତ୍ତିଭୂମି, ଯୋଗାଯୋଗ ଏବଂ ବାଣିଜ୍ୟ ଭଳି ଏକାଧିକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଏଥିରେ ପ୍ରାଥମିକତା ଦିଆଯାଇଛି, ଯାହାକି ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ହାସଲ ଦିଗରେ ବଡ଼ ଯୋଗଦାନ ରଖିବ ବୋଲି ଆଶାକରାଯାଉଛି ।



## ଜଳବାୟୁ ଲଢ଼େଇକୁ ପ୍ରୋତ୍ସାହନ



ଭାରତ ସରକାର ସମ୍ପ୍ରତି ବିଶ୍ୱସ୍ତରରେ ଚାଲିଥିବା ଜଳବାୟୁ ସମ୍ପର୍କୀତ ଲଢ଼େଇକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ହିଟ୍‌ୱେଭ୍, ବନ୍ୟା, ବାତ୍ୟା ଓ ବାୟୁ ପ୍ରଦୂଷଣ ଭଳି ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ମୁକାବିଲା ପାଇଁ ବଜେଟ୍‌ରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (ଏମ୍‌ଓଇଏଫ୍‌ସିସି)କୁ ସାମାନ୍ୟ ପ୍ରୋତ୍ସାହନ ଦିଆଯିବା ସମ୍ପର୍କରେ ଘୋଷଣା କରିଛନ୍ତି । ୨୦୨୬-୨୭ ପାଇଁ ପରିବେଶ ମନ୍ତ୍ରଣାଳୟକୁ ୩,୭୫୯.୪୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି, ଯାହା ୨୦୨୫-୨୬ ବଜେଟ୍ ଆକଳନ ୩,୪୮୧.୬୧ କୋଟି ଟଙ୍କାଠାରୁ ୨୭୮ କୋଟି ଟଙ୍କା ବା ପ୍ରାୟ ୮% ଅଧିକ ।

ଯଦିଓ ବିଶ୍ଳେଷକମାନେ କହିଛନ୍ତି ଯେ ଭାରତର ଜଳବାୟୁ ଓ ପରିବେଶ ଆହ୍ୱାନର ପରିମାଣକୁ ଦେଖିଲେ ଏହି ବୃଦ୍ଧି କିଛି ନୁହେଁ, କିନ୍ତୁ ୩,୭୫୯.୪୬ କୋଟି ଟଙ୍କା ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାରେ ମୁକାବିଲା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଦେବ ବୋଲି ଅନୁମାନ କରାଯାଉଛି ।

## ଏଆଇକୁ ବ୍ୟାପକ କରାଯିବ




କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍‌ରେ ଟେକ୍ନୋଲୋଜି କ୍ଷେତ୍ର ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ଅର୍ଥମନ୍ତ୍ରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସରକାରଙ୍କ ଲକ୍ଷ୍ୟ କେବଳ ବଡ଼ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ମଧ୍ୟରେ ଏଆଇକୁ ସୀମିତ କରିବା ନୁହେଁ, ବରଂ ଚାଷୀ, ମହିଳା ଏବଂ ଯୁବକମାନଙ୍କ ପାଇଁ ଏହାର ଲାଭ ପହଞ୍ଚାଇବା ପାଇଁ ଏକ ଠୋସ୍ ରଣନୀତି ବିକଶିତ କରାଯାଇଛି । ସୀତାରମଣଙ୍କ କହିବାନୁସାରେ ଏଆଇ କେବଳ କମ୍ପାନୀ ମଧ୍ୟରେ ସୀମିତ ରହିବ ନାହିଁ, ବରଂ ଏହାକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଯିବ । ସରକାର ମଧ୍ୟ ଚାହୁଁଛନ୍ତି ଯେ ଏଆଇର ଲାଭ ସମାଜର ପ୍ରତ୍ୟେକ ବର୍ଗରେ ପହଞ୍ଚିବା ଉଚିତ୍ ବୋଲି ସେ କହିଛନ୍ତି ।

ସୀତାରମଣଙ୍କ କହିବାନୁସାରେ ଏଆଇ ଚାଷୀ, ମହିଳା ଏବଂ ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିପାରିବ । ସରକାରଙ୍କ ଧ୍ୟାନ ଏଆଇ ମାଧ୍ୟମରେ ଲୋକଙ୍କ ଦକ୍ଷତା ବୃଦ୍ଧି କରିବା ଉପରେ ନିବଦ୍ଧ ରହିଛି । ଏଆଇ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ, ଜାତୀୟ ଗବେଷଣା ପାଣ୍ଠି ଏବଂ ଗବେଷଣା, ବିକାଶ ପାଣ୍ଠି ଅଧୀନରେ ଭାରତ ଏଆଇ ମିଶନ ଘୋଷଣା କରାଯାଇଛି । ଏହାର ଲକ୍ଷ୍ୟ ହେଉଛି ଦେଶରେ ଗବେଷଣା, କମ୍ପ୍ୟୁଟିଂ କ୍ଷମତା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା, ଯାହା ଦ୍ୱାରା ଭାରତ ବିଶ୍ୱ ପ୍ରଯୁକ୍ତିବିଦ୍ୟା ଦୌଡ଼ରେ ପଛରେ ନପଡ଼େ ତାହା ସୁନିଶ୍ଚିତ କରାଯିବ । ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ବିଶେଷକରି ଏଆଇ, ଭବିଷ୍ୟତରେ ଅର୍ଥନୈତିକ ଅଭିବୃଦ୍ଧିକୁ ଦ୍ରୁତ ଗତିରେ ତ୍ୱରାନ୍ୱିତ କରିବାର ସମ୍ଭାବନା ରଖିଛି ।

# ବିକଶିତ ଭାରତର ଝଲକ୍

### ଭାରତ ହେବ କ୍ରୀଡା ସାମଗ୍ରୀର ବୃହତ୍ ହବ୍

ଚଳିତ ବର୍ଷର କେନ୍ଦ୍ରୀୟ ବଜେଟ୍ କ୍ରୀଡା କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, "ଭାରତରେ କ୍ରୀଡା ସାମଗ୍ରୀ ପାଇଁ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବରେ ଉଭା ହେବାର ସମ୍ଭାବନା ରହିଛି ।" ସେ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କ୍ରୀଡା ସାମଗ୍ରୀକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ପଦକ୍ଷେପ ଘୋଷଣା କରିଛନ୍ତି । ସୀତାରମଣଙ୍କ କହିବାନୁସାରେ ଭାରତରେ କ୍ରୀଡା କିଟ୍ ବହୁତ ମହଙ୍ଗା, ଯାହା ଗରିବ, ନିମ୍ନ-ମଧ୍ୟବିତ୍ତ ଏବଂ ମଧ୍ୟବିତ୍ତ ଶ୍ରେଣୀର ପିଲାମାନଙ୍କ ପାଇଁ କ୍ରୀଡାରେ କ୍ୟାରିଅର କରିବା କଷ୍ଟକର କରିଦିଏ । ଯଦି ଭାରତରେ କ୍ରୀଡା ଉପକରଣ ତିଆରି ହୁଏ, ତେବେ ଏହା କମ ମୂଲ୍ୟରେ ଉପଲବ୍ଧ ହେବ । ସରକାର ଟିକସ ଛାଡ଼ କିମ୍ବା ସବସିଡି ମଧ୍ୟ ପ୍ରଦାନ କରିପାରିବେ । ଏହା ଧନୀ ପୃଷ୍ଠଭୂମିରୁ ନ ଆସୁଥିବା ଉଦୀୟମାନ ଖେଳାଳିମାନଙ୍କୁ ସିଧାସଳଖ ଲାଭ ଦେବ । ପ୍ରତିଭା ବିକାଶରେ ପାଣ୍ଠି ବାଧା ସୃଷ୍ଟି କରିବ ନାହିଁ ।



ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଛନ୍ତି ଯେ "ଖେଲୋ ଇଣ୍ଡିଆ" ମିଶନ ଅଧୀନରେ କ୍ରୀଡ଼ା କ୍ଷେତ୍ର ଅନେକ ଲାଭ ପାଇବ, ଯେଉଁଥିରେ ତାଲିମ କେନ୍ଦ୍ର ଦ୍ୱାରା ସମର୍ଥିତ ଏକ ସମନ୍ୱିତ ପ୍ରତିଭା ବିକାଶ ପଥ, ପ୍ରଶିକ୍ଷକ ଏବଂ ସହାୟକ କର୍ମଚାରୀଙ୍କ ପଦ୍ଧତିଗତ ବିକାଶ ଉପରେ ଗୁରୁତ୍ୱ, କ୍ରୀଡ଼ା ବିଜ୍ଞାନ ଏବଂ ପ୍ରଯୁକ୍ତିର ସମନ୍ୱୟ, କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଯୋଗିତା ଏବଂ ଲିଗ୍ ଆୟୋଜନ ଏବଂ ତାଲିମ ଏବଂ ପ୍ରତିଯୋଗିତା ପାଇଁ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଅନ୍ତର୍ଭୁକ୍ତ ।

**"କ୍ରୀଡା ମାଧ୍ୟମରେ ନିଯୁକ୍ତି ସୁଯୋଗ"**

ଅର୍ଥମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ, "କ୍ରୀଡା କ୍ଷେତ୍ର ଅନେକ ନିଯୁକ୍ତି, ଦକ୍ଷତା ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରେ । ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ଆରମ୍ଭ ହୋଇଥିବା କ୍ରୀଡା ପ୍ରତିଭାଙ୍କ ପଦ୍ଧତିଗତ ତାଲିମ ଉପରେ ଆଧାର କରି, ମୁଁ ଆଗାମୀ ଦଶନ୍ଧି ମଧ୍ୟରେ କ୍ରୀଡା କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ ଖେଲୋ ଇଣ୍ଡିଆ ମିଶନ ଆରମ୍ଭ କରିବାକୁ ପ୍ରସ୍ତାବ ଦେଉଛି ।" କ୍ରୀଡା ଏକ ବିଶାଳ କ୍ଷେତ୍ର ଏବଂ ଯଦି ସରକାର ଏହାକୁ ପ୍ରୋତ୍ସାହିତ କରନ୍ତି, ତେବେ ଏହା ସ୍ପଷ୍ଟ ଭାବରେ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

### ପ୍ରତିରକ୍ଷା ବଜେଟ୍ ଏଥର ୭.୮୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି

ପ୍ରତିରକ୍ଷା କ୍ଷେତ୍ର ପାଇଁ ଏକ ବଡ଼ ଧରଣର ବ୍ୟୟବରାଦ ଘୋଷଣା କରିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । 'ଅପରେସନ ସିନ୍ଦୂର' ପରେ ସୀମାରେ ବଢୁଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ପ୍ରତିରକ୍ଷା ବଜେଟ୍‌କୁ ବୃଦ୍ଧି କରାଯାଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୭.୮୫ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ବଜେଟ୍ ଉପସ୍ଥାପନ କରିଛନ୍ତି । ଏହା ଗତ ଆର୍ଥିକ ବର୍ଷର ୬.୮୧ ଲକ୍ଷ କୋଟି ଟଙ୍କା ତୁଳନାରେ ଏକ ବଡ଼ ବୃଦ୍ଧି । ଯାହା ଦେଶର ମୋଟ ଜିଡିପିର ପ୍ରାୟ ୧୧% । ତେବେ ବ୍ୟୟବରାଦ ପ୍ରତିରକ୍ଷା ବଜେଟ୍‌ରେ ମୁଖ୍ୟତଃ ସେନାର ଆଧୁନିକୀକରଣ ତଥା ନୂତନ ଅସ୍ତ୍ରଶସ୍ତ୍ର କ୍ରୟ ପାଇଁ ବ୍ୟୟବରାଦକୁ ୨୧.୮୪ ପ୍ରତିଶତ ବୃଦ୍ଧି କରାଯାଇ ୨.୧୯ ଲକ୍ଷ କୋଟି ଟଙ୍କା କରାଯାଇଛି । ସେଥିମଧ୍ୟରୁ କେବଳ ବିମାନ ଏବଂ ଏରୋ-ଇଞ୍ଜିନ୍ ପାଇଁ ୬୩,୭୩୩ କୋଟି ଟଙ୍କା ଧାର୍ଯ୍ୟ ହୋଇଛି । ସେହିପରି ସେନାର ପରିଚାଳନା, ମରାମତି ଏବଂ ଦରମା ପାଇଁ ବ୍ୟୟବରାଦରେ ୧୭.୨୪% ବୃଦ୍ଧି କରାଯାଇଛି । ସେହିପରି ପ୍ରତିରକ୍ଷା ପେନସନ୍ ପାଇଁ ୧.୭୧ ଲକ୍ଷ କୋଟି ଟଙ୍କା ବରାଦ ହୋଇଛି । ଏଥିସହିତ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହୃତ ବିମାନର ମରାମତି ଓ ନିର୍ମାଣ ପାଇଁ ଆମଦାନୀ ହେଉଥିବା କଞ୍ଚାମାଲ ଉପରୁ ମୌଳିକ ସୀମା ଶୁଳ୍କ ଛାଡ଼ କରିବାକୁ ଅର୍ଥମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି । ଏହା ଦେଶୀୟ ମାନୁଫାକ୍‌ଚରିଂକୁ ଶକ୍ତିଶାଳୀ କରିବ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୨୦% ବୃଦ୍ଧି ପାଇଁ ଦାବି ହୋଇଥିବା ବେଳେ ସରକାର ଏହାଠାରୁ ମଧ୍ୟ ଅଧିକ ବ୍ୟୟବରାଦ କରିଛନ୍ତି । ଗତ ୨୬ ବର୍ଷ ମଧ୍ୟରେ ଭାରତର ପ୍ରତିରକ୍ଷା ବ୍ୟୟ ପ୍ରାୟ ୪୦% ବୃଦ୍ଧି ପାଇଛି, ଯାହା ସ୍ୱଦେଶୀ ଗବେଷଣା ଏବଂ ପ୍ରତିରକ୍ଷା ରପ୍ତାନିକୁ ଏକ ନୂଆ ଦିଗ ଦେବ ।



### ମହିଳାଙ୍କ ପାଇଁ ବଡ଼ ଘୋଷଣା

**- ଜାରି ରହିବ ଲକ୍ଷପତି ଦିଦି ଯୋଜନା**



କେନ୍ଦ୍ର ସରକାର ମଧ୍ୟ ଲକ୍ଷପତି ଦିଦି ଯୋଜନା ଜାରି ରଖିବା ଘୋଷଣା କରିଛନ୍ତି । ଏହି ଯୋଜନା ଅଧୀନରେ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୫ ଲକ୍ଷ ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ପ୍ରଦାନ କରାଯାଏ, ଯାହା ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ହାସଲ କରିବାରେ ସକ୍ଷମ କରିଥାଏ । ମହିଳାମାନେ ଏହି ଋଣ ଉପରେ ସରକାରୀ ସବ୍‌ସିଡି ମଧ୍ୟ ପାଇଥାନ୍ତି ।

**- ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ହେବ 'ଶି ମାର୍ଟସ'**

ସ୍ୱୟଂ ସହାୟକ ଉଦ୍ୟୋଗୀମାନଙ୍କ ଦ୍ୱାରା ଏଣିକି ଶି ମାର୍ଟସ୍ ପରିଚାଳିତ ହେବ ଏବଂ ଏହା ଏକ ଖୁଚୁରା ଦୋକାନ ଭାବରେ କାର୍ଯ୍ୟ କରିବ । କେନ୍ଦ୍ର ସରକାରଙ୍କ ଏହି ନୂତନ ଯୋଜନା ମହିଳା ଉଦ୍ୟୋଗୀମାନଙ୍କର ଏକ ବୃହତ ବଜାରରେ ପ୍ରବେଶ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖିଛି । ଏହି ଯୋଜନା ଅଧୀନରେ, ମହିଳାମାନେ କେବଳ ନିଜର ବ୍ରାଣ୍ଡ ସୃଷ୍ଟି କରିପାରିବେ ନାହିଁ ବରଂ ଯଥେଷ୍ଟ ଲାଭ ମଧ୍ୟ ଅର୍ଜନ କରିପାରିବେ । ଏହା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ମଧ୍ୟ ମଜବୁତ କରିବ ।

### ବିଦେଶରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ବଡ଼ ଉପହାର

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ବିଦେଶରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ବଡ଼ ଉପହାର ଘୋଷଣା କରିଛନ୍ତି । ସେ ବିଦେଶୀ ଶିକ୍ଷା ଉପରେ ଟିକସରେ ଗୁରୁତ୍ୱପୂର୍ଣ୍ଣ ରିହାତି ପ୍ରଦାନ କରିଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି ଯେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଟିସିଏସ୍ ହାର ୫%ରୁ ଏବେ ୨%କୁ ହ୍ରାସ କରାଯାଇଛି । ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଅଭିଭାବକମାନଙ୍କର ହଜାର ହଜାର ଟଙ୍କା ସଞ୍ଚୟ ହୋଇପାରିବ । ପ୍ରକାଶ, ଏହି ଟିକସ ୧୦ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ପଠାଇବା ଉପରେ ଲାଗୁ ହୋଇଥାଏ । ଏତଦ୍‌ବ୍ୟତୀତ ଚିକିତ୍ସା ଖର୍ଚ୍ଚ ଉପରେ ଟିସିଏସ୍ ୫%ରୁ ୨%କୁ ହ୍ରାସ କରାଯାଇଛି, ଅର୍ଥାତ୍ ବିଦେଶରେ ଚିକିତ୍ସା କିଛିଟା ଶସ୍ତା ହେବ । ସେହିପରି ବିଦେଶ ଯାତ୍ରା ସମୟରେ ହେଉଥିବା ଖର୍ଚ୍ଚ ଉପରେ ଟିସିଏସ୍ ମଧ୍ୟ ହ୍ରାସ କରାଯାଇଛି, ଯାହା ଯାତ୍ରା ଉତ୍ସାହୀମାନଙ୍କୁ କିଛି ଆଶ୍ୱସ୍ତି ପ୍ରଦାନ କରିଛି । ଏହା ସେମାନଙ୍କୁ ଅଧିକ ସୁଲଭ ମୂଲ୍ୟରେ ଯାତ୍ରା କରିବାକୁ ଅନୁମତି ଦେବ । ପୂର୍ବରୁ ଛୁଟିଦିନ ଏବଂ ଯାତ୍ରା ପ୍ୟାକେଜ୍ ବୁକ୍ କରୁଥିବା ଲୋକଙ୍କୁ ଏହି ଟିକସ ଦେବାକୁ ପଡୁଥିଲା । ଅର୍ଥମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ଛୋଟ ବ୍ୟବସାୟ, ଆଉଟସୋର୍ସିଂ ଏଜେନ୍ସି ଏବଂ ଫ୍ରିଲାନ୍ସରମାନଙ୍କ ପାଇଁ ଟିକସ ନିୟମକୁ ସରଳ କରାଯିବ ।



### ଉପକୃତ ହେବେ ଗ୍ରାମୀଣ ଯୁବକ

ବଜେଟ୍‌ରେ ଗ୍ରାମୀଣ ଯୁବକଙ୍କୁ ମଧ୍ୟ ପ୍ରାଥମିକତା ଦିଆଯାଇଛି । କେନ୍ଦ୍ର ଅର୍ଥମନ୍ତ୍ରୀ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ପଦକ୍ଷେପର ଉପରେ ପ୍ରସ୍ତାବ ଦେଇଛନ୍ତି । ଏହା ବୁଣାକାର ଏବଂ କୁଟୀର ଶିଳ୍ପକୁ ଲାଭ ଦେବ, ଯାହାଦ୍ୱାରା ଗରିବ ଗ୍ରାମୀଣ ଯୁବକମାନେ ସିଧାସଳଖ ଉପକୃତ ହେବେ । ବୁଣାକାର, ଗ୍ରାମ ଶିଳ୍ପ, ଏକ ଜିଲା ଏକ ଉତ୍ପାଦ (ଓଡିଓପି) ଯୋଜନା ଏବଂ ଗ୍ରାମୀଣ ଯୁବପିଢ଼ିଙ୍କୁ ଲାଭ ପହଞ୍ଚାଇବାର ଆଶା କରାଯାଉଛି । ଭାରତରେ କ୍ରୀଡ଼ା ସମ୍ବନ୍ଧୀୟ ଉତ୍ପାଦ ବିକଶିତ କରିବାର ସମ୍ଭାବନା ରହିଛି । ଏହାଦ୍ୱାରା ଗ୍ରାମୀଣ ଯୁବକଙ୍କ ପାଇଁ ନିଯୁକ୍ତି ତଥା ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ସେହିପରି ଦକ୍ଷତା ଏବଂ ଉତ୍ପାଦନ ଗୁଣବତ୍ତା ଉନ୍ନତ କରିବା ସହିତ ବିଶ୍ୱ ବଜାର ପ୍ରବେଶ ଏବଂ ବ୍ରାଣ୍ଡିଂକୁ ବୃଦ୍ଧି କରି ଖଦି, ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରକୁ ସମର୍ଥନ କରିବା ପାଇଁ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ପଦକ୍ଷେପ ପାଇଁ ଅର୍ଥମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି ।



### ଭାରତ ହେବ ଚିପ୍ ମାନୁଫାକ୍ଚରିଂ ହବ୍ ୪୦,୦୦୦ କୋଟି ବ୍ୟୟବରାଦ

ନିର୍ମଳା ସୀତାରମଣ ନିଜ ବଜେଟ୍ ଭାଷଣରେ କହିଛନ୍ତି ଯେ, ତାଙ୍କ ସରକାର ଭାରତକୁ ଏକ ଚିପ୍ ମାନୁଫାକ୍ଚରିଂ ହବ୍ ଭାବେ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହାର ଅର୍ଥ ଭାରତକୁ ସେମିକଣ୍ଡକ୍ଟର କ୍ଷେତ୍ରରେ ବିଶ୍ୱସ୍ତରୀୟ ଶକ୍ତି ଭାବେ ଗଢ଼ିତୋଳିବାକୁ ହେବ । ଭାରତର ବୈଷୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବଜେଟ୍‌ରେ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ (ଆଇଏସ୍‌ଏମ୍-୨.୦)ର




ଶୁଭାରମ୍ଭ ଘୋଷଣା ହୋଇଛି । ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ୪୦,୦୦୦ କୋଟି ଟଙ୍କାର ବ୍ୟୟବରାଦ ଘୋଷଣା କରିଛନ୍ତି ।

ସୀତାରମଣଙ୍କ କହିବାନୁସାରେ ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ସେମିକଣ୍ଡକ୍ଟର ନିର୍ମାଣ ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ କଞ୍ଚାମାଲ ଭାରତରେ ହିଁ ପ୍ରସ୍ତୁତ କରାଯିବ । କେବଳ ଚିପ୍ ନିର୍ମାଣ ନୁହେଁ, ବରଂ 'ଫୁଲ୍-ଷ୍ଟାକ୍ ଇଣ୍ଡିଆନ୍ ଆଇପି' ବା ଭାରତୀୟ ବୌଦ୍ଧିକ ସମ୍ପଦର ଡିଜାଇନ୍ ଏବଂ ବିକାଶ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି । ବିଶ୍ୱ ବଜାର ଉପରେ ନିର୍ଭରଶୀଳତା କମାଇବା ପାଇଁ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳାକୁ ଅଧିକ ଶକ୍ତିଶାଳୀ କରାଯିବ । ଶିଳ୍ପ-ଭିତ୍ତିକ ଗବେଷଣା ଏବଂ ତାଲିମ କେନ୍ଦ୍ର ମାଧ୍ୟମରେ ଏକ ଦକ୍ଷ କର୍ମଜୀବୀ ଦଳ ପ୍ରସ୍ତୁତ କରାଯିବ । ଏହି ପଦକ୍ଷେପ ଭାରତକୁ ବୈଷୟିକ କ୍ଷେତ୍ରରେ ଆତ୍ମନିର୍ଭର କରିବା ସହ ଲକ୍ଷ ଲକ୍ଷ ଯୁବକଙ୍କୁ ରୋଜଗାର ପ୍ରଦାନ କରିବାରେ ସହାୟକ ହେବ ବୋଲି ଅର୍ଥମନ୍ତ୍ରୀ ଆଶା ପୋଷଣ କରିଛନ୍ତି ।

# ଫୋକସ୍‌ରେ ପ୍ରମୁଖ କ୍ଷେତ୍ର

**୧. ଆୟକର ସ୍ଲାବ୍ ଅପରିବର୍ତ୍ତିତ:** କେନ୍ଦ୍ର ସରକାର ଏଥର ଆୟକର ଦାତାଙ୍କୁ ଟିକସଜନିତ କୌଣସି ଆଶ୍ୱସ୍ତି ଦେଇନାହାନ୍ତି । ଅର୍ଥାତ୍ ଏହା ପୂର୍ବବତ୍ ଅପରିବର୍ତ୍ତିତ ରହିଛି । ତେବେ ଆୟକରଦାତାଙ୍କୁ ନିଜ ସଂଶୋଧିତ ରିଟର୍ଣ୍ଣ ଫାଇଲ୍ ବା ଦାଖଲ କରିବା ପାଇଁ ୩ ମାସ ଅଧିକ ସମୟ ଦିଆଯାଇଛି । ଅର୍ଥାତ୍ ଡିସେମ୍ବର ୩୧ ପରିବର୍ତ୍ତେ ମାର୍ଚ୍ଚ ୩୧ ସୁଦ୍ଧା ସଂଶୋଧିତ ରିଟର୍ଣ୍ଣ ଦାଖଲ କରାଯାଇପାରିବ । ନୂତନ ଆୟକର ଆଇନ ୧ ଏପ୍ରିଲ, ୨୦୨୬ରୁ କାର୍ଯ୍ୟକାରୀ ହେବ । ସାଧାରଣ ଲୋକମାନେ ଯେପରି ସହଜରେ ପୂରଣ କରିପାରିବେ ସେଥିପାଇଁ ଫର୍ମଗୁଡ଼ିକୁ ପୁନଃନିର୍ମାଣ କରାଯାଇଛି । ଆୟକର ଦାତାଙ୍କ ପାଇଁ ସବୁଠାରୁ ବଡ଼ ଖୁସି ଖବର ହେଉଛି ଯେ ସରକାର ଏବେ ଆୟକର ଆଇନକୁ ଅପରାଧମୁକ୍ତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେଇଛନ୍ତି ।




ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଯଦି କୌଣସି କରଦାତାଙ୍କ ଆୟକର ଦାଖଲ କ୍ଷେତ୍ରରେ ଅସଙ୍ଗତି ଦେଖାଯାଏ କିମ୍ବା ସେ ଟିକସ ଲୁଚାଇ ରଖିଛନ୍ତି, ତେବେ ସେମାନଙ୍କୁ ଆଉ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ନାହିଁ । କେବଳ ଜରିମାନା ଦେଇ ମାମଲା ସମାଧାନ କରାଯାଇପାରିବ । ଏହି ନୂତନ ପରିବର୍ତ୍ତନ 'ନୂତନ ଆୟକର ଆଇନ'ର ଏକ ଅଂଶ ହେବ, ଯାହା ୧ ଏପ୍ରିଲ, ୨୦୨୬ ରୁ କାର୍ଯ୍ୟକାରୀ ହେବ । ସୀତାରମଣଙ୍କ କହିବାନୁସାରେ ସରକାରଙ୍କ ଲକ୍ଷ୍ୟ ହେଉଛି ଟିକସ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା, କରଦାତାଙ୍କୁ ଭୟଭୀତ କରିବା ନୁହେଁ । ଏହାବ୍ୟତୀତ, ବିଦେଶରେ ଅଘୋଷିତ ସମ୍ପତ୍ତି ଥିବା ଲୋକମାନଙ୍କୁ ଆଗାମୀ ୬ ମାସ ମଧ୍ୟରେ ପ୍ରକାଶନ ଯୋଜନା ଅଧୀନରେ ସେମାନଙ୍କର ସମ୍ପତ୍ତି ପ୍ରକାଶ କରିବାର ସୁଯୋଗ ଦିଆଯାଇଛି ।

**ଟିସିଏସ୍ ୨%କୁ ହ୍ରାସ**

ଏହା ବ୍ୟତୀତ, ବିଦେଶ ଯାତ୍ରା ଠାରୁ ଆରମ୍ଭ କରି ସମ୍ପତ୍ତି କ୍ରୟ ପର୍ଯ୍ୟନ୍ତ ସବୁକିଛି ପାଇଁ ନିୟମାବଳୀ ସାଧାରଣ ଲୋକଙ୍କ ପକେଟ ଏବଂ ସୁବିଧା ଅନୁସାରେ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ କରାଯାଇଛି । ପୂର୍ବରୁ ବିଦେଶୀ ଟୁର୍ ପ୍ୟାକେଜରେ ଟିସିଏସ୍ ହାର ୫% ରୁ ୨୦% ପର୍ଯ୍ୟନ୍ତ ରହିଥିଲା । କିନ୍ତୁ ସରକାର ଏବେ ଏହାକୁ ଫ୍ଲାଟ ୨% କୁ ହ୍ରାସ କରିଛନ୍ତି । ତେଣିକି ଏହା ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ବିଦେଶ ଯାତ୍ରା କିଛି ବି କାରଣ ପାଇଁ ହେଉ, ଏଣିକି କେବଳ ୨% ଟିସିଏସ୍ ହିଁ ପୈଠ କରିବାକୁ ହେବ ।

**୨. ସ୍ୱାସ୍ଥ୍ୟ:** କର୍କଟ ଔଷଧରୁ କଷ୍ଟମ୍ ଶୁଳ୍କ ହଟାଇ ଦିଆଯାଇଛି, ସୁତରାଂ କ୍ୟାନ୍‌ସର ଚିକିତ୍ସା ଶସ୍ତା ହେବ । କର୍କଟ ଚିକିତ୍ସାରେ ବ୍ୟବହୃତ ୧୭ଟି ଔଷଧ ଉପରୁ ମୌଳିକ କଷ୍ଟମ୍ ଶୁଳ୍କ ହଟାଇ ଦିଆଯାଇଛି । ଏଗୁଡ଼ିକ ଉନ୍ନତ କର୍କଟ ରୋଗ ପାଇଁ ଆମଦାନୀ ହୋଇଥିବା ଔଷଧ । ବର୍ତ୍ତମାନ, ୫% କଷ୍ଟମ୍ ଶୁଳ୍କ ପ୍ରଯୁଜ୍ୟ ଥିଲା । ହେମୋଫିଲିଆ, ସିକଲ୍ ସେଲ୍ ଏବଂ ମାଂସପେଶୀ ଡିଷ୍ଟ୍ରୋଫି ଭଳି ୭ଟି ବିରଳ ରୋଗର ଔଷଧକୁ ମଧ୍ୟ ଶୁଳ୍କମୁକ୍ତ କରାଯାଇଛି ।

**୩. ଆୟୁର୍ବେଦ:** ଭାରତକୁ ଏକ ବିଶ୍ୱ ବାୟୋଫାର୍ମାସ୍ୟୁଟିକାଲ୍ ଉତ୍ପାଦନ କେନ୍ଦ୍ର କରିବା ପାଇଁ ପ୍ରସ୍ତୁତି । ୩ଟି ଆୟୁର୍ବେଦିକ ଏମ୍ସ ନିର୍ମାଣ ଘୋଷଣା କରାଯାଇଛି । ଆୟୁର୍ବେଦିକ ଔଷଧ ପରୀକ୍ଷା ପାଇଁ ଜାତୀୟ ପରୀକ୍ଷାଗାର ପ୍ରତିଷ୍ଠା କରାଯିବ । ଭାରତକୁ ବିଶ୍ୱ ସ୍ତରରେ ଜୈବ ଔଷଧ ଉତ୍ପାଦନର ଏକ କେନ୍ଦ୍ର କରାଯିବ । ଆଗାମୀ ୫ବର୍ଷ ମଧ୍ୟରେ ଏକ ଲକ୍ଷ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କୁ ତାଲିମ ଦିଆଯିବ । ଏଥିପାଇଁ ୧୦,୦୦୦ କୋଟି ଟଙ୍କାର ବିନିଯୋଗ ଘୋଷଣା କରାଯାଇଛି ।



**୪. ବାଳିକା ଶିକ୍ଷା:** ପ୍ରାୟ ୮୦୦ ଜିଲ୍ଲାରେ ବାଳିକା ଛାତ୍ରାବାସ, ପ୍ରତି ଜିଲ୍ଲାରେ ଗୋଟିଏ । ଦେଶରେ ୭୮୯ ଜିଲ୍ଲା ଅଛି । ପ୍ରତ୍ୟେକ ଜିଲ୍ଲାରେ ବାଳିକା ଛାତ୍ରାବାସ ନିର୍ମାଣ କରାଯିବାର ଘୋଷଣା କରାଯାଇଛି । ବାଳିକା ଛାତ୍ରୀଙ୍କ ପାଇଁ ଷ୍ଟେମ୍ (ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ) ଶିକ୍ଷାକୁ ବିଶେଷ ପ୍ରାଥମିକତା ଦିଆଯାଇଛି ।

**୫. ମହିଳା:** ନିଯୁକ୍ତି ଏବଂ ଆୟ ବୃଦ୍ଧି ପାଇଁ ଲଖପତି ଦିଦି ଯୋଜନା ଅନୁରୂପ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଏସ୍‌ଏଚ୍‌ଇ-ମାର୍ଟସ ପ୍ରତିଷ୍ଠା କରାଯିବ । ଏହି ଦୋକାନଗୁଡ଼ିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିଜେ ପରିଚାଳିତ ହେବ । ମହିଳାମାନଙ୍କ ଦ୍ୱାରା ତିଆରି ଖାଦ୍ୟ, ହସ୍ତଶିଳ୍ପ, ପୋଷାକ ଏବଂ ସ୍ଥାନୀୟ ଉତ୍ପାଦ ଏଠାରେ ସିଧାସଳଖ ବିକ୍ରି ହେବ । ଏହା ମଧ୍ୟସ୍ଥିଙ୍କ ଭୂମିକାକୁ ହ୍ରାସ କରିବ ଏବଂ ମହିଳାମାନଙ୍କୁ ସେମାନଙ୍କ ବ୍ୟବସାୟର ମାଲିକାନା ପ୍ରଦାନ କରିବ ।



**୬. ରେଳ-ଜଳପଥ ଏବଂ ସବୁଜ ପରିବହନ କ୍ଷେତ୍ର:** ସହରଗୁଡ଼ିକ ମଧ୍ୟରେ ୭ଟି ନୂତନ ହାଇ-ସ୍ପିଡ୍ ରେଳ କରିଡର ନିର୍ମାଣ କରାଯିବ । ଏଗୁଡ଼ିକ ମୁମ୍ବାଇ-ପୁଣେ, ପୁଣେ-ହାଇଦ୍ରାବାଦ, ହାଇଦ୍ରାବାଦ-ଚେନ୍ନାଇ, ହାଇଦ୍ରାବାଦ-ବେଙ୍ଗାଲୁରୁ, ଚେନ୍ନାଇ-ବେଙ୍ଗାଲୁରୁ, ଦିଲ୍ଲୀ-ବାରାଣାସୀ ଏବଂ ବାରାଣାସୀ-ସିଲିଗୁଡ଼ି ମଧ୍ୟରେ ନିର୍ମାଣ କରାଯିବ । ଆଗାମୀ ୫ ବର୍ଷ ମଧ୍ୟରେ ୨୦ଟି ନୂତନ ଜାତୀୟ ଜଳପଥ ନିର୍ମାଣ କରାଯିବ । ବାରାଣାସୀ ଏବଂ ପାଟନାରେ ଜାହାଜ ମରାମତି ସୁବିଧା ବିକଶିତ କରାଯିବ ।



**୭. ପ୍ରତିରକ୍ଷା ବଜେଟ୍‌ରେ ୧୫% ବୃଦ୍ଧି:** ସେନାର ଆଧୁନିକୀକରଣ ପାଇଁ ୨.୧୯ ଲକ୍ଷ କୋଟି ଖର୍ଚ୍ଚ କରାଯିବ । ପ୍ରତିରକ୍ଷା ବଜେଟ୍ ପାଇଁ ୭.୮୫ ଲକ୍ଷ କୋଟିର ବ୍ୟବସ୍ଥା କରାଯାଇଛି । ଏହା ଗତ ବର୍ଷର ୬.୮୧ ଲକ୍ଷ କୋଟି ତୁଳନାରେ ୧୫.୨% ବୃଦ୍ଧିକୁ ପ୍ରତିନିଧିତ୍ୱ କରେ । ଏହି ମୋଟ ପରିମାଣ ମଧ୍ୟରୁ, ୨.୧୯ ଲକ୍ଷ କୋଟି ସଶସ୍ତ୍ର ବାହିନୀର ଆଧୁନିକୀକରଣ ପାଇଁ ଖର୍ଚ୍ଚ କରାଯିବ, ଯାହା ଗତ ବର୍ଷ ୧.୮୦ ଲକ୍ଷ କୋଟି ଥିଲା । ସେହିପରି ବିମାନ ଏବଂ ଏରୋଇଞ୍ଜିନ୍ ବିକାଶ ପାଇଁ ୬୪,୦୦୦ କୋଟି ଏବଂ ନୌସେନା ନୌବାହିନୀ ପାଇଁ ୨୫,୦୦୦ କୋଟି ବ୍ୟୟବରାଦ କରାଯାଇଛି । ପେନସନ୍ ପାଇଁ ୧.୭୧ ଲକ୍ଷ କୋଟି ବ୍ୟୟବରାଦ କରାଯାଇଛି ।



**୮. କୃଷି ଏବଂ ପଶୁପାଳନ:** ଆୟ ଏବଂ ନିଯୁକ୍ତି ସୁଯୋଗ ବୃଦ୍ଧି ଉପରେ ଧ୍ୟାନ ଦିଆଯିବ । ପ୍ରାୟ ୩୦ ନିୟୁତ ଲୋକଙ୍କୁ ନଡ଼ିଆ ପ୍ରୋତ୍ସାହନ ଯୋଜନା ସହିତ ଯୋଡାଯିବ । ମାଛ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ୫୦୦ ପୋଖରୀ ଏବଂ ଅମୃତ ସରୋବର ବିକଶିତ କରାଯିବ । ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ପଶୁପାଳନରେ ନୂତନ ବ୍ୟବସାୟକୁ ପ୍ରୋତ୍ସାହିତ କରାଯିବ । ରାଜ୍ୟମାନଙ୍କ ସହଯୋଗରେ ଭାରତୀୟ ଚନ୍ଦନ କାଠ ଶିଳ୍ପକୁ ପୁନଃପ୍ରତିଷ୍ଠିତ କରାଯିବ । ୨୦୩୦ ସୁଦ୍ଧା କାଜୁ ଏବଂ କୋକୋକୁ ବିଶ୍ୱ ସ୍ତରରେ ମାନ୍ୟତା ଦେବା ଲକ୍ଷ୍ୟ ରଖାଯାଇଛି ।



**୯. ହସ୍ତତନ୍ତ କାରିଗରଙ୍କ ପାଇଁ ସମର୍ଥନ:** ଜାତୀୟ ଫାଇବର ଯୋଜନା, ଖଦିର ପ୍ରୋତ୍ସାହନ । ଜାତୀୟ ହସ୍ତତନ୍ତ ନୀତି କାରିଗରମାନଙ୍କୁ ପ୍ରୋତ୍ସାହନ ଏବଂ ସମର୍ଥନ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ । ମେଗା ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା କରାଯିବ । ମାନବ ନିର୍ମିତ ତନ୍ତୁ ଉତ୍ପାଦନ ବୃଦ୍ଧି ପାଇବ । ଉନ୍ନତ ତନ୍ତୁ ପାଇଁ ଏକ ପ୍ରଯୁକ୍ତିବିଦ୍ୟା ଅପଗ୍ରେଡ୍ ସିଷ୍ଟମ ବିକଶିତ କରାଯିବ । ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ମିଶନ ଅଧୀନରେ ଖଦିକୁ ପ୍ରୋତ୍ସାହିତ କରିବା ପାଇଁ, ଉତ୍ପାଦନ, ତାଲିମ ଏବଂ ବିପଣନ ଉପରେ ଗୁରୁତ୍ୱ ଦିଆଯିବ । ଗୋଟିଏ ଜିଲ୍ଲା, ଗୋଟିଏ ଉତ୍ପାଦକୁ ପ୍ରୋତ୍ସାହିତ କରାଯିବ ।



**୧୦. ପର୍ଯ୍ୟଟନ:** ୨୦ଟି ପର୍ଯ୍ୟଟନ ସ୍ଥାନରେ ୧୦,୦୦୦ ଗାଇଡ୍‌ଙ୍କୁ ତାଲିମ ଦିଆଯିବ । ୨୦ଟି ଲୋକପ୍ରିୟ ପର୍ଯ୍ୟଟନ ସ୍ଥାନରେ ଦଶ ହଜାର ଗାଇଡଙ୍କୁ ତାଲିମ ଦିଆଯିବ । ଏଥିପାଇଁ ଏକ ପାଇଲଟ୍ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଜମ୍ମୁ ଏବଂ କାଶ୍ମୀରରେ ପରିବେଶ ଅନୁକୂଳ ଟ୍ରେକିଂ ଏବଂ ହାଇକିଂ ଟ୍ରେଲ୍ ବିକଶିତ କରାଯିବ ।



# ‘ଓଡ଼ିଶାବାସୀଙ୍କୁ ନିରାଶ କରିଛି କେନ୍ଦ୍ର ବଜେଟ୍’

**ଭୁବନେଶ୍ୱର,୧।୨/ଏନ୍ଏନ୍ଏସ୍:** କେନ୍ଦ୍ର ବଜେଟ ନିରାଶ ଜନକ। ବଜେଟରେ ଓଡ଼ିଶା ଜନସାଧାରଣଙ୍କୁ କୌଣସି ଉଲ୍ଲେଖନୀୟ ଲାଭ ମିଳିନାହିଁ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କେନ୍ଦ୍ରୀୟ ବଜେଟକୁ ନେଇ ଏକ୍ସ ମାଧ୍ୟମରେ ଏଭଳି ପ୍ରତିକ୍ରିୟା ଦେଇଛନ୍ତି।ସେ ଉଲ୍ଲେଖ କରିଛନ୍ତି ଯେ ବଜେଟରେ ଓଡ଼ିଶାବାସୀଙ୍କ ଆଶା ଥିଲା ଯେ ଡବଲ ଇଞ୍ଜିନ୍ ସରକାର ଭିତ୍ତିଭୂମି, ନିଯୁକ୍ତି ସୃଷ୍ଟି ଏବଂ ରାଜ୍ୟ ପାଇଁ ଅତିରିକ୍ତ ଆବଣ୍ଟନ ଉପରେ ଧ୍ୟାନ ଦେବେ। ତେବେ ରାଜ୍ୟକୁ ବହୁତ କମ୍ ମିଳିଛି। ଅନ୍ୟପକ୍ଷରେ ଓଡ଼ିଶାରେ ବିରଳ କରିଡର ପ୍ରତିଷ୍ଠା ପ୍ରସ୍ତାବକୁ ନବୀନ ସ୍ୱାଗତ କରିଛନ୍ତି। ଓଡ଼ିଶା ଅନେକ ପ୍ରମୁଖ ଖଣିଜ ପଦାର୍ଥ ଉତ୍ପାଦକ ଏବଂ ଏହାର ସମୃଦ୍ଧ ସମ୍ପଦ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ସର୍ବଦା ଯୋଗଦାନ ଦେବ। ଖଣିଜ ସମୃଦ୍ଧ ଅଞ୍ଚଳ ଏବଂ ଶିଳ୍ପ କେନ୍ଦ୍ରଗୁଡ଼ିକୁ ବନ୍ଦର ସହିତ ସଂଯୋଗ କରିବା ପାଇଁ ପୁଣି ଥରେ ଜାତୀୟ ଜଳପଥ ଘୋଷଣା କରାଯାଇଛି। କିନ୍ତୁ ଏହା ବହୁ ପୁରୁଣା ପ୍ରସ୍ତାବ ଏଥିରେ କୌଣସି ଅଗ୍ରଗତି ନାହିଁ। ସହରଗୁଡ଼ିକ ମଧ୍ୟରେ ସାତଟି ହାଇ-ସ୍ପିଡ୍ ରେଳ କରିଡରକୁ ‘ବୃଦ୍ଧି ସଂଯୋଗକାରୀ’ ଭାବରେ ବିକଶିତ କରିବାର ଘୋଷଣାରେ ଓଡ଼ିଶା ସ୍ଥାନ ପାଇନାହିଁ। ଏହା ଓଡିଶାବାସୀଙ୍କୁ ପାଇଁ ବଡ଼ ନିରାଶ କରିଛି। କେନ୍ଦ୍ରୀୟ ବଜେଟରେ ଦେଖାଯାଉଛି ଯେ, ଓଡ଼ିଶା କେବଳ ଏହାର ପ୍ରାକୃତିକ ସମ୍ପଦ ଛଡ଼ାଇ ନେବା ପାଇଁ ବ୍ୟୟବରାଦ ପାଉଛି ଏବଂ ରାଜ୍ୟର ଲୋକଙ୍କ ସୁବିଧା ପାଇଁ ସମ୍ପଦ ବଣ୍ଟନ କ୍ଷେତ୍ରରେ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଓଡ଼ିଶା ଏବଂ ଏହାର ଲୋକମାନେ କେନ୍ଦ୍ରୀୟ ବଜେଟରୁ ଅଧିକରୁ ଅଧିକ ପାଇବାକୁ ଯୋଗ୍ୟ ବୋଲି ନବୀନ କହିଛନ୍ତି।



# ‘ବଜେଟ୍‌ରେ ସାଧାରଣ ଜନତା ଉପେକ୍ଷିତ’

**ଭୁବନେଶ୍ୱର,୧।୨/ଏନ୍ଏନ୍ଏସ୍:** ୨୦୨୬-୨୭ ବଜେଟ କର୍ପୋରେଟ ଜଗତ ପାଇଁ ଉଦ୍ଦିଷ୍ଟ। ବଜେଟରେ ସାଧାରଣ ଜନତା ଉପେକ୍ଷିତ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କଂଗ୍ରେସ ଭବନ ଠାରେ ଏକ ପ୍ରେସ ବିବୃତିରେ କହିଛନ୍ତି। ସେ କହିଛନ୍ତି ଯେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆଗତ ବଜେଟ ସମ୍ପୂର୍ଣ୍ଣ ଦିଗହୀନ ଏବଂ ଭ୍ରମାତ୍ମକ। ଏହି ବଜେଟ କୃଷକ, ଯୁବକ, ଗରିବ, ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତ କାହାକୁ ଖୁସି କରିପାରିନାହିଁ। ଯୁବକମାନଙ୍କ ପାଇଁ କର୍ମ ନିଯୁକ୍ତିର କୌଣସି ଯୋଜନା ନାହିଁ। ପୂର୍ବ ବଜେଟ ଅନୁସାରେ ସରକାର ଏକଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିପାରି ନାହାନ୍ତି। ୨୦୨୪-୨୫ ପର୍ଯ୍ୟନ୍ତ ଦେଶ ଉପରେ ୧୯୦ ଲକ୍ଷ କୋଟି ଋଣ ହୋଇଯାଇଛି ଯାହା ୟୁପିଏ ସମୟରେ ୫୫ ଲକ୍ଷ କୋଟି ଥିଲା। ଏଇ ୧୨ ବର୍ଷରେ ସରକାର ୧୩୫ ଲକ୍ଷ କୋଟି ଅଧିକ ଋଣ କରିସାରିଲେଣି। ଅଧିକନ୍ତୁ ୨୦୨୬-୨୭ ବେଳକୁ ପୁଣି ୧୭.୨ ଲକ୍ଷ କୋଟି ଋଣ କରିବେ। ଉପାର୍ଜନ ଅସମତାରେ ଆମ ଦେଶ ବର୍ତ୍ତମାନ ଶୀର୍ଷରେ ଅଛି ଏହାକୁ ରୋକିବା ପାଇଁ ସରକାରଙ୍କ କୌଣସି ଯୋଜନା ନାହିଁ। ଓଡିଶା କେନ୍ଦ୍ର ରାଜସ୍ୱ ଆଦାୟର କୌଣସି ଭାଗ ପାଇବାର ବ୍ୟବସ୍ଥା ନାହିଁ।



# ‘ବଜେଟ୍‌ରେ ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧିକୁ ଗୁରୁତ୍ୱ’

**ଭୁବନେଶ୍ୱର,୧।୨/ଏନ୍ଏନ୍ଏସ୍:** ରବିବାର କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬-୨୭ ବର୍ଷ ପାଇଁ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଛନ୍ତି । ତେବେ ଏହି ବଜେଟ୍ ଏକ ଅଭିବୃଦ୍ଧି ମୂଳକ ବଜେଟ୍। ସମାଜର ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧି ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଯୁବ ଶକ୍ତିର ବିକାଶ ଉପରେ ସ୍ୱତନ୍ତ୍ର ଫୋକସ୍ ରହିଛି। ବଜେଟ୍‌ରେ ଅସ୍ୱଚ୍ଛତା ବଦଳରେ ସ୍ୱଚ୍ଛ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ବିଭିନ୍ନ କ୍ଷେତ୍ରରେ ଯୁବକମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କ ମଧ୍ୟରେ ବିଶ୍ୱ ସ୍ତରରେ ପ୍ରତିଯୋଗିତା କରିବା ଭଳି ଦକ୍ଷତା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ଫଳରେ ଯୁବ ସମାଜ ଆତ୍ମ ବିଶ୍ୱାସୀ ହେବା ସହିତ, ଦେଶର ବିକାଶ ପ୍ରତି ନିଜର ଅବଦାନ ରଖିପାରିବ। ଏହା ବାସ୍ତବରେ ଏକ ଯୁବଶକ୍ତି ବଜେଟ୍ । ଚଳିତ ବଜେଟ୍‌ରେ ଥିବା ପ୍ରାବଧାନଗୁଡିକ ସମୃଦ୍ଧ ଓଡ଼ିଶା - ବିକଶିତ ଭାରତର ଲକ୍ଷ୍ୟକୁ ହାସଲ କରିବାରେ ସହାୟକ ହେବ। ସବୁ ଦୃଷ୍ଟିକୋଣରୁ ଏହା ଏକ ଐତିହାସିକ ବଜେଟ୍ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି। ସୋନପୁରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଦେଶର ଆର୍ଥିକ ଅଭିବୃଦ୍ଧିକୁ ଜାରି ରଖିବା ପାଇଁ ମୋଦୀ ସରକାର ତାଙ୍କ ଶାସନ କାଳ ସମୟରେ ବର୍ତ୍ତମାନ ସୁଦ୍ଧା ୩୫୦ଟି ଢାଞ୍ଚାଗତ ସଂସ୍କାର ଆଣିଛନ୍ତି, ଯାହାକି ସ୍ୱାଧୀନ ଭାରତର ଅର୍ଥନୈତିକ ଇତିହାସରେ ଏକ ବିରଳ ଅଧ୍ୟାୟ। ଏହାଦ୍ୱାରା ଆତ୍ମ ନିର୍ଭର ଭାରତ, ବିକଶିତ ଭାରତ ଗଠନ ଦିଗରେ ଆମର ଯେଉଁ ଲକ୍ଷ୍ୟ ରହିଛି, ତାହା ତ୍ୱରାନ୍ୱିତ ହୋଇଛି। ୨୦୨୬-୨୭ କେନ୍ଦ୍ର ବଜେଟରେ ସାର୍ବଜନୀନ ପୁଞ୍ଜି ବ୍ୟୟ ପାଇଁ ୧୨.୨ ଲକ୍ଷ କୋଟି ଟଙ୍କା ସହିତ ଭିତ୍ତିଭୂମି ବିକାଶ ପାଇଁ ଅଧିକ ଆବଣ୍ଟନ କରାଯାଇଛି। ଏହି କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ଭାରତ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

ବିରଳ ଖଣିଜ ପଦାର୍ଥ ନିମନ୍ତେ ଖଣି, ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନ କ୍ଷମତା ନିର୍ମାଣ ପାଇଁ କେନ୍ଦ୍ର ସରକାର ଓଡ଼ିଶାରେ ଏକ ଉତ୍ସର୍ଗୀକୃତ ରେୟାର-ଆର୍ଥ କରିଡର ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା, ସ୍ଥାନୀୟ ଶିଳ୍ପକୁ ପ୍ରୋତ୍ସାହିତ କରିବା ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଅକ୍ଷୟ ଶକ୍ତି ସମେତ ଉଚ୍ଚ-ବୈଷୟିକ କ୍ଷେତ୍ରକୁ ସମର୍ଥନ କରିବା ।

ପୂର୍ବ ତଟ ବିକାଶ କରିଡରରେ ପୂର୍ବ ଉପକୂଳରେ ଥିବା ପର୍ଯ୍ୟଟନ ଏବଂ ଅର୍ଥନୈତିକ ହବ୍ ଅନ୍ତର୍ଭୁକ୍ତ – ଏହାର ଉପକୂଳ ଭୌଗୋଳିକ ଏବଂ ଅର୍ଥନୈତିକ ସଂଯୋଗ ହେତୁ ଓଡ଼ିଶା ଲାଭାନ୍ୱିତ ହେବାର ସମ୍ଭାବନା ରହିଛି । ୫ ଟି ପୂର୍ବୋଦୟ ରାଜ୍ୟ (ଯଥା – ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ)ରେ ୫ଟି ପର୍ଯ୍ୟଟନ ସ୍ଥଳୀ ସୃଷ୍ଟି କରାଯିବ ଏବଂ ସର୍ବସାଧାରଣ ପରିବହନ ପାଇଁ ୪୦୦୦ ଇ-ବସ୍ ଯୋଗାଇ ଦିଆଯିବ। ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୨୦ଟି ନୂତନ ଜାତୀୟ ଜଳପଥ କାର୍ଯ୍ୟକ୍ଷମ ହେବ, ଏହି ପଦକ୍ଷେପର ଏକ ଅଂଶ ଭାବରେ ଜାତୀୟ ଜଳପଥ-୫ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ। ଜାତୀୟ ଜଳପଥ-୫ ଖଣିଜ ସମୃଦ୍ଧ ଅଞ୍ଚଳ ତାଳଚେର ଏବଂ ଅନୁଗୁଳ ଅଞ୍ଚଳକୁ ଓଡ଼ିଶାର ପାରାଦୀପ ଏବଂ ଧାମରା ଭଳି ପ୍ରମୁଖ ଶିଳ୍ପ ଏବଂ ବନ୍ଦର ହବ୍ ସହିତ ସଂଯୋଗ କରିବ, ଯାହା ଦକ୍ଷ ଏବଂ ସୁଲଭ ମାଲ ପରିବହନରେ ସହାୟକ ହେବ, ଯାହାଦ୍ୱାରା ସଡ଼କ ଏବଂ ରେଳ ନେଟୱାର୍କ ଉପରେ ଲଜିଷ୍ଟିକ୍ ଚାପ ହ୍ରାସ ହେବ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ ଆଭ୍ୟନ୍ତରୀଣ ଜଳ ପରିବହନକୁ ସମୃଦ୍ଧ କରିବା, ବହୁଳ ଦ୍ରବ୍ୟ (ଖଣିଜ ଏବଂ ଶିଳ୍ପ ସାମଗ୍ରୀ ପରି) ପାଇଁ ସଂଯୋଗ ବୃଦ୍ଧି କରିବା ଏବଂ ପୂର୍ବ ଉପକୂଳରେ ଏକ ଲଜିଷ୍ଟିକ୍ ଏବଂ ଶିଳ୍ପ ହବ୍ ଭାବରେ ଓଡିଶାର ଭୂମିକାକୁ ମଜଭୁତ କରିବା।ଏକ ନୂତନ ପଦକ୍ଷେପ ଭାବରେ ‘ସହର ଅର୍ଥନୈତିକ ଅଞ୍ଚଳ’ ସହରୀ ପରିଚାଳିତ ଅର୍ଥନୈତିକ ଅଭିବୃଦ୍ଧି ସୁନିଶ୍ଚିତ ହେବ ଏବଂ ଆଞ୍ଚଳିକ ସହରାଞ୍ଚଳ କ୍ଲଷ୍ଟରଗୁଡିକ ଲଭାନ୍ୱିତ ହେବ। ଏହି ଅଞ୍ଚଳର ବିକାଶ ପାଇଁ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ‘ସହର ଅର୍ଥନୈତିକ ଅଞ୍ଚଳ’ ପିଛା ୫୦୦୦ କୋଟି ଟଙ୍କା ଆବଣ୍ଟନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଭିତ୍ତିଭୂମି , ସେବା ଏବଂ ପୁଞ୍ଜି ବିନିଯୋଗ ସଂଯୋଗରେ ଉନ୍ନତି ଆଣି ସହର ଏବଂ ଏହାର ଆଖପାଖ ଅଞ୍ଚଳର ଅର୍ଥନୈତିକ ସାମର୍ଥ୍ୟକୁ ବ୍ୟବହାର କରିବା ଉଦ୍ଦେଶ୍ୟରେ ‘ସହର ଅର୍ଥନୈତିକ ଅଞ୍ଚଳ’ଗୁଡ଼ିକ ସମନ୍ୱିତ ସହରୀ ଅଭିବୃଦ୍ଧି ଜୋନ୍ ଭାବରେ ପରିକଳ୍ପନା କରାଯାଇଛି । ଏହା ପ୍ରସ୍ତାବିତ ଭୁବନେଶ୍ୱର-କଟକ-ପାରାଦୀପ-ପୁରୀ ସହରାଞ୍ଚଳ କରିଡର କାର୍ଯ୍ୟକାରୀ କରିବାରେ ସହାୟକ ହେବ ।ବନ୍ୟଜନ୍ତୁ ପର୍ଯ୍ୟଟନ ଏବଂ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା, କର୍ଣ୍ଣାଟକ ଏବଂ କେରଳ ସମେତ ରାଜ୍ୟର ପ୍ରମୁଖ କଇଁଛ ବସା ବାନ୍ଧିବା ସ୍ଥଳ ନିକଟରେ କଇଁଛ ଟ୍ରେଲ୍ ବିକଶିତ କରାଯିବ। ବଜେଟରେ ଏହି ପ୍ରକୃତି ଭିତ୍ତିକ ପର୍ଯ୍ୟଟନ ଯୋଜନ, ପରିବେଶ ଅନୁକୂଳ ପର୍ଯ୍ୟଟନ ଭିତ୍ତିଭୂମି ଉପରେ ଧ୍ୟାନ କେନ୍ଦ୍ରିତ କରିବ।ବିକଶିତ ଭାରତର ଆବଶ୍ୟକତାକୁ ଲକ୍ଷ୍ୟରଖି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ (ଏମଜିଏନଆରଇଜିଏ) ଏକ ବଡ଼ ପରିବର୍ତ୍ତନ କରାଯାଇଛି । ନୂତନ ଯୋଜନା ବିକଶିତ ଭାରତ – ରୋଜଗାର ଗ୍ୟାରେଣ୍ଟି ଓ ଆଜୀବିକ(ଗ୍ରାମୀଣ ) ଅଧୀନରେ ପ୍ରତି ଗ୍ରାମୀଣ ପରିବାର ପିଛା ୧୨୫ ଦିନର ରୋଜଗାରର ବୈଧାନିକ ଗ୍ୟାରେଣ୍ଟି ପ୍ରଦାନ କରାଯାଇଛି, ଯାହାକି ପୂର୍ବ ୧୦୦ ଦିନ ତୁଳନାରେ ବୃଦ୍ଧି ପାଇଛି। କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଏହି ଯୋଜନାରେ ଭାଗୀଦାରୀର ଅନୁପାତ ୬୦:୪୦ ରହିଛି।୨୦୨୬-୨୭ ବର୍ଷପାଇଁ , ମୋଟ ୧ଲକ୍ଷ ୫୧ ହଜାରେ କୋଟି ଟଙ୍କାର ଆବଶ୍ୟକତା ମଧ୍ୟରୁ କେନ୍ଦ୍ର ସରକାରଙ୍କ ଅଂଶ ୯୫,୬୯୨ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ଓ ବଜେଟରେ ବ୍ୟୟ ବରାଦ କରାଯାଇଛି। ଏକ ଅନ୍ତରୀଣ ବ୍ୟବସ୍ଥା ସ୍ୱରୂପ , କେନ୍ଦ୍ର ବଜେଟରେ ଉଭୟ ବିଦାୟୀ ମନରେଗା (୩୦,୦୦୦ କୋଟି ଟଙ୍କା) ଏବଂ ନୂତନ ବିକଶିତ ଭାରତ – ରୋଜଗାର ଗ୍ୟାରେଣ୍ଟି ଓ ଆଜୀବିକ(ଗ୍ରାମୀଣ ) (୯୫,୬୯୨ କୋଟି ଟଙ୍କା) ପାଇଁ ପୃଥକ ଆବଣ୍ଟନ ଅନ୍ତର୍ଭୁକ୍ତ କରାଯାଇଛି ଯାହା ଦ୍ୱାରା ରାଜ୍ୟମାନେ ନୂତନ ଯୋଜନାକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିପାରିବେ। ଓଡିଶା ଭଳି ଉପକୂଳବର୍ତ୍ତୀ ରାଜ୍ୟମାନଙ୍କରେ, କୃଷକଙ୍କ ଆୟ, ଉତ୍ପାଦକତା ଏବଂ ଗ୍ରାମୀଣ ନିଯୁକ୍ତି ବୃଦ୍ଧି ପାଇଁ ଉଚ୍ଚ ମୂଲ୍ୟର କୃଷିର ଅଂଶ ଭାବରେ ନଡିଆ, କାଜୁ ଏବଂ ଚନ୍ଦନ ପାଇଁ ଯୋଜନା ଏବଂ ସହାୟକ ପଦକ୍ଷେପ ମଧ୍ୟ ଘୋଷଣା କରାଯାଇଛି। ନଡ଼ିଆ ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧି ପାଇଁ ଏକ ନଡ଼ିଆ ପ୍ରୋତ୍ସାହନ ଯୋଜନା ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ ପ୍ରମୁଖ ନଡ଼ିଆ ଉତ୍ପାଦନକାରୀ ରାଜ୍ୟ ଉପରେ ଧ୍ୟାନ ଦିଆଯିବ ଏବଂ କୃଷକଙ୍କ ଆୟ ବୃଦ୍ଧି ପାଇଁ ପୁରୁଣା, ଅଣ-ଉତ୍ପାଦକ ଗଛ ବଦଳରେ ଅଧିକ ଅମଳକ୍ଷମ କିସମ ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ ହେବ। ଲିଥିୟମ୍ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକୁ ସୁରକ୍ଷିତ ଓ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ନ୍ୟାସନାଲ କ୍ରିଟିକାଲ୍ ମିନେରାଲ୍ ମିଶନ୍ ମାଧ୍ୟମରେ ଖଣି କ୍ଷେତ୍ର ପାଇଁ ସାତ ବର୍ଷ ମଧ୍ୟରେ ୩୪,୩୦୦ କୋଟି ଟଙ୍କା ବ୍ୟୟ କରାଯାଇଛି । ପ୍ରମୁଖ ପଦକ୍ଷେପ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ମୂଲ୍ୟ ଶୃଙ୍ଖଳା ପାଇଁ ୧୬,୩୦୦ କୋଟି ଟଙ୍କା, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଚାରିଟି ରାଜ୍ୟରେ ନୂତନ ‘ରେୟାର ଆର୍ଥ କରିଡର’ ଏବଂ କୋଇଲା ବାଷ୍ପୀକରଣ ପାଇଁ ୩୫,୦୦୦ କୋଟି ଟଙ୍କାର ପ୍ରୋତ୍ସାହନ ଅନ୍ତର୍ଭୁକ୍ତ।

ସାମ୍ବାଦିକ ସମ୍ମିଳନରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଶିଳ୍ପର ବିକାଶ ପାଇଁ ଆମେ ୧୬ଟି କ୍ଷେତ୍ର ଉପରେ ଗୁରୁତ୍ୱ ଦେଉଛୁ ଏବଂ ରାଜ୍ୟର ସବୁ ଜିଲ୍ଲାରେ ଶିଳ୍ପ କରିବା ଉପରେ ପ୍ରାଧାନ୍ୟ ଦିଆଯାଉଛି। ବଲାଙ୍ଗିର, କଳାହାଣ୍ଡି ଓ ସୁବର୍ଣ୍ଣପୁର ପରି ଜିଲ୍ଲା ଗୁଡିକ ଯେଉଁଠାରେ ଅଧିକ କପାଚାଷ ହେଉଛି ସେଠାରେ ଟେକ୍ସଟାଇଲ୍ ୟୁନିଟ ପ୍ରତିଷ୍ଠା କରିବା ଉପରେ ଆମର ଫୋକସ୍ ରହିଛି। ଯେଉଁ ଜିଲ୍ଲାରେ ଯେଉଁ ଶିଳ୍ପ ପାଇଁ ସମ୍ଭାବନା ରହିଛି, ସେହି ଜିଲ୍ଲାରେ ସେହି ଶିଳ୍ପ ପ୍ରତିଷ୍ଠା କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ।




# ଚଳିତ ବଜେଟ୍ ବିକଶିତ ଭାରତର ରୋଡ୍‌ମ୍ୟାପ

## ଆତ୍ମନିର୍ଭର ଭାରତ ଗଠନ ସହିତ ଭାରତକୁ ବିଶ୍ୱର ପ୍ରଭାବୀ ଅର୍ଥନୀତି ଭାବରେ ଉପସ୍ଥାପିତ କରିବ

**ଭୁବନେଶ୍ୱର,୧।୨/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ ଆଗତ କେନ୍ଦ୍ର ବଜେଟ୍‌ରେ ଚାଷୀ, ମହିଳା, ଯୁବବର୍ଗ, ବେତନଭୋଗୀ, ମଧ୍ୟବିତ୍ତ, ବ୍ୟବସାୟ, ଏମ୍ଏସ୍ଏମ୍ଇ, ସ୍ୱାସ୍ଥ୍ୟ ସେବା, ନିଯୁକ୍ତି, ଶିକ୍ଷା, ପ୍ରତିରକ୍ଷା ପରି ସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ଦେଶର ପ୍ରତ୍ୟେକ କୋଣରେ ବିକାଶର ନୂତନ ଆଶାର କିରଣ ଉଜ୍ଜୀବିତ କରିଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତମ୍ ଅର୍ଥନୀତି ପାଲଟିଥିବାବେଳେ ତୃତୀୟ ବୃହତ୍ତମ ଅର୍ଥନୀତି ହେବା ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବା ପାଇଁ ଏହି ବଜେଟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ, ନୂତନ ଯୋଜନାକୁ ମଞ୍ଜୁରୀ ମିଳିଛି। ବଜେଟରେ ଆୟୁର୍ବେଦଠାରୁ ଆରମ୍ଭ କରି ଏଆଇ ଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଇଛି। ୨୦୪୭ ବିକଶିତ ଭାରତ ଗଠନ କରିବା ପାଇଁ ଏହା ଏକ ଶ୍ରେଷ୍ଠ ରୋଡମ୍ୟାପ ହେବା ସହିତ ସବୁବର୍ଗର ଆଶା ପୂରଣ କରିପାରିବାରେ ସକ୍ଷମ ହେବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

ଶ୍ରୀ ସାମଲ କହିଛନ୍ତି ଯେ ଚଳିତ ବଜେଟ୍‌ରେ ଭିତ୍ତିଭୂମି ନିର୍ମାଣ ପାଇଁ ବ୍ୟୟବରାଦ ୧୨ଲକ୍ଷ କୋଟି ଟପିଥିଲାବେଳେ ସାମାଜିକ କ୍ଷେତ୍ରରେ ବ୍ୟୟବରାଦ ବଢ଼ିଛି। ପୂର୍ବରୁ ଚାଲୁଥିବା ଗୋଟିଏ ବି ଯୋଜନା ବନ୍ଦ ହୋଇନାହିଁ। ବିଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ଭାରତର ଅର୍ଥନୀତି ସ୍ଥିର ଅଭିବୃଦ୍ଧି ଏବଂ ନିମ୍ନ ମୁଦ୍ରାସ୍ଫୀତି ସହିତ ନିରନ୍ତର ଭାବେ ବୃଦ୍ଧି ପାଇଛି। ନିଯୁକ୍ତି ସୃଷ୍ଟି, ଉତ୍ପାଦକତା ବୃଦ୍ଧି ଏବଂ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର ବ୍ୟାପକ ଅର୍ଥନୈତିକ ସଂସ୍କାର ଗ୍ରହଣ କରିଛନ୍ତି । ବଜେଟରେ ବିଭିନ୍ନ ସାମଗ୍ରୀକୁ ଶସ୍ତା କରିବା ସହ ଆୟକର ସ୍ଲାବ ଅପରିବର୍ତ୍ତୀତ ରଖାଯାଇଛି ଯାହା ସାଧାରଣ ବର୍ଗକୁ ଆଶ୍ୱସ୍ତ କରିଛି। ଶ୍ରୀ ସାମଲ କହିଛନ୍ତି ଯେ, ବିକଶିତ ଓଡ଼ିଶା ଗଠନ ପାଇଁ ପ୍ରାଥମିକତା ଦିଆଯାଇଛି। ଜାତୀୟ ଜଳମାର୍ଗ ଯୋଜନାରେ ଆଗାମୀ ୫ ବର୍ଷରେ ୨୦ଟି ନୂତନ ଜଳପଥ ନିର୍ମାଣ କରାଯିବ ଯାହା ଓଡିଶାରୁ ଆରମ୍ଭ ହେବ। ଖଣିଜ ପଦାର୍ଥରେ ଭରପୂର ତାଳଚେର ଓ ଅନୁଗୋଳ, କଳିଙ୍ଗନଗରରୁ ପାରାଦୀପ ବନ୍ଦରର ସହ ସଂଯୋଗ କରିବା ପାଇଁ ଓଡ଼ିଶାରେ ଜାତୀୟ ଜଳପଥ ନିର୍ମାଣ ହେବ ଯାହା ଆଗାମୀ ଦିନରେ ଓଡିଶାରେ ଶିଳ୍ପାୟନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଓଡ଼ିଶାରେ ବିରଳ ଖଣିଜ କରିଡର କରିବାକୁ ଘୋଷଣା କରାଇଛନ୍ତି। ଏହାଦ୍ୱାରା ଉତ୍ପାଦନ ବୃଦ୍ଧି ପାଇବା ସହ ରାଜ୍ୟରେ ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ରାଜ୍ୟରେ କଇଁଛ ଅଣ୍ଡାଦାନ ସ୍ଥଳୀର ଉନ୍ନତି ହେବ। ଏହା ପରିବେଶ ସଂରକ୍ଷଣ ଓ ଇକୋ-ଟୁରିଜିମ୍‌କୁ ପ୍ରୋତ୍ସାହିତ କରିବ। ପୂର୍ବ ଭାରତରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଡିଜାଇନ୍ ପ୍ରତିଷ୍ଠା ରାଜ୍ୟର ଅଭିବୃଦ୍ଧିକୁ ଗତି ଦେବ। ଉପକୂଳବର୍ତ୍ତୀ ଅଂଚଳରେ ନଡ଼ିଆ, କାଜୁ ଚାଷ ପାଇଁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ଓଡିଶାର ଚାଷୀଙ୍କ ପାଇଁ ଖୁସି ଖବର । ଟାୟାର-୨, ଟାୟାର-୩ ସହର ପାଇଁ ବଜେଟରେ ସ୍ୱତନ୍ତ୍ର ଧ୍ୟାନ ଦେବା ଓଡିଶାର ପ୍ରମୁଖ ୭ଟି ସହର ପାଇଁ ଅର୍ଥ ମିଳିବାର ସୁଯୋଗ ସୃଷ୍ଟି କରିଛି। ଏହି ବଜେଟ ଦେଶ ଓ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ମୂଳଦୁଆ ପକାଇବା ସହ ସାମଗ୍ରିକ ବିକାଶ କରିବ ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ଓ ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



# ‘ଚଳିତ ବଜେଟ୍ ସୁଶାସନର ପ୍ରତୀକ’

**ଭୁବନେଶ୍ୱର,୧।୨/ଏନ୍ଏନ୍ଏସ୍:** ଚଳିତ ବଜେଟ୍ ଭାରତ ସରକାରଙ୍କ ନୀତିଗତ ସ୍ଥିରତା ଏବଂ ସୁଶାସନର ପ୍ରତୀକ ବୋଲି କୁହାଯାଇପାରେ ବୋଲି କଟକ ସାଂସଦ ତଥା ଅର୍ଥ ଷ୍ଟାଣ୍ଡି କମିଟି ଅଧ୍ୟକ୍ଷ ଭର୍ତ୍ତୃହରି ମହତାବ କହିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ‘ସବ୍‌କା ସାଥ୍, ସବକାବିକାଶ’ର ମାର୍ଗଦର୍ଶକ ନୀତି ଏଥିରେ ପ୍ରତିଫଳିତ ହୋଇଛି। କୃଷି, ଶିକ୍ଷା,ପ୍ରତିରକ୍ଷା, ଭିତ୍ତିଭୂମି, ଯୋଗାଯୋଗ ଏବଂ ବାଣିଜ୍ୟ ଭଳି ଏକାଧିକ ଗୁରୁତ୍ୱପୂର୍ଣ୍ଣକ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଥିବାରୁ ଏହା ୨୦୪୭ ସୁଦ୍ଧା ବିକଶିତ ଭାରତରସ୍ୱପ୍ନ ହାସଲ ଦିଗରେ ଉଲ୍ଲେଖନୀୟ ଯୋଗଦାନ ରଖିବ ବୋଲି ଆଶାକରାଯାଉଛି। ରିଫର୍ମ ଓ ରେଜଲ୍ଟ ଆଧାରିତ ଆର୍ଥିକ ବ୍ୟବସ୍ଥା ସହିତ ଚ୍ୟାଲେଞ୍ଜମୋଡ୍‌ରେ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବଜେଟ୍‌ରେ ଗୁରୁତ୍ୱ ଦିଆଯିବା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଆହୁରି ପ୍ରଯୁକ୍ତିବିଦ୍ୟା ଓ ଦକ୍ଷ କର୍ମଶକ୍ତିବିକାଶ ପାଇଁ ଶିଳ୍ପ ନେତୃତ୍ୱାଧୀନ ଗବେଷଣା ଏବଂ ତାଲିମ କେନ୍ଦ୍ର ଉପରେଧ୍ୟାନ କେନ୍ଦ୍ରୀତ କରାଯିବା ଦେଶପାଇଁ ବେଶ୍ ଉପଯୋଗୀ ହେବ। ଖଣିଜସମୃଦ୍ଧ ଓଡ଼ିଶା, କେରଳ, ଆନ୍ଧ୍ର ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିରେଖଣି, ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନକୁ ପ୍ରୋତ୍ସାହନ ଦେବାଲକ୍ଷ୍ୟରେ ‘ବିରଳ ମୃତ୍ତିକା କରିଡର’ ପ୍ରତିଷ୍ଠା ପ୍ରସ୍ତାବ ରହିଛି। ଏମ୍ଏସ୍ଏମ୍ଇ କ୍ଷେତ୍ର, ଯାହାଉପରେ ମୁଁ ଆଗରୁବାରମ୍ବାର କହିଆସୁଥିଲି, ସେ କ୍ଷେତ୍ରରେ ଅଧିକ ଫୋକସ୍ କରାଯାଇଛି। ଉଭୟଏଗ୍ରିକଲ୍‌ଚର ଓ ଏମ୍ଏସ୍ଏମ୍ଇ କ୍ଷେତ୍ର ଆମ ଦେଶର ଗ୍ରୋଥ୍ ଇଞ୍ଜିନ୍। ଆହୁରିମଧ୍ୟ ବଜେଟ୍‌ରେ ୨୦୦ ପୁରୁଣା ଶିଳ୍ପ କ୍ଲଷ୍ଟର୍‌ର ପୁନରୁଦ୍ଧାର ପ୍ରସ୍ତାବ ରହିଛି। ଏହାଦ୍ୱାରା ପୁରୁଣା ଶିଳ୍ପକ୍ଷେତ୍ରଗୁଡ଼ିକ ପୁନର୍ଜୀବିତ ହେବ। ଓଡ଼ିଶା ଏଥିରୁ ଲାଭବାନ୍ ହୋଇପାରିବ। ସ୍ଥାନୀୟ ନିଯୁକ୍ତିକୁ ଏହା ମଧ୍ୟ ପ୍ରୋତ୍ସାହିତ କରିବ। ଚଳିତ ବଜେଟ୍ ନାଗରିକଙ୍କୁ ସଶକ୍ତ ଓ ଅର୍ଥନୀତିକୁ ସମୃଦ୍ଧକରିବ ବୋଲି ଆଶା।



## ସୁଭଦ୍ରା ଶକ୍ତିମେଳାରେ ମୁଖ୍ୟମନ୍ତ୍ରୀ

# ସୁବର୍ଣ୍ଣପୁର ପାଇଁ ୬୩୩ କୋଟିର ନୂଆ ପ୍ରକଳ୍ପ ଘୋଷଣା

**ଭୁବନେଶ୍ୱର,୧।୨/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁବର୍ଣ୍ଣପୁର ପାଇଁ ୬୩୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଘୋଷଣା କରିଛନ୍ତି। ଏଥିରେ ମାରୁଦାଗୋଛା ଠାରେ ୫୫୭ କୋଟି ଟଙ୍କାରେ ନଦୀଗର୍ଭ ଜଳାଶୟ ନିର୍ମାଣ, ୧୧.୨୩ କୋଟି ଟଙ୍କାରେ ସଂସ୍କୃତି ଭବନ ଠାରେ ଓପନ୍ ଏୟାର ଥିଏଟର ନିର୍ମାଣ, ୨୫.୨୮ କୋଟି ଟଙ୍କାରେ ଗାନ୍ଧୀ ଷ୍ଟାଡିଅମର ନବୀକରଣ, ୪.୨୩ କୋଟି ଟଙ୍କାରେ ବ୍ଲକ୍ ଛକ ଜଙ୍କସନ ରୋଡ୍‌ର ଉନ୍ନତି କରଣ କାର୍ଯ୍ୟ ରହିଛି। ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୁବର୍ଣ୍ଣପୁର ଠାରେ ଆୟୋଜିତ ସୁଭଦ୍ରା ଶକ୍ତିମେଳା କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଘୋଷଣା କରିଛନ୍ତି।

ଆହୁରି ମଧ୍ୟ ମୁଖ୍ୟମନ୍ତ୍ରୀ ଏହି ଅବସରରେ ୨୭୬ କୋଟି ଟଙ୍କା ମୂଲ୍ୟର ୫୮ ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏଥିରେ ୧୭୩ କୋଟି ଟଙ୍କା ବ୍ୟୟରେ ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୧୦୩ କୋଟି ଟଙ୍କା ବ୍ୟୟରେ ୩୪ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଏସବୁ ପ୍ରକଳ୍ପ ଗୁଡ଼ିକ ସଡ଼କ, ପାନୀୟ ଜଳ, ଜଳ ସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ବିକାଶ ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ସୁଭଦ୍ରା ଶକ୍ତି ମେଳା ଅବସରରେ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲାର ୧୮୪୮ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୨୬ କୋଟି ଟଙ୍କାର ସୁଧ-ମୁକ୍ତ ଋଣ ପ୍ରଦାନ କରିଛନ୍ତି । ଏହି ଆର୍ଥିକ ସହାୟତା ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ଗୁଡ଼ିକ ଆହୁରି ମଜବୁତ୍ କରିବ, ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବ ଓ ସେମାନଙ୍କର ଜୀବିକା ବୃଦ୍ଧି କରିବ ବୋଲି ସେ କହିଛନ୍ତି।

ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱୟଂ ସହାୟକ ଗୋଷୀର ଭଉଣୀମାନେ କେବଳ ଲାଭାର୍ଥୀ ନୁହନ୍ତି, ସେମାନେ ଓଡ଼ିଶା ବିକାଶ ଯାତ୍ରାରେ ଅଂଶୀଦାର। ସେମାନଙ୍କ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଉଦ୍ୟୋଗୀ ମନୋଭାବ ଗ୍ରାମୀଣ ଅର୍ଥନୀତିରେ ପରିବର୍ତ୍ତନ ଆଣିଛି। ଆମର ବିକାଶ ପ୍ରକ୍ରିୟାରେ ସବୁ ବର୍ଗର ଲୋକ ସାମିଲ ହେଉଛନ୍ତି। ଗରିବ, ଆଦିବାସୀ, ମହିଳା ଓ ଯୁବବର୍ଗ ସମସ୍ତଙ୍କର ସଶକ୍ତିକରଣ ହେଉଛି। ବିକାଶ ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ତାହା ଆମେ ସୁନିଶ୍ଚିତ କରୁଛୁ। ଗ୍ରାମାଞ୍ଚଳ ପାଇଁ ଆମେ ରାସ୍ତା, ପାନୀୟ ଜଳ ଯୋଗାଣ, ଜଳ ସେଚନ ଓ ଗୃହ ସୁବିଧାକୁ ଉନ୍ନତ କରୁଛୁ। ସହରାଞ୍ଚଳ ପାଇଁ ଆମେ ନାଗରିକ ସୁବିଧା ଓ ସାର୍ବଜନୀନ ସେବାକୁ ଉନ୍ନତ କରୁଛୁ। ସବୁ ଜିଲ୍ଲାରେ ଆମର ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି। ସୁବର୍ଣ୍ଣପୁର ଜିଲ୍ଲାରେ ୧୦୦୦ କୋଟିରୁ ଅଧିକ ଟଙ୍କାର ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲାରେ କୃଷି, ହସ୍ତତନ୍ତ, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ପାଇଁ ଅପାର ସମ୍ଭାବନା ରହିଛି। ଏହି ସମ୍ଭାବନାକୁ ସଦୁପଯୋଗ କରି ଜିଲ୍ଲାରେ ସ୍ଥାୟୀ ସମୃଦ୍ଧି ଆଣିବା ପାଇଁ ଆମ ସରକାର ଉଦ୍ୟମ ଜାରି ରଖିବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଖଲିଆପାଲି ସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ସମାଧି ପୀଠ ପରିଦର୍ଶନ କରି ପରିଚାଳନା କମିଟିର ସଦସ୍ୟ ଓ ସାଧୁମାନଙ୍କ ସହିତ ଆଲୋଚନା କରିଥିଲେ। ଓଡ଼ିଶାର ସାମାଜିକ ଓ ଆଧ୍ୟାତ୍ମିକ ଚେତନାକୁ ଦିଗ୍‌ଦର୍ଶନ ଦେଇଥିବା ସନ୍ଥକବି ଭୀମ ଭୋଇଙ୍କ ସମ୍ମାନାର୍ଥେ ତାଙ୍କ ସମାଧି ପୀଠର ବ୍ୟାପକ ବିକାଶ କରାଯିବ। ଏଥି ନିମନ୍ତେ ୩୫ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା କହିଥିଲେ ଯେ ଆମ ସରକାର ହେଉଛି, ଲୋକଙ୍କ ସରକାର। ଆମ ସରକାର ଆସିବାର ଏହି ଅଳ୍ପ ଦିନ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅନେକ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର କୃଷି, ଜଳସେଚନ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ତତ୍ପର ଅଛନ୍ତି। ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଅଶ୍ୱିନୀ କୁମାର ମେହେର ଧନ୍ୟବାଦ ଦେଇଥିଲେ।



**୨୭୬ କୋଟିର ୫୮ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ**

**୧୮୪୮ ଏସ୍ଏଚ୍‌ଜି ପାଇଁ ୧୨୬ କୋଟି ସୁଧ-ମୁକ୍ତ ଋଣ ବ୍ୟବସ୍ଥା**

# ଆଜି ଆସୁଛନ୍ତି ରାଷ୍ଟ୍ରପତି

**ଭୁବନେଶ୍ୱର,୧।୨/ଏନ୍ଏନ୍ଏସ୍:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଠାରୁ ଅର୍ଥାତ ଫେବୃଆରୀ ୨ ରୁ ୭ ପର୍ଯ୍ୟନ୍ତ ଓଡ଼ିଶା ଏବଂ ଛତିଶଗଡ଼ ଗସ୍ତ କରିବେ। ଫେବୃଆରୀ ୨ ତାରିଖ ସନ୍ଧ୍ୟାରେ ସେ ଭୁବନେଶ୍ୱରରେ ପହଞ୍ଚିବେ। ମିଳିଥିବା ସୂଚନା ଅନୁସାରେ ରାଷ୍ଟ୍ରପତି ଆସନ୍ତାକାଲି ଅପରାହ୍ଣ ୪ଟାରେ ରାଷ୍ଟ୍ରପତି ଭବନରୁ ବାହାରି ପାଲମ ବୀମାନ ବନ୍ଦର, ନୂଆଦିଲ୍ଲୀରେ ୪ଟା ୧୫ରେ ପହଞ୍ଚିବେ। ସେଠାରୁ ଅପରାହ୍ଣ ୪ଟା ୨୫ରେ ଆଇଏଏଫ୍ ବିବିଜେ ବିମାନରେ ଓଡ଼ିଶା ଅଭିମୁଖେ ଯାତ୍ରା କରିବେ। ଭୁବନେଶ୍ୱର ବିମାନ ବନ୍ଦରରେ ସନ୍ଧ୍ୟା ୬.୩୦ରେ ପହଞ୍ଚିବେ। ସେଠାରୁ ୬ଟା ୪୦ରେ ଲୋକଭବନ ଅଭିମୁଖେ ବାହାରି ୬ଟା ୫୦ରେ ପହଞ୍ଚିବେ। ଲୋକଭବନରେ ରାତ୍ରୀ ଭୋଜନ କରି ବିଶ୍ରାମ କରିବେ। ୩ ତାରିଖ ସକାଳେ ପ୍ରାୟ ଦେଢ଼ ଘଣ୍ଟାରୁ ଅଧିକ ସମୟ ବିରଜା ମନ୍ଦିରରେ ବିତାଇବେ ମହାମହିମ। ସେଠୁ ସେ ଯିବେ ବାଲେଶ୍ୱର। ରାଷ୍ଟ୍ରପତି ବାଲେଶ୍ୱରରେ ଫକିର ମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ଏବଂ ଏହାର ନବନିର୍ମିତ ଅଡିଟୋରିୟମକୁ ଉଦ୍‌ଘାଟନ କରିବେ। ଫେବୃଆରୀ ୪ ତାରିଖରେ ରାଷ୍ଟ୍ରପତି ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ ଏବଂ ରାଇରଙ୍ଗପୁରର ମାହୁଲଡିହା ସ୍ଥିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବେ। ସେ ସରକାରୀ ଆୟୁର୍ବେଦ ମେଡିକାଲ କଲେଜ ଏବଂ ଡାକ୍ତରଖାନା, ଓୟୁଏଟି କ୍ୟାମ୍ପସ, ତୀରନ୍ଦାଜୀ କେନ୍ଦ୍ର, ସହରୀ ସୌନ୍ଦର୍ଯ୍ୟକରଣ ଏବଂ ଡ୍ରେନେଜ ଅପଗ୍ରେଡେସନ ପ୍ରକଳ୍ପ, ବିଭିନ୍ନ ସିଏସଆର ପ୍ରକଳ୍ପ ଏବଂ ରାଇରଙ୍ଗପୁରରେ ଏମଏସସିବି ବିଶ୍ୱବିଦ୍ୟାଳୟ ସୂଚନା ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସ ଭଳି ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଫେବୃଆରୀ ୬ ତାରିଖରେ ରାଷ୍ଟ୍ରପତି ଶିମିଳିପାଳଠାରେ ଆଦିବାସୀ ସମ୍ପ୍ରଦାୟର ମହିଳା ଏବଂ ଯୁବକମାନଙ୍କ ସହ ଭାବବିନିମୟ କରିବେ। ସେ ଭୁବନେଶ୍ୱରରେ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ ସହଯୋଗରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ‘ବ୍ଲାକ୍ ସ୍ୱାନ୍ ସମ୍ମିଟ୍, ଇଣ୍ଡିଆ’ ରେ ମଧ୍ୟ ଯୋଗଦେବେ। ଫେବୃଆରୀ ୭ ତାରିଖରେ ରାଷ୍ଟ୍ରପତି ଛତିଶଗଡ଼ର ଜଗଦଲପୁରରେ ‘ବସ୍ତର ପାଣ୍ଡୁମ ୨୦୨୬’ ମହୋତ୍ସବର ଉଦଘାଟନ କରିବେ।



ନିତିଦିନ NITIDIN



## ଭିବିଜି ରାମ ଜି ମଣ୍ଡଳସ୍ତରୀୟ ଜନ ଜାଗରଣ ଅଭିଯାନ



**ଶେରଗଡ,୧।୨/ଏନ୍‌ଏନ୍‌ଏସ୍:** ଶେରଗଡ଼ ବ୍ଲକ ଅନ୍ତର୍ଗତ ସୁନାନ୍ତର ନାଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଜେପି ପକ୍ଷରୁ ଧବଳପୁର ମଣ୍ଡଳ ସ୍ତରୀୟ ଭିବିଜି ରାମ ଜି ଜନଜାଗରଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଆସ୍କା ସାଂଗଠନିକ ଜିଲ୍ଲା ସଭାପତି ବିଜୟ ସ୍ୱାଇଁ ବରିଷ୍ଠ ବିଜେପି ନେତା ଶିଶିର ମିଶ୍ର, ଜିଲ୍ଲା ବିଜେପି ପ୍ରଭାରୀ ପ୍ରକାଶ ମଙ୍ଗରାଜ, ଜିଲ୍ଲା ସହ ସଂଯୋଜକ ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ମନେରଗାରେ ହୋଇ ଆସୁଥିବା ଦୁର୍ନୀତି ରୋକିବାରେ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଭିବିଜି ରାମ ଜି ଯୋଜନାକୁ ଘରକୁ ଘର ବୁଲି ପ୍ରଚାର କରିବା ପାଇଁ ଆହ୍ୱାନ କରିଥିଲେ। କୃଷକ ଓ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଏହି ଆଇନ୍‌ରେ ବ୍ୟାପକ ପରିବର୍ତ୍ତନ ହୋଇଛି ବୋଲି ଜିଲ୍ଲା ପ୍ରଭାରୀ ଅବଗତ କରାଇଥିଲେ। ଜନ ଜାଗରଣ ସୃଷ୍ଟି ପାଇଁ ଆଗାମୀ ଦିନରେ ଏହାକୁ ବ୍ୟାପକ ଭାବେ ପ୍ରଚାର ସହ ଗାଁ ଗାଁ ବୁଲି ଶ୍ରମିକ ଓ କୃଷକ, ଦଳିତ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଉପସ୍ଥିତ ନେତୃବୃନ୍ଦ ଆହ୍ୱାନ କରିଥିଲେ। ବୈଠକରେ ନିରଞ୍ଜନ ଜେନା, ମାଧବ ଗୌଡ, ମଣ୍ଡଳ ସଭାପତି ଜିତେନ୍ଦ୍ର ମହାରଣା, ଅନ୍ତର୍ଯ୍ୟାମୀ ପାତ୍ର, ଜଗନ୍ନାଥ ପାତ୍ର, ସରପଞ୍ଚ ରାଜେଶ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ।

## ଟ୍ରକ୍ ଧକ୍କାରେ ୫ ଜଣଙ୍କ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଲେ ମନ୍ତ୍ରୀ

**ବ୍ରହ୍ମପୁର,୧।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଗୋଷାଣୀନୂଆଗାଁ ହଳଦିଆପଦରଠାରେ ଗତକାଲି ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଛି। ଘଟଣାରେ ୫

**ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏଁ ସହାୟତା**

ଜଣଙ୍କ ଜୀବନ ଯାଇଥିବା ବେଳେ ଆଜି ରାଜ୍ୟ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ସମବେଦନା ଜଣାଇଛନ୍ତି । ଫୁଲଟା ଗ୍ରାମର କୃଷ୍ଣ ନାହାକ ଏବଂ ଚନ୍ଦୁରୁ ନାହାକଙ୍କ ପରିବାରବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ସମବେଦନା ଜଣାଇଥିଲେ । ପରେ ମନ୍ତ୍ରୀ ଶବ୍ରହ୍ମପୁର ଅଯୋଧ୍ୟା ନଗର ସ୍ଥିତ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ରାମଚନ୍ଦ୍ର ପଣ୍ଡାଙ୍କ ପରିବାରବର୍ଗଙ୍କୁ ମଧ୍ୟ ଭେଟିଥିଲେ। ସବୁ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେଠାରୁ କୁକୁଡ଼ାଖଣ୍ଡି ବ୍ଲକ୍ ଗୁଣ୍ଡବନ୍ଧ ଗ୍ରାମର ଶିବରାମ ଜେନାଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ। ସବୁ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେଠାରୁ ଦିଗପହଣ୍ଡି ସମାସିଂଶାସନ ଗ୍ରାମର ସତ୍ୟନାଥ ବେଜଙ୍କ ପରିବାରବର୍ଗଙ୍କୁ ମଧ୍ୟ ମନ୍ତ୍ରୀ ଶ୍ରୀ ଜେନା ଭେଟି ସମବେଦନା ଜଣାଇଥିଲେ । ଜଣକର ଭୁଲ୍ ପାଇଁ ଆଜି ପାଞ୍ଚଟି ପରିବାରକୁ ନଷ୍ଟ କରିଦେଲା । ତେଣୁ ପ୍ରତ୍ୟେକ ଗାଡି ଚଳାଇବା ବେଳେ ସଚେତନ ହେବା ସହ ନିଜ ମୂଲ୍ୟବାନ ଜୀବନର ସୁରକ୍ଷା କରିବାକୁ ମନ୍ତ୍ରୀ ଶ୍ରୀ ଜେନା ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଏବଂ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ପ୍ରତି ମୃତକଙ୍କ ପରିବାରବର୍ଗଙ୍କୁ ରେଡକ୍ରସ୍ ତରଫରୁ ୩୦ ହଜାର ଟଙ୍କାର ଚେକ୍ ମନ୍ତ୍ରୀ ପ୍ରଦାନ କରିଥିଲେ । ମନ୍ତ୍ରୀଙ୍କ ଗସ୍ତ ବେଳେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶ୍ରବଣ ବିବେକ ଏମ୍, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ତହସିଲଦାର, କୁକୁଡାଖଣ୍ଡି ତହସିଲଦାର ଏବଂ ବିଡ଼ିଓ, ଦିଗପହଣ୍ଡି ତହସିଲଦାର ଏବଂ ବିଡ଼ିଓ ପ୍ରମୁଖ ଉପସ୍ଥିତ ଥିଲେ । ବିଜେପି ନେତା ସୁନିଲ କୁମାର ସାହୁ, ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ସାମନ୍ତରା, ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦକ ଶିବ ଶଙ୍କର ନାୟକ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ଅଶୋକ ଶୁକ୍ଳ, ବାଳକୃଷ୍ଣ ସାମନ୍ତରା, ରାମ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ୩ରୁ ସୁନାପୁର ବେଳାଭୂମି ମହୋତ୍ସବ

**ବ୍ରହ୍ମପୁର,୧।୨/ଏନ୍‌ଏନ୍‌ଏସ୍:** ଚିକିଟି ନିର୍ବାଚନ ମଣ୍ଡଳୀର ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ଚଳିତ ବର୍ଷ ସୁନାପୁର ବେଳାଭୂମି ମହୋତ୍ସବ ମହାସମାରୋହରେ ଆୟୋଜିତ ହେବ। ଫେବୃଆରୀ ୩ ରୁ ୫ ତାରିଖ ଯାଏଁ ମହୋତ୍ସବ ଚାଲିବ ବୋଲି ସୁନାପୁର ଇକୋ ରିଟ୍ରିଟ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ସୂଚନା ଦେଇଛନ୍ତି। ବିଧାୟକ ଶ୍ରୀ ସାମନ୍ତରାୟ ସୁନାପୁର ବେଳାଭୂମି ମହୋତ୍ସବ ସମ୍ପର୍କିତ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଚିକିଟିସ୍ଥିତ ମା ବାଳକୁମାରୀ ଓ ମା ବଗଳାମୁଖୀ ମନ୍ଦିର, ଜୟନ୍ତିପୁରସ୍ଥିତ ମା ପର୍ଣ୍ଣିମେଶ୍ୱରୀ ମନ୍ଦିର, ପାତ୍ରପୁରସ୍ଥିତ ମା କୁଠାରୀଶ୍ୱରୀ, ସୁନାପୁରସ୍ଥିତ ମା ଫୁଲକାଶୁଣୀ ଗ୍ରାମ ଦେବତୀଙ୍କ ଠାରୁ ଆଶୀର୍ବାଦ ଓ ଆଜ୍ଞା ମାଳ ଆଣି ପଣ୍ଡିତ, ସାଧୁସନ୍ଥଙ୍କ ଦ୍ୱାରା ସମୁଦ୍ର ଆଳତି କରାଯାଇ ସୁନାପୁର ବେଳାଭୂମି ମହୋତ୍ସବର ଶୁଭାରମ୍ଭ କରାଯିବ । ମହୋତ୍ସବରେ ଲୋକମାନଙ୍କର ଭରପୁର ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ମହୋତ୍ସବର ପ୍ରଥମ ଦିନରେ ଓଡିଶାର ସୁପରିଚିତ ଗାୟିକା ଅସୀମା ପଣ୍ଡା, ଦ୍ୱିତୀୟ ଦିବସରେ ଗାୟିକା ସୁଶ୍ମାନୀ ମହାପାତ୍ର, ଓଲିଉଡ୍‌ର ଡ୍ୟାନ୍ସର ଶୈଳେନ୍ଦ୍ର-ସୋହାନୀ ଓ ଟଲିଉଡ୍‌ର ହାସ୍ୟ ଅଭିନେତା ମହମ୍ମଦ ଅଲ୍ଲି ଏବଂ ତୃତୀୟ ଦିବସରେ ଇଣ୍ଡିଆନ୍ ଆଇଡଲ୍ ଜରିଆରେ ନା କମେଇଥିବା ଅରୁଣିତା କାଞ୍ଜିଲାଲ୍ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହା ସହିତ ଫେବୃୟାରୀ ୩ ତାରିଖ ସକାଳ ୮ଘଟିକା ସମୟରେ ଏକ ମାରାଥନ୍ ଆୟୋଜନ ହେବ । ଏହି ମାରାଥନ୍ ସୁରଳ ଛକରୁ ଆରମ୍ଭ ହୋଇ ଜଗପୁରରେ ଶେଷ ହେବ ବୋଲି ଚିକିଟି ବିଧାୟକ ଶ୍ରୀ ଦ୍ୟାନ ସାମନ୍ତରାୟ ସୂଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ସାଂସଦଙ୍କ ପ୍ରତିନିଧି ମିନା ଦ୍ୟାନସାମନ୍ତରାୟ, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ସ୍ଥାନୀୟ ସମିତି ସଭ୍ୟ ଅମୂଲ୍ୟ ବେହେରା, ଚିକିଟି ଓ ପାତ୍ରପୁର ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ଆୟୋଜକମାନେ ଉପସ୍ଥିତ ଥିଲେ।




# ମା’ ତାରାଦେବୀ ବିଗ୍ରହଙ୍କ ନଗର ପରିକ୍ରମା ମହୋତ୍ସବ

**ଆସିକା,୧।୨/ଏନ୍‌ଏନ୍‌ଏସ୍:** ଆସିକା ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମ ପଞ୍ଚାୟତର କର୍ଣ୍ଣୋଳି ଗ୍ରାମ ସ୍ଥିତ ନିଗମାନନ୍ଦ ଯୋଗାଶ୍ରମର ପାହାଡ ନିକଟରେ ବିରାଜମାନ ହେବାକୁ ଥିବା କରୁଣାମୟୀ ମା ତାରାଦେବୀ ବିଗ୍ରହଙ୍କ ନଗର ପରିକ୍ରମା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ଣ୍ଣୋଳି ଗ୍ରାମ ସ୍ଥିତ ଶ୍ରୀ ନିଗମାନନ୍ଦ ଯୋଗଶ୍ରମର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମା’ ତାରାଦେବୀଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଆଗେଇ ଚାଲିଥିଲା ବେଳେ ମା’ ତାରାଦେବୀଙ୍କ ଅତି ଆକର୍ଷଣୀୟ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇଛି। ଜଗତ୍‌ଜନନୀ, ଦୁର୍ଗତୀନାଶିନୀ, ବିପଦହାରିଣୀ, କରୁଣାମୟୀ, କଲ୍ୟାଣମୟୀ, ଅଭୟଦାୟିନୀ, କୃପାମୟୀ, ବିପଦନାଶିନୀ ମା ତାରାଦେବୀଙ୍କ ବିଗ୍ରହକୁ ଏକ ସୁସଜ୍ଜିତ ଯାନରେ ଅଧିଷ୍ଠିତ କରାଯାଇଥିଲା। ଖଣ୍ଡଦେଉଳି ଗ୍ରାମ ପଞ୍ଚାୟତର କର୍ଣ୍ଣୋଳି, ଖଣ୍ଡଦେଉଳି, ନୁଆଗାଁ, ସମେଇଗୁଡା, ସିମାଖାଇ ଏବଂ ନଳବଣ୍ଠା ଗ୍ରାମ ପଞ୍ଚାୟତର ଖଡଭାଗ, ଚେରମାରିଆ ଓ ନଳବଣ୍ଠା ଗ୍ରାମକୁ ପରିକ୍ରମା କରାଯାଇଥିଲା । ମା’ ତାରାଦେବୀ ବିଗ୍ରହଙ୍କ ନଗର ପରିକ୍ରମା ସମୟରେ ଶ୍ରଦ୍ଧାଳୁ ଭକ୍ତଙ୍କ ମଧ୍ୟରେ ପ୍ରେମ ଓ ଭକ୍ତିର ମହାମିଳନ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ନିଗମାନନ୍ଦ ଯୋଗାଶ୍ରମର ସଭାପତି ବିଶ୍ୱନାଥ ବିଷୋୟୀ, ଉପସଭାପତି ବାହାନପତି ସ୍ୱାଇଁ, ସଂପାଦକ ବିଜୟ କୁମାର ସ୍ୱାଇଁ, ଉପଦେଷ୍ଟା ପ୍ରଶାନ୍ତ କୁମାର ପଣ୍ଡା, ଆଧ୍ୟାତ୍ମିକପ୍ରେମି ପ୍ରମୋଦ କୁମାର ସ୍ୱାଇଁ, ଜିତେନ୍ଦ୍ର କୁମାର ବିଷୋୟୀ, ପ୍ରଣବ କୁମାର ବିଷୋୟୀ, ରାଜୀବ ଲୋଚନ ସ୍ୱାଇଁ, ବସନ୍ତ କୁମାର ଭୂୟାଁ, ପ୍ରଫୁଲ କୁମାର ବେହେରା, କିଶୋର ଚନ୍ଦ୍ର ଭୂୟାଁ, ବାଉରିବନ୍ଧୁ ଗୌଡ, ଅନନ୍ତ ବିଷୋୟୀ, ବିଭୁତି ଭୂଷଣ ଭୂୟାଁ, ଆର୍.ଗୁରୁନାଥ ରେଡି, ଆର୍. କୃଷ୍ଣମୂର୍ତ୍ତି ରେଡି, ବିବେକାନନ୍ଦ ପ୍ରଧାନ, କାହ୍ନୁଚରଣ ବିଷୋୟୀ, ବିଶ୍ୱନାଥ ବିଷୋୟୀ (ସାନ), ହୃଷିକେଶ ଭୂୟାଁଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁ ଭକ୍ତ ସକ୍ରିୟ ସହଯୋଗ କରିଥିଲେ।

## ହନୁମାନ ମନ୍ଦିର ସମ୍ମୁଖରେ ଅଷ୍ଟପ୍ରହର ନାମଯଜ୍ଞ

**ଆସିକା,୧।୨/ଏନ୍‌ଏନ୍‌ଏସ୍:** ଆସିକା ଏନ୍‌ଏସି ଅଧିନସ୍ଥ ଅଶୋକା ସିନେମାହଲ୍ ଛକସ୍ଥିତ ହନୁମାନ ମନ୍ଦିର ନିକଟରେ ବିଶ୍ୱ କଲ୍ୟାଣ ନିମିତ୍ତ ୫୮ତମ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ରୀତିନୀତି ପୂଜାର୍ଚ୍ଚନା ପରେ ଅଧିବାସ, କଳସଯାତ୍ରା ଓ ଅଖଣ୍ଡ ଦୀପ ସ୍ଥାପନ ପରେ ରବିବାର ପୂର୍ବାହ୍ନରୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ନାମଯଜ୍ଞରେ ଭେଟନଇ, ମର୍ଦ୍ଦରାଜପୁର, ଝାଡବନ୍ଧ, ତେନ୍ତୁଳିଆ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଛନ୍ତି। ସୋମବାର ନାମଯଜ୍ଞ ସଂପନ୍ନ ହେବାର କାର୍ଯ୍ୟକ୍ରମ ସାଙ୍ଗକୁ ନଗର ପରିକ୍ରମା, ଦଧିଭାଣ୍ଡ ଭଞ୍ଜନ ସହ ପ୍ରସାଦ ସେବନର ଆୟୋଜନ ହେବ। ଆସିକା ବ୍ଲକ କାଳଷଣ୍ଡପୁର ଗ୍ରାମ ପଞ୍ଚାୟତ ମୁକୁନ୍ଦପୁର ଗ୍ରାମ ଶ୍ରୀ ବୀର ବଜରଙ୍ଗ ନାମ ସଂକୀର୍ତ୍ତନ ମଣ୍ଡଳୀର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ନାମଯଜ୍ଞ ପରିଚାଳନାରେ ଆଧ୍ୟାତ୍ମିକ ପ୍ରେମୀ କାହ୍ନୁଚରଣ ପଣ୍ଡା, ଏସ୍.ରାମାରାଓ ରେଡି, କେ.ରାବଣା ରାଓ, ରବିନ୍ଦ୍ର କୁମାର ପରିଡା, ରବିନ୍ଦ୍ର କୁମାର ସାହୁ, କ୍ରିଷ୍ଣା ରାଓ, ବାବୁଲା ସାହୁ, ରିଙ୍କୁ ସାହୁ, ସୁଶାନ୍ତ କୁମାର ମହାରଣା, ଜିତେନ୍ଦ୍ର କୁମାର ପାତ୍ର, କେ.ବଦ୍ରିନାରାୟଣ ପୃଷ୍ଟି, ପ୍ରକାଶ ବେହେରା, ଉଲ୍ଲାସ ରଂଜନ ପାଢୀ, କୋଟେଶ୍ୱର ପଣ୍ଡା, ପରମେଶ୍ୱର ସାହୁ, ବଳଭଦ୍ର ସାହୁ, ଜଗନ୍ନାଥ ସାହୁ, ସୁଚିତ୍ର ମହାରଣା, ସୁଶାନ୍ତ ମହାରଣା, ଗୋପାଳକୃଷ୍ଣ ସାହୁଙ୍କ ସମେତ ଅଶୋକା ସିନେମା ରୋଡର ସ୍ୱେଚ୍ଛାସେବୀ, ଯୁବପିଢି, ବ୍ୟବସାୟୀ ପ୍ରମୁଖ ସହଯୋଗ କରୁଛନ୍ତି। ପୋଡଙ୍ଗୀ ଗ୍ରାମ ସ୍ଥିତ ରାଧାକୃଷ୍ଣ ମଠ ମହନ୍ତ ସନ୍ଥ ଅନନ୍ତକୃଷ୍ଣ ଦାଶ ମହାରାଜ ନାମଯଜ୍ଞରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି।



## ଶାରଦା ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

**ପୁରୁଷୋତ୍ତମପୁର,୧।୨/ଏନ୍‌ଏନ୍‌ଏସ୍:** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଚାଟମଣ୍ଡଳୀ ଗ୍ରାମର ଶାରଦା ବିଦ୍ୟା ପୀଠରେ ୯ମ ବାର୍ଷିକ ଉତ୍ସବ ବିଦ୍ୟାଳୟ ସଭାପତି ନୀଳକଣ୍ଠ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଓକିଲ ଅରୁଣ କୁମାର ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀମାନେ ଶିକ୍ଷା ପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭୀମପୁର ସମିତି ସଭ୍ୟ ଜଗନ୍ନାଥ ପାତ୍ର, ସମ୍ମାନୀତ ଅତିଥି ଭୀମପୁର ପଞ୍ଚାୟତ ସରପଞ୍ଚ ମାମାଲି ଦାସ, ସମାଜସେବୀ ଜଗତ ପଣ୍ଡା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍କୁଲ ଅଧକ୍ଷ କମଳ ଲୋଚନ ମହାପାତ୍ର ସଂଯୋଜନା କରିଥିଲେ। ଶିକ୍ଷକ ପ୍ରଶାନ୍ତ ମହାରଣା, ଶିକ୍ଷୟତ୍ରୀ ଚିନ୍ମୟ ରାଉଳ, ସନ୍ତୋଷିନୀ ପଣ୍ଡା, ଶିବାନୀ ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।



## ସାମ୍ବାଦିକଙ୍କ ପିତୃ ବିୟୋଗ

**ଫୁଲବାଣୀ,୧।୨/ଏନ୍‌ଏନ୍‌ଏସ୍:** ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ ବୀରେନ୍ଦ୍ର ସୁବୁଦ୍ଧିଙ୍କ ପିତା ତଥା ଫୁଲବାଣୀର ଜଣାଶୁଣା ବ୍ୟବସାୟୀ କେ.ଲକ୍ଷ୍ମୀ ନାରାୟଣ ସୁବୁଦ୍ଧିଙ୍କ ଶନିବାର ବିଳମ୍ବିତ ରାତ୍ରରେ ଦେହାନ୍ତ ହୋଇଯାଇଛି। ସେ ଜଣେ ଧର୍ମ ପରାୟଣ, ପରୋପକାରୀ ବ୍ୟକ୍ତି ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କର ଅନ୍ୟ ଦୁଇପୁଅ ବ୍ୟବସାୟୀ ଥିବାବେଳେ ସାନପୁଅ ସାମ୍ବାଦିକ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥାଇ ସ୍ୱୟଂ ସେବକ ରୁପେ କାର୍ଯ୍ୟରତ। ତାଙ୍କ ମୃତ୍ୟୁରେ ଆଜି ଫୁଲବାଣୀ ସହରର ଜଗନ୍ନାଥ ବଜାର ମଧ୍ୟ ବନ୍ଦ ରହିଥିଲା । ଦେହାନ୍ତ ସମୟରେ ପରିବାରର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିବା ବେଳେ ଖବର ପାଇ ବହୁ ସାମ୍ବାଦିକ, ଆତ୍ମୀୟ ଓ ଆଇନଜୀବୀ ମାନେ ପହଂଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗତ ଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିବା ବେଳେ ବଡ଼ପୁଅ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ସହରରେ ଶୋକର ଛାୟା ଖେଳିଯାଇଛି।



## ପ୍ରାଦେଶିକ କ୍ରୀଡ଼ା ଉଦ୍‌ଯାପିତ

**ଛତ୍ରପୁର,୧।୨/ଏନ୍‌ଏନ୍‌ଏସ୍:** ଛତ୍ରପୁରସ୍ଥିତ ଷ୍ଟାଡିୟମ୍ ଠାରେ ୩୭ ତମ ପ୍ରାଦେଶିକ କ୍ରୀଡାର ଉଦ୍‌ଯାପିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରବନ୍ଧକ ପ୍ରଦିପ୍ତ କୁମାର ଓଝା, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି(ଓଡିଶା)ର କୋଷାଧକ୍ଷ ସତ୍ୟନାରାୟଣ ପଟ୍ଟନାୟକ, ସଂଗଠନ ମନ୍ତ୍ରୀ ତାରକ ଦାଶ, ପ୍ରାନ୍ତ ଖେଳକୁଦ ସଂଯୋଜକ ସଞ୍ଜୟ କୁମାର ମିଶ୍ର କ୍ରୀଡା ସଂଯୋଜନା କରିଥିଲେ । ପ୍ରାନ୍ତ ଶାରୀରିକ ଶିକ୍ଷା ସଂଯୋଜକ ବଳରାମ ସାହୁ ପ୍ରାନ୍ତ ବୃତ୍ତି ପଠନ କରିଥିଲେ। ଦକ୍ଷିଣ ପୂର୍ବ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଉପସଭାପତି ଗୀତା ପାଢୀ, କୋଷାଧକ୍ଷ ସିମାଞ୍ଚଳ ପାତ୍ର, ସଂକୁଳ ପ୍ରମୁଖ ଡ.ଜେ କୂର୍ମା ରାଓ, ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ସଂପାଦକ ସନ୍ତୋଷ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ଭାଗ ସଂପାଦକ ଦୀପକ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ବରଙ୍ଗେଇ ଯୁବକ ସଂଘ ପକ୍ଷରୁ ସଫେଇ ଅଭିଯାନ

**ଛତ୍ରପୁର,୧।୨/ଏନ୍‌ଏନ୍‌ଏସ୍:** ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡମାଧପୁର ଗ୍ରାମ ପଞ୍ଚାୟତର ବରଙ୍ଗ ଗ୍ରାମରେ ବରଙ୍ଗେଇ ଯୁବକ ସଂଘ ପକ୍ଷରୁ ଏକ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ଗ୍ରାମର ଶତାଧିକ ଯୁବକ ସ୍ୱଇଚ୍ଛାରେ ଯୋଗଦେଇ ଗ୍ରାମର ରାସ୍ତାଘାଟ, ସାର୍ବଜନିକ ସ୍ଥାନ ଓ ମନ୍ଦିର ପରିସର ସଫା କରିଥିଲେ। ସଫେଇ ସମୟରେ ଯୁବକମାନେ ସ୍ୱଚ୍ଛତା ରକ୍ଷା ସହ ସୁସ୍ଥ ପରିବେଶ ଗଢ଼ିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଯୁବକ ସଂଘର ଏହି ସାମୂହିକ ପ୍ରୟାସକୁ ଗ୍ରାମବାସୀମାନେ ସ୍ୱାଗତ ଓ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଏଭଳି ସମାଜସେବାମୂଳକ କାର୍ଯ୍ୟକ୍ରମ ଜାରି ରଖିବାକୁ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଘର ସାମନାରୁ ବାଇକ୍ ଚୋରି

**ଫୁଲବାଣୀ,୧।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଓଲଡ ଏଲ ଆଇ ସି କଲୋନୀରେ ଘର ସାମନାରୁ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଟାଉନ ଥାନାରେ ଏତଲା କରାଯାଇଛି। ଅଭିଯୋଗ ଅନୁଯାୟୀ, ସଦର ଥାନା ତୁଡିପାଜୁ ପଞ୍ଚାୟତ ବୁଢାଦାନୀ ଗ୍ରାମର ଆକାଶ ଗଣ୍ଡା ସ୍ଥାନୀୟ ପୁରୁଣା ଏଲ ଆଇ ସି କଲୋନୀରେ ରହୁଥିବା ତାଙ୍କ ଭିଣୋଇଙ୍କ ଘରକୁ ଆସିଥିଲେ। ଶୁକ୍ରବାର ରାତିରେ ସେ ନିଜ ବାଇକ( ନଂ ଓଡି ୧୨ ଇ ୬୫୧୩) ଘର ସାମନାରେ ରଖି ଶୋଇଥିଲେ। ସକାଳୁ ଉଠି ଦେଖିବା ବେଳକୁ ଗାଡି ନ ଥିଲା। ଆକାଶ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ମଧ୍ୟ କୌଣସି ସନ୍ଧାନ ନ ପାଇବାରେ ଏ ନେଇ ଟାଉନ ଥାନାରେ ଏତଲା ଦେଇଛନ୍ତି।

# ପିଏମ୍‌ଶ୍ରୀ ହରିହର ହାଇସ୍କୁଲ୍ ବିଦ୍ୟାର୍ଥୀଙ୍କ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ

**ଆସିକା,୧।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ପିଏମ୍‌ଶ୍ରୀ ହରିହର ହାଇସ୍କୁଲରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଶତାଧିକ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ବାବନପୁର ସ୍ଥିତ ମେଗା ନର୍ସରୀ ସମେତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିଚରଣ କରୁଥିବା ବିଶ୍ୱବିରଳ କୃଷ୍ଣସାର ମୃଗଙ୍କ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାର୍ଥୀଙ୍କୁ କେବଳ ପୁସ୍ତକ ଜ୍ଞାନ ନୁହେଁ ବରଂ ବ୍ୟବହାରିକ ଜ୍ଞାନ ଯୋଗାଇଦେବା ସହ ପାଠପଢାକୁ ଅଧିକ ରୁଚିକର କରିବା ଓ ଛାତ୍ରଛାତ୍ରୀଙ୍କ ମାନସିକ ଚାପ ହ୍ରାସ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଜାତୀୟ ଶିକ୍ଷାନୀତି-୨୦୨୦ର ଏକ ଅଂଶବିଶେଷ ଥିବା ଏହି କାର୍ଯ୍ୟକ୍ରମ ବର୍ଷକୁ ୧୦ ଦିନ କରାଯାଉଥିଲା ବେଳେ ଛାତ୍ରଛାତ୍ରୀମାନେ କଳା, କାରିଗର, ବୃତ୍ତିଗତ ଶିକ୍ଷା ସହ ବାହ୍ୟ ପରିଦର୍ଶନ ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେବାର ଯୋଜନା କରାଯାଇଥିବା ଜଣାପଡିଛି। ଆସିକା ପିଏମ୍‌ଶ୍ରୀ ହରିହର ହାଇସ୍କୁଲର ପ୍ରଧାନଶିକ୍ଷକ ରାମକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ରଜନୀରାଣୀ ଦାଶ, ମମତା ଭଞ୍ଜ, ବଟକୃଷ୍ଣ ଗୌଡ, ଅନିଲ୍ ବେହେରାଙ୍କ ସମେତ ଶିକ୍ଷାନୁଷ୍ଠାନର ବହୁ ଶିକ୍ଷକ ଶକ୍ଷୟିତ୍ରୀ ବହି ବ୍ୟାଗ୍ ବିହୀନ ଶିକ୍ଷାଦିବସ ଅବସରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ବିଦ୍ୟାର୍ଥୀମାନେ ଆସିକା ବନବିଭାଗର ବାବନପୁର ଗ୍ରାମ ସ୍ଥିତ ମେଗା ନର୍ସରୀକୁ ପରିଦର୍ଶନ କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିଚରଣ କରୁଥିବା ବିଶ୍ୱବିରଳ କୃଷ୍ଣସାର ମୃଗଙ୍କୁ ଦେଖି ବେଶ୍ ଖୁସି ପ୍ରକଟ କରିଥିଲେ।




## ମହୁରୀ କାଳୁଆ ପୀଠରେ ବନ୍ଧୁମିଳନ କାର୍ଯ୍ୟକ୍ରମ

**କୁକୁଡାଖଣ୍ଡି,୧।୨/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଧାର୍ମିକ ପୀଠ ମହୁରୀ କାଳୁଆଙ୍କ ପୀଠ ପରିସରରେ ଅଟଳ ସ୍ୱାଭିମାନ ମଞ୍ଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଅଟଳ ସ୍ୱାଭିମାନ ମଞ୍ଚର ଅଧକ୍ଷ ଆଇନଜୀବୀ ସଦସ୍ୟ କୁଞ୍ଜ ବିହାରୀ ପଣ୍ଡା ଏବଂ ମହା ସଚିବ ମଦନ ମୋହନ ପାତ୍ରଙ୍କ ସହଯୋଗ କ୍ରମେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଗଠନର ଉଦ୍ଦେଶ୍ୟ, ସ୍ୱାଭିମାନ, ସାମାଜିକ ଏକତା ଓ ସଂସ୍କୃତି ସୁରକ୍ଷା ବିଷୟରେ ଆଲୋଚନା କରାଯାଇଥିଲା। ମଞ୍ଚର ବକ୍ତାମାନେ ଯୁବପିଢ଼ୀଙ୍କୁ ଏକତାବଦ୍ଧ ହୋଇ ସମାଜ ଗଠନରେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା କାହ୍ନୁ ପତି, ଅଟଳ ସ୍ୱାଭିମାନ ମଞ୍ଚର ସମ୍ପାଦକ ଆଲୋକ ଚୌଧୁରୀ, ମୀରା ଦେଓ,ସାଂସଦ ପ୍ରତିନିଧି ସନ୍ତୋଷ ଚୌଧୁରୀ, ବାଘଲଟି ସମିତିସଭ୍ୟା ସାରଥୀ ଗୌଡ଼, ଏ.ନନ୍ଦକିଶୋର, ଅଟଳ ସ୍ୱାଭିମାନ ମଞ୍ଚର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସଂଗଠନକୁ ସୁଦୃଢ଼ ନେଇ ଗୁରୁତ୍ୱାରୋପ କରିଥିଲେ।



**ନିତି ଭାରତୀ**

ଜୀବନର ଛୋଟ ଛୋଟ କାମଗୁଡ଼ିକ କ୍ଷେତ୍ରରେ ମଧ୍ୟ ସତ୍ୟତା ରକ୍ଷା କରି କାରବାର କରିବା ହିଁ ବିଶୁଦ୍ଧ ଜୀବନର ଏକମାତ୍ର ଗୋପନୀୟତା।
**- ମହାତ୍ମା ଗାନ୍ଧୀ**



# ନୈରାଶ୍ୟର ନୋବେଲ



ତପୋଧନ ପଣ୍ଡା

ସେଦିନ ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ଅଫିସ ତଥା ବାସଭବନରେ ଜଣେ ସ୍ପେସିଆଲ ଗେଷ୍ଟଙ୍କ ଆବିର୍ଭାବ ଘଟିଲା। ସେ ଥିଲେ ୨୦୨୫ ମସିହାର ଶାନ୍ତି ପାଇଁ ନୋବେଲ ବିଜେତା ଭେନେଜୁଏଲାର ବିପକ୍ଷ ଦଳର ନେତ୍ରୀ ମାରିଆ କୋରିନା ମଚାଡୋ। ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଟ୍ରମ୍ପ୍ ଛଞ୍ଚାଣ ମୂଷାଙ୍କୁ ଉଠାଇ ଆଣିବା ପରି ଉଠାଇ ଆଣିବା ପରେ ପରେ ସେ ଆସିଥିଲେ ଟ୍ରମ୍ପଙ୍କୁ ସାକ୍ଷାତ କରିବାକୁ। ତେବେ ଟ୍ରମ୍ପ୍ ଓ ତାଙ୍କ ସହଯୋଗୀ କେତେକ ଲବି କରିଥିଲେ ମଚାଡୋଙ୍କୁ ନୋବେଲ ପୁରସ୍କାରରେ ସମ୍ମାନିତ କରିବା ପାଇଁ। ତାହା ହିଁ ହେଲା, ଯେବେ ଟ୍ରମ୍ପ୍ ନିଜେ ନୋବେଲ ପୁରସ୍କାର ପାଇବା ପାଇଁ ସବୁଠୁ ଯୋଗ୍ୟ ବ୍ୟକ୍ତି ବୋଲି ଡିଣ୍ଡିମ ପିଟି ପିଟି ଥକିଗଲେ ଓ ଜାଣିଲେ ଯେ ତାଙ୍କୁ ଦିଆଯାଉ ନାହିଁ ବୋଲି। ତେବେ ମଚାଡୋ ଚାହୁଁଥିଲେ ନିଜେ ଭେନେଜୁଏଲାର ରାଷ୍ଟ୍ରପତି ହେବା ପାଇଁ ମାଦୁରୋଙ୍କୁ ହଟାଇ। ନୋବେଲ ପୁରସ୍କାର ପାଇବା ପରେ ସେ ଆହ୍ୱାନ କରିଥିଲେ ଟ୍ରମ୍ପଙ୍କୁ ତାଙ୍କ ଦେଶକୁ ଆକ୍ରମଣ କରି ମାଦୁରୋଙ୍କୁ ଗାଦିଚ୍ୟୁତ କରି ତାଙ୍କୁ ଗାଦିରେ ବସାଇବା ଉଦ୍ଦେଶ୍ୟରେ। ଆମେରିକାର ଶକ୍ତି ତୁଳନାରେ ଭେନେଜୁଏଲାର ଶକ୍ତି କିଛି ନୁହେଁ। ପୁଣି ଟ୍ରମ୍ପ୍ ଟାରିଫ୍ ଘୋଷଣା କରି ସେଠାରେ ତୈଳ ଉତ୍ପାଦନକୁ ହ୍ରାସ କରାଇ ଦେଇଥିଲେ। ତୈଳ ଉପରେ ସଂପୂର୍ଣ୍ଣ ନିର୍ଭର କରୁଥିବା ସେଇ ଦେଶର କମର ଭାଙ୍ଗି ଦେଇଥିଲେ ଟ୍ରମ୍ପ୍। ତାଙ୍କର ଦୋଷ ଥିଲା, ସେ ଟ୍ରମ୍ପଙ୍କ ନାଚକୁ ସମାଲୋଚନା କରିଥିଲେ। ଡ୍ରଗ୍ ଚୋରା ଚାଲାଣ କରୁଛନ୍ତି ବୋଲି ତାଙ୍କ ମୁଣ୍ଡରେ ଅଠା ବୋଲି ଚାଲିଥିଲେ ଟ୍ରମ୍ପ୍। କାରଣ କୌଣସି ଆଳ ତ ଦରକାର ଗୋଟେ ଦେଶକୁ ଆକ୍ରମଣ କରି ରାଷ୍ଟ୍ରପତିଙ୍କୁ ହଟାଇବା ପାଇଁ। ସେମିତି ଆମେରିକା କରିଥିଲା ଇରାକ୍‌ର ତୈଳ ଭଣ୍ଡାରକୁ ଅକ୍ତିଆର କରିବା ପାଇଁ। ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କ ମୁଣ୍ଡରେ ଅଠା ବୋଳା ଚାଲିଥିଲା ଯେ ସେ କେମିକାଲ ୱିପନସ୍ ରଖିଛନ୍ତି ଗଣହତ୍ୟା କରିବା ଉଦ୍ଦେଶ୍ୟରେ। ମାତ୍ର ଗୋଟିଏ ହେଲେ ଗଣବିଧ୍ୱଂସୀ କେମିକାଲ ୱିପନସ ମିଳି ନଥିଲା। କିନ୍ତୁ ସଦ୍ଦାମ ପାଇଥିଲେ ମୃତ୍ୟୁଦଣ୍ଡ। ସେହିପରି ଆଫଗାନିସ୍ତାନକୁ ଆକ୍ରମଣ କରିଥିଲା ଆମେରିକା ଟୁଇନ୍ ଟାୱାର ଆକ୍ରମଣର ମାଷ୍ଟର ମାଇଣ୍ଡ ଓସାମା ବିନ୍ ଲାଦେନ୍ ସେଠାରେ ଲୁଚିଛି ବୋଲି। ମାତ୍ର ତାକୁ ଲୁଚାଇ ରଖିଥିଲା ପାକିସ୍ତାନ।

ପ୍ରଚୁର ତୈଳର ଭଣ୍ଡାର ଅଛି ଭେନେଜୁଏଲାରେ। ମାତ୍ର ତାହା ଏତେ ଉତ୍କୃଷ୍ଟ ଧରଣର ପେଟ୍ରୋଲିୟମ୍ ନୁହେଁ। ତୈଳ ଉତ୍ପାଦନ ଲାଭଦାୟକ ନୁହେଁ। ତେବେ ମାରିଆ କୋରିନା ଆସିଥିଲେ କେବଳ ଟ୍ରମ୍ପଙ୍କୁ ସାକ୍ଷାତ କରିବା ପାଇଁ। ସେ ନୋବେଲ ପୁରସ୍କାର ପାଇବା ପଛରେ ଟ୍ରମ୍ପଙ୍କ ହାତ ଥିବାରୁ ତାଙ୍କୁ ତାହା ଉପହାର ଭାବରେ ପ୍ରଦାନ କରିବା ପାଇଁ ଆସିଥିଲେ। ଯେତେବେଳେ ସେ ସେଇ ନୋବେଲ ସାଇଟେସନ୍‌କୁ ଟ୍ରମ୍ପଙ୍କୁ ପ୍ରଦାନ କରିଥିଲେ, ତାହା ପାଇ ଟ୍ରମ୍ପଙ୍କ ମୁଖମଣ୍ଡଳରେ ଅତ୍ୟନ୍ତ ପରିତୃପ୍ତିର ହସ ଫୁଟି ଉଠିଥିଲା, ଯେମିତିକି ସେ ସତରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଉଛନ୍ତି ନୋବେଲ କମିଟିର ଚୟନ କ୍ରମେ। ଏତେ ତୃପ୍ତିର ହସ ତାଙ୍କ ଓଠରେ ଫୁଟି ନଥିଲା ଯେବେ ସେ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଲଢ଼ି ନିର୍ବାଚିତ ହୋଇଥିଲେ ଅବା ନିଜ ବିବାହ ସମୟରେ ବା ତାଙ୍କ ପୁଅର ବାହାଘର ଉତ୍ସବରେ। କିନ୍ତୁ ସେଇ ସାଇଟେସନ୍ ତଳେ ମାରିନା ମଚାଡୋ ଲେଖିଥିଲେ- ତାଙ୍କୁ ସେ ପ୍ରଦାନ କରୁଛନ୍ତି କୃତଜ୍ଞତା ସ୍ୱରୂପ, କାରଣ ଟ୍ରମ୍ପ୍ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଇଛନ୍ତି ଭେନେଜୁଏଲାକୁ ମୁକ୍ତ କରିବା ପାଇଁ। କିନ୍ତୁ କି ଫ୍ରିଡମ୍ କଥା ମଚାଡୋ କହୁଛନ୍ତି ? ମାଦୁରୋଙ୍କୁ ଟ୍ରମ୍ପ୍ ଉଠାଇ ଆଣିବା ପରେ ତାଙ୍କ ଦେଶର ସମ୍ବିଧାନ ମୁତାବକ ଉପରାଷ୍ଟ୍ରପତି ହିଁ ରାଷ୍ଟ୍ରପତି ହେବେ ଏବଂ ସେ ଓ ତାଙ୍କର ସହଯୋଗୀ ସମୂହ, ସମସ୍ତେ ମାଦୁରୋଙ୍କ ସମର୍ଥକ ଓ ତାଙ୍କ ଦ୍ୱାରା ନିଯୁକ୍ତ। ସେ ରାଷ୍ଟ୍ରପତି ପଦବୀକୁ ଉନ୍ନୀତ ହେବା ପରେ ଟ୍ରମ୍ପଙ୍କୁ ଫୋନ୍ କରି ଆମେରିକା ସହିତ ସଂପର୍କ ସୁଧାରିବା ପାଇଁ ଓ ଓଲଟା କରିବା ପାଇଁ ଇଚ୍ଛୁକ ବୋଲି କରିଛନ୍ତି। ତେବେ ମଚାଡୋଙ୍କ ସ୍ଥାନ କେଉଁଠି ? ଆଗରୁ ଟ୍ରମ୍ପ୍ କହିଛନ୍ତି- ମଚାଡୋ ଭେନେଜୁଏଲାର ଲୋକପ୍ରିୟ ନେତ୍ରୀ ନୁହନ୍ତି। ତାଙ୍କୁ ରାଷ୍ଟ୍ରପତି ଭାବେ କେହି ଦେଖିବାକୁ ଚାହାନ୍ତି ନାହିଁ। ତେବେ ସେ ଟ୍ରମ୍ପଙ୍କୁ ମତ ବଦଳାଇ ତାଙ୍କୁ ଯେମିତି ହେଲେ ରାଷ୍ଟ୍ରପତି କରିବାକୁ ଲବି କରିବାକୁ ଆସିଥିଲେ। କିନ୍ତୁ ସେ ଭଲ କରି ଜାଣିଛନ୍ତି ଯେ ତାଙ୍କ ପଛରେ ଜନ ସମର୍ଥନ ନାହିଁ ଓ ତାଙ୍କୁ କେହି ସମ୍ମାନ ପ୍ରଦର୍ଶନ କରନ୍ତି ନାହିଁ। କିନ୍ତୁ ତାଙ୍କ ଆଶା, ସେ ଟ୍ରମ୍ପଙ୍କୁ ଦେବେ ନୋବେଲ ପ୍ରାଇଜ୍ ଓ ବଦଳରେ ପାଇବେ ରାଷ୍ଟ୍ରପତି ପଦବୀ।




ମଚାଡୋ ଉଲ୍ଲେଖ କରିଛନ୍ତି ୨୦୦ ବର୍ଷ ତଳେ ଜେନେରାଲ ଲାପଗ ୟେଟ୍ ଗୋଟେ ସାଇମନ୍ ବଲିଭର ମେଡାଲ ଦେଇଥିଲେ, ଯେଉଁଥିରେ ଥିଲା ଜର୍ଜ ୱାଶିଂଟନ୍‌ଙ୍କ ମୁଖମଣ୍ଡଳର ଛବି। ବଲିଭର ସେଇ ମେଡାଲକୁ ନିଜ ପାଖରେ ରଖିଥିଲେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ। ଇତିହାସର ୨୦୦ ବର୍ଷ ପରେ ବଲିଭରର ଲୋକେ ଏବେ ତାହା ଫେରାଉଛନ୍ତି ସେଇ ୱାଶିଂଟନଙ୍କୁ ବହୁ ବର୍ଷ ପରେ ରାଷ୍ଟ୍ରପତି ହୋଇଥିବା ଟ୍ରମ୍ପଙ୍କୁ, ସେଇ ନୋବେଲ ପ୍ରାଇଜ୍। ଲାଗୁଛି ସେ ଶାନ୍ତିର ନୋବେଲ ପୁରସ୍କାରକୁ ତୁଳନା କରୁଛନ୍ତି ଫିଫାର ବିଜୟୀ ଦଳ ପାଉଥିବା ଫିଫା ପ୍ରାଇଜ୍ ସହିତ। କିନ୍ତୁ ନୋବେଲ ପୁରସ୍କାର ବାବଦରେ ନୋବେଲ କମିଟି ଯାହା ଲେଖିଛନ୍ତି, ତାହା ହେଲା- ଥରେ ନୋବେଲ ପ୍ରାଇଜ୍ ଘୋଷଣା ହୋଇ ସାରିବା ପରେ ତାହାକୁ ଫେରାଇ ଅଣାଯିବ ନାହିଁ, କାହା ସହିତ ସେୟାର କରାଯାଇ ପାରିବ ନାହିଁ କି କାହାକୁ ବି ଦିଆଯାଇ ପାରିବ ନାହିଁ। ଏହି ନିଷ୍ପତ୍ତି ହେଉଛି ଶେଷ ନିଷ୍ପତ୍ତି ଓ ଏହା ବଳବତ୍ତର ରହିବ ଶେଷ ପର୍ଯ୍ୟନ୍ତ। ଅର୍ଥାତ୍ ଏହା ଶେଷ ପର୍ଯ୍ୟନ୍ତ ରହିବ ତା'ର ବିଜେତା ମାରିଆ ମଚାଡୋଙ୍କ ପାଖରେ, ହୁଏତ କୌଣସି ମିଡିଆ ତାହାକୁ ସଜାଇ ଦେଇପାରେ ଟ୍ରମ୍ପଙ୍କୁ ନୋବେଲ ବିଜେତା ବୋଲି ବିବେଚନା କରି। ଏଥିରୁ ଦୁଇଟି କଥା ଶିକ୍ଷା ମିଳେ। ଟ୍ରମ୍ପ୍ କି ଧରଣର ମଣିଷ, ଯିଏ ଜଣକର ପ୍ରାଇଜ୍‌କୁ ନେଇ ଆନନ୍ଦରେ ହସି ପାରନ୍ତି! ପବ୍ଲିକ୍ ତାଙ୍କୁ କଠୋର ସମାଲୋଚନା କରୁଥିବା ସ୍ଥଳେ ସେ ନିଜକୁ ପ୍ରାଇଜ୍ ପାଇଁ ଗର୍ବ ଅନୁଭବ କରନ୍ତି। ସେ କ'ଣ ଜଣେ ବ୍ୟକ୍ତି, ଯାହାର ସାମାନ୍ୟତମ ଆତ୍ମସମ୍ମାନ ନାହିଁ ? ବା ଜଣେ ମଣିଷ ଯାହାର ଆତ୍ମସଚେତନତା ନାହିଁ! ଟ୍ରମ୍ପଙ୍କ କ୍ଷେତ୍ରରେ ଉଭୟ ଠିକ୍ ହୋଇପାରେ। ଟ୍ରମ୍ପଙ୍କ ମନୋଭାବ ଯାହା, ସେଥିରୁ ଜଣାପଡ଼େ ଯେ କାର୍ଯ୍ୟ ପ୍ରଣାଳୀ ବା ମେଥଡ୍ ଯାହା ହେଉ ନା କାହିଁକି, ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଦରକାର। ସେ ଟାରିଫ୍‌ର ଭୟ ଦେଖାଇ ଅନ୍ୟ ଦେଶକୁ ବାଣିଜ୍ୟ ଚୁକ୍ତିରେ ସ୍ୱାକ୍ଷର କରିବାକୁ ବାଧ୍ୟ କରନ୍ତି; ସେ ବୋମା ପକାଇ ଅନ୍ୟ ଦେଶକୁ ଆଲୋଚନାର ଟେବୁଲ୍‌କୁ ଆଣିବାକୁ ଚାହାନ୍ତି। ଗୋଟେ ଦୁର୍ବଳ ଦେଶର ରାଷ୍ଟ୍ରପତିଙ୍କୁ ରାତାରାତି ଉଠାଇ ଆଣନ୍ତି ନିଜର ଶକ୍ତି ପ୍ରଦର୍ଶନ କରିବା ପାଇଁ। ଅନ୍ୟ ଜଣକର ପ୍ରାଇଜ୍ ଆଣି ଖୁସି ମନାନ୍ତି କେବଳ ନୋବେଲ ପ୍ରାଇଜ୍‌କୁ ହାତରେ ଧରିବା ପାଇଁ। ଆଉ ଏକ ଶିକ୍ଷା ନୋବେଲ କମିଟି ପାଇଁ- କିଛି ଭଲ କର। ତୁମ ଶାନ୍ତି ପୁରସ୍କାର ପାଇଁ ଲୋକେ ଅନ୍ୟ ଦେଶକୁ ଜଳାଇ ପାରନ୍ତି, ସଂଖ୍ୟାଲଘୁ ଲୋକଙ୍କୁ ମାରିଦେଇ ପାରନ୍ତି ପିଟି ପିଟି, ୟୁନୁସ୍‌ଙ୍କ ଭଳି ଅନ୍ୟମାନେ ଅନ୍ୟ ଦେଶରେ ବୋମା ପକାଇ ପାରନ୍ତି। ଆକ୍ରମଣ କରି ପାରନ୍ତି। ଆଉ ଟ୍ରମ୍ପଙ୍କ ପାଇଁ ଏହା ନୈରାଶ୍ୟର ନୋବେଲ ନୁହେଁ ତ ଆଉ କ'ଣ ?

**ଭିଆଇଏମ୍- ୭୪୧, ଶୈଳଶ୍ରୀ ବିହାର, ଭୁବନେଶ୍ୱର**
**ମୋ: ୯୪୩୭୩୦୭୪୮୬**

# ଶତ୍ରୁ ନିଧନ ନୁହେଁ, ଶୋଧନ ଆବଶ୍ୟକ



ଅର୍ଜୁନ ଘଡ଼େଇ

ଶତ୍ରୁ ନିଧନ ନକରି ଶୋଧନ କରିବା ଆମର ନୈତିକତାର ପରିଚୟ ପ୍ରଦାନ କରେ। କୌଣସି ବିନଷ୍ଟକାରୀ ଜୀବ, ଶକ୍ତି ଆମ ଜୀବନ କିମ୍ବା ସମାଜର କ୍ଷତି ସାଧନ କରୁଥିବା ବେଳେ ସେମାନଙ୍କ ଶକ୍ତିକୁ ସମୂଳେ ବିନାଶ କରିବା ସାମାଜିକ, ବୌଦ୍ଧିକ କିମ୍ବା ଆଧ୍ୟାତ୍ମିକତା ଦୃଷ୍ଟିରୁ ଗ୍ରହଣୀୟ ହୋଇ ନଥାଏ। ତେଣୁ ଶତ୍ରୁମାନଙ୍କୁ ନିଧନ ନ କରି ଚରିତ୍ରର ଶୋଧନ କଲେ ସେମାନେ ମୁଖ୍ୟସ୍ରୋତରେ ମିଶିବାର ସମ୍ଭାବନା ସୃଷ୍ଟି ହେବ। ମଶା, ମାଛି, ମୂଷାଙ୍କର ଚରିତ୍ର ଶୋଧନ ନହେଲେ ବି ପ୍ରତିକାର/ ପ୍ରତିଷେଧମୂଳକ ବ୍ୟବସ୍ଥାରେ ସେମାନଙ୍କୁ ଦୂରେଇ ଦେଇ ରଖି ହେବ, କିନ୍ତୁ ସମାଜର ଅହିତ ସାଧନକାରୀ ମଣିଷମାନଙ୍କ ଚରିତ୍ର ଶୋଧନ କରାଯାଇ ପାରିବ।

ମଶା, ମାଛି, ମୂଷା ପରି ଅନେକ ପୋକ, କୀଟ, କ୍ଷୁଦ୍ର ଶକ୍ତିହୀନ ଜୀବ ଏ ସଂସାରରେ ସୃଷ୍ଟି ହୋଇଛନ୍ତି। ସେମାନଙ୍କର ସୃଷ୍ଟି ଅସ୍ୱାସ୍ଥ୍ୟକର ପରିବେଶରୁ ମୁଖ୍ୟତଃ ହୋଇଥାଏ। ମଶା କେବଳ ଶରୀରରୁ ରକ୍ତ ଶୋଷି ଯନ୍ତ୍ରଣା ଦେଇ ନଥାଏ, ଅନେକ ରୋଗ ବ୍ୟାପିବାରେ ସହାୟକ ହୋଇଥାଏ। ମଣିଷ ବ୍ୟତୀତ ଅନ୍ୟ ଜୀବଜନ୍ତୁଙ୍କୁ କାମୁଡ଼ି ଯନ୍ତ୍ରଣା ଦେବା ସହ ମୃତ୍ୟୁବତ୍ ପୀଡ଼ା ଦେଇଥାଏ। ମାଛି ଖାଦ୍ୟରେ ବସି ବିଷାକ୍ତ ଜୀବାଣୁ ତ୍ୟାଗ କରି ଶରୀରରେ ବିଷ ପ୍ରକ୍ରିୟା ସୃଷ୍ଟିକରେ। ମୂଷା ପରି କ୍ଷୁଦ୍ର ଜୀବମାନେ ମନୁଷ୍ୟର ପ୍ରତ୍ୟକ୍ଷ ଓ ପରୋକ୍ଷରେ ଅନେକ କ୍ଷତି ସାଧନ କରିଥାନ୍ତି। ଏମାନଙ୍କ ପରି ଆହୁରି ଅନେକ ଜୀବ, କୀଟ ପ୍ରକୃତି ଭିତରେ ସୃଷ୍ଟି ହୋଇଛନ୍ତି, ଯେଉଁମାନେ କି ମନୁଷ୍ୟର ବିଭିନ୍ନ ଉପାୟରେ ଅହିତ ସାଧନ କରିଥାନ୍ତି। ଆମେ ସେମାନଙ୍କୁ ସମୂଳେ ବିନାଶ କରିବା ପାଇଁ ଅନେକ କଳ-ବଳ-କୌଶଳର ପ୍ରୟୋଗ କଲେ ମଧ୍ୟ ସେମାନଙ୍କର ବଂଶ ସମ୍ପୂର୍ଣ୍ଣ ଧ୍ୱଂସ ପାଇ ନଥାଏ। ମଶା, ମାଛି ପାଇଁ ବିଷାକ୍ତ ରାସାୟନିକ ଦ୍ରବ୍ୟର ପ୍ରୟୋଗ କରିବା, ଧୂଆଁ ବ୍ୟବହାର କରିବା ପରି କୌଶଳ ଅବଲମ୍ବନ କଲେ ସେମାନେ କିଛି ସମୟ ବା ଦିନ ପାଇଁ ଆମଠାରୁ ଦୂରେଇଯାନ୍ତି, କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କର ଉପସ୍ଥିତି ଆମକୁ ଯନ୍ତ୍ରଣା ଦେଇଥାଏ। ମୂଷାମାନଙ୍କୁ ମାରି ତାଙ୍କୁ ଘରଠାରୁ ଶସ୍ୟକ୍ଷେତ୍ର ପର୍ଯ୍ୟନ୍ତ ଯେତେ ବ୍ୟବସ୍ଥା କଲେ ମଧ୍ୟ ସେମାନଙ୍କର ସୃଷ୍ଟି ବିନାଶ ହୋଇ ନଥାଏ। ଏହି ଅହିତକାରୀ ଜୀବ ବା ପୋକମାନେ ସୃଷ୍ଟି ହେବା ପାଇଁ ଆମେ ହିଁ ମୁଖ୍ୟତଃ ଦାୟୀ। ପରିବେଶକୁ ପରିଷ୍କାର ପରିଚ୍ଛନ୍ନ କରିବା ଓ ରଖିବାର ଦାୟିତ୍ୱ ଆମ ଉପରେ ହିଁ ନ୍ୟସ୍ତ ହୋଇଥାଏ। 'ନିଧି ବୁଢ଼ା ବାଡ଼ିପଟେ ପଡ଼ିଛି ବିଚାର' ଗୀତଟି ଆମ ସ୍ମୃତିକୁ ଆସେ। ଦୁର୍ବଳମାନଙ୍କ ଉପରେ ସବଳମାନଙ୍କର ଶକ୍ତି ପ୍ରୟୋଗ ସଫଳ ହୁଏ, କିନ୍ତୁ ସବୁ କ୍ଷେତ୍ରରେ ସମ୍ଭବ ନୁହେଁ କିମ୍ବା ସମୂଳେ ସେମାନଙ୍କୁ ବିନାଶ କରି ହୋଇ ନଥାଏ।

ସୃଷ୍ଟିରେ ପାରିବେଶିକ ସନ୍ତୁଳନ ରକ୍ଷା ପାଇଁ ଏପରି ଜୀବଜନ୍ତୁ, କୀଟ ପତଙ୍ଗମାନଙ୍କର ସୃଷ୍ଟି ହୋଇଛି। କିଏ କାହାର ଖାଦ୍ୟ- ଖାଦକ ଭାବରେ ପ୍ରକୃତି ଭିତରେ ବଞ୍ଚି ରହିଥାନ୍ତି। ତେଣୁ ସେମାନଙ୍କର ସମ୍ପୂର୍ଣ୍ଣ ବିନାଶ ଈଶ୍ୱରଙ୍କ ଇଚ୍ଛାରୁ ହେଉ ବା ବୈଜ୍ଞାନିକ ଦୃଷ୍ଟିକୋଣରୁ, ଆଦୌ ସମ୍ଭବ ନୁହେଁ।

ଈଶ୍ୱରଙ୍କ ସୃଷ୍ଟିରେ ଅମୃତର ସନ୍ତାନ ହେଉଛନ୍ତି ମଣିଷ ସମାଜ, ଯେଉଁମାନେ ପୂର୍ବ ଜନ୍ମର ସୁକୃତ ବା ଦୁଷ୍କୃତରୁ ହେଉ, ଅନେକ ଜନ୍ମ ପରେ ମଣିଷ ଜନ୍ମ ପାଇଛନ୍ତି। ସେମାନେ ସୁକର୍ମ ବଳରେ ପୂର୍ବ ଜନ୍ମର ପାପ ବିନାଶ କରିବା, ପରବର୍ତ୍ତୀ ଜୀବନ ପାଇଁ ପୁଣ୍ୟ ସଂଚୟ କରିବା ପାଇଁ ଈଶ୍ୱର ସେମାନଙ୍କ ଭିତରେ ବୋଧଶକ୍ତି ସଂଚାର କରିଛନ୍ତି, ଯାହା ସୃଷ୍ଟିର ଅନ୍ୟ ଜୀବମାନଙ୍କଠାରେ ନଥାଏ। ତେବେ ବୋଧଶକ୍ତିସମ୍ପନ୍ନ ଏଇ ମଣିଷମାନଙ୍କ ଭିତରେ ଅନେକ ସମାଜ ଅହିତକାରୀ ଅମଣିଷ, ଅଜ୍ଞାନୀମାନଙ୍କର ସୃଷ୍ଟି ହେଉଛି କିପରି, ଯେଉଁମାନଙ୍କ କୁତ୍ସିତ ଚିନ୍ତାଧାରା ଯୋଗୁଁ ସମାଜର ଅନେକ କ୍ଷତି ସାଧନ ହେଉଛି ? କୀଟ, ପୋକମାନଙ୍କ ଭିତରେ ଶତ୍ରୁତା ଭାବ ଯେତେ ଦେଖା ଯାଇ ନଥାଏ ମଣିଷ-ମଣିଷ ଭିତରେ ତା'ଠାରୁ ଯଥେଷ୍ଟ ସଂଖ୍ୟାରେ ସଂସାର ବିନଷ୍ଟକାରୀ କାର୍ଯ୍ୟ ସାମାଜିକ ପରିବେଶକୁ କେବଳ ବିଷାକ୍ତ କରୁନାହିଁ, ଅସହ୍ୟ ପରିସ୍ଥିତି ବି ସୃଷ୍ଟି କରୁଛି, ଯେଉଁଥିପାଇଁ ଶାନ୍ତି, ସୁଖରେ ଜୀବନ ନିର୍ବାହ କରିବାକୁ ଚାହୁଁଥିବା ମଣିଷକୁ ଭାତରେ ମାରି ଦାଉ ନ ସାଧି, ହାତରେ ମାରିବାର କଳା କୌଶଳ ବେଶ୍ ଦକ୍ଷତାର ସହ ଶିଖି ଆମେ ପାରୁଛେ। ଏହା ହିଁ ସାମାଜିକ ବିଡ଼ମ୍ବନା ସମାଜରେ ଦେଖା ଯାଉଛି। ଏହି ଦୁଷ୍ଟ ମଣିଷମାନେ କ'ଣ ମଶା, ମାଛି, ମୂଷା ପରି ବିନଷ୍ଟକାରୀ ଶକ୍ତି ଭାବେ ସମାଜର ଅହିତ ସାଧନ କରୁ ନାହାନ୍ତି ?

ଜନ୍ମରୁ କେହି ଚୋର, ତସ୍କର କିମ୍ବା ଆତତାୟୀ ହୋଇ ଜନ୍ମ ହୋଇ ନଥାଏ। ଏକ କୁସଂସ୍କାରୀ ପରିବାରରେ ଜନ୍ମ ନେବା, ଅସ୍ୱାସ୍ଥ୍ୟକର ପରିବେଶରେ ବଢ଼ିବା, ପଢ଼ିବା, ଅଶିକ୍ଷା-କୁଶିକ୍ଷାର ବଶବର୍ତ୍ତୀ ହେବା ଦ୍ୱାରା ସେମାନେ ଏପରି ଅମାନବିକ ଚିନ୍ତାଧାରାରେ ମନ, ପ୍ରାଣକୁ ଆସକ୍ତ କରିଥାନ୍ତି। ତେଣୁ କିଛି ମଣିଷଙ୍କର କୁଚିନ୍ତା, କୁତ୍ସିତ ଭାବନାରୁ ହିଁ ସୃଷ୍ଟି ହୋଇଥିବା ଅସୁସ୍ଥ ସାମାଜିକ ବ୍ୟବସ୍ଥା ଭିତରେ ଅନେକ ମଣିଷଙ୍କ ଅମଣିଷପଣିଆ ଭାବ ସୃଷ୍ଟି ହେଉଛି- ଏହାକୁ ଅସ୍ୱୀକାର କରିହେବ ନାହିଁ।

ମଶା, ମାଛିଙ୍କ ପରି ଏମାନଙ୍କ ଜୀବନ ବା ବଂଶ ନାଶ କରିବା କଳ୍ପନା କରାଯାଇ ନପାରେ। ସମାଜ ବିନଷ୍ଟକାରୀ ତତ୍ତ୍ୱମାନଙ୍କୁ, ବିଶେଷକରି କୁତ୍ସିତ ଭାବନାର ମଣିଷମାନଙ୍କ ଚରିତ୍ର, ବ୍ୟବହାର ଆଦିର ପରିବର୍ତ୍ତନ ପାଇଁ ବିବିଧ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ସେମାନଙ୍କ ଚିନ୍ତାଧାରାକୁ ଶୋଧନ କରାଯାଇ ପାରିବ। ଜଣେ ଜଣେ ସୁସ୍ଥ ମାନସିକତାପୂର୍ଣ୍ଣ, ସମାଜ ମଙ୍ଗଳକାରୀ ମଣିଷ ଭାବରେ ଗଢ଼ାଯାଇ ପାରିବ। ଅବଶ୍ୟ ଏଥିପାଇଁ ଦୀର୍ଘ ଦିନ ଧରି ନିରନ୍ତର ପ୍ରୟାସ ଜାରି ରହିବା



ଆବଶ୍ୟକ। ପରିବାରଠାରୁ ଆରମ୍ଭ କରି ସମାଜ ପର୍ଯ୍ୟନ୍ତ ଯେଉଁଠି ଏପରି ସମାଜ ଅହିତକାରୀ ମଣିଷମାନେ ଦେଖା ଯାଉଛନ୍ତି, ସେମାନଙ୍କ ଭିତରୁ କିଛି ଲୋକଙ୍କୁ ଆଜୀବନ କାରାଦଣ୍ଡ ବା ମୃତ୍ୟୁଦଣ୍ଡ ଦେବା ବିନଷ୍ଟକାରୀ ଶକ୍ତିମାନଙ୍କ ପାଇଁ ଏକ ଦୃଷ୍ଟାନ୍ତମୂଳକ ଶାସ୍ତି ବିଧାନ ଭାବେ ପ୍ରତୀୟମାନ ହେଲେ ମଧ୍ୟ ସମାଜରୁ ଏପରି ଶକ୍ତିମାନଙ୍କୁ ସମୂଳେ ବିନାଶ ପାଇଁ ଚିନ୍ତା କରିବା ଧୃଷ୍ଟତା ହେବ। ଯୁଗେ ଯୁଗେ ଦେବତାମାନଙ୍କ ସହ ଅସୁରମାନେ ସୃଷ୍ଟି ହୋଇ ଯୁଦ୍ଧ, ବିଦ୍ରୋହ ସୃଷ୍ଟି କରି ଆସିଛନ୍ତି। ପୁଣି କେତେକ ଅସୁର ଈଶ୍ୱରଙ୍କ କୃପାରୁ ଚିନ୍ତାଧାରାରେ ପରିବର୍ତ୍ତନ କରି ଆଧ୍ୟାତ୍ମିକ ଭାବନାରେ ଉଦ୍‌ବୁଦ୍ଧ ହୋଇ ସଂସାରରେ ଆଦର୍ଶ ଭାବନା ସ୍ଥାପନ କରିଛନ୍ତି, ଯାହା ଆମେ ପୁରାଣ ଶାସ୍ତ୍ରରୁ ପଢ଼ିଥାଉ। ତା'ହେଲେ ମଣିଷମାନଙ୍କ କୁତ୍ସିତ ଚିନ୍ତାଧାରାର ପରିବର୍ତ୍ତନ ସମ୍ଭବ ହେବନାହିଁ କାହିଁକି ? ସେମାନେ ମଶା, ମାଛି ପରି ସମାଜର ଶତ୍ରୁ ହୋଇଥାନ୍ତି, କିନ୍ତୁ ସେମାନଙ୍କୁ ସମ୍ପୂର୍ଣ୍ଣ ନିଧନ କରିବା କଥା ନ ଭାବି ଶୋଧନ ପାଇଁ ବ୍ୟବସ୍ଥା କରିବା ଆବଶ୍ୟକ।

ମଣିଷମାନଙ୍କ ଭିତରେ ବିନଷ୍ଟକାରୀ ଶକ୍ତିମାନେ ଆଇନ୍ କାନୁନ୍ ଦ୍ୱାରା ଦଣ୍ଡିତ ହେବାର ଯଥେଷ୍ଟ ଆବଶ୍ୟକତା ଅଛି। କିନ୍ତୁ ମଶାଟିଏ ମଶାରି ଭିତରେ ହାତରେ ନ ମରି ବାହାରକୁ ଆସିଲେ ବି ସେ ମଶାରି ଚାରିପାଖେ ଗୁଣୁଗୁଣୁ ହୋଇ ଭିତରେ ପ୍ରବେଶ କରି ପୁଣି ମଣିଷକୁ କାମୁଡ଼ିବାକୁ ପ୍ରୟାସ କରିଥାଏ। ତେଣୁ ସେମାନଙ୍କୁ ଦୂରେଇ ରଖିବା ପାଇଁ ଆମେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଉଚିତ୍, କାରଣ ସେମାନେ ବିଚାରବୋଧ ଶକ୍ତିଯୁକ୍ତ ନୁହନ୍ତି। ମଣିଷମାନଙ୍କ ଭିତରେ ଥିବା ବିନଷ୍ଟକାରୀ ଶକ୍ତିମାନଙ୍କ ପାଇଁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସେମାନଙ୍କ ସଂସ୍କାର, ଆଚରଣ, ବ୍ୟବହାର, କର୍ତ୍ତବ୍ୟ ଆଦିରେ ପରିବର୍ତ୍ତନ ପାଇଁ ଉତ୍ତମ ସାମାଜିକ ପରିବେଶ, ନୈତିକ, ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କରିବା ଜରୁରୀ, ଯାହାର ପ୍ରଭାବରୁ ସେମାନେ କୁଚିନ୍ତା, କୁକାର୍ଯ୍ୟରୁ ନିବୃତ୍ତ ହେବାର ମାନସିକତା ସୃଷ୍ଟି କରି ସମାଜର ଜଣେ ଜଣେ ମଙ୍ଗଳକର୍ତ୍ତା ଭାବେ ଛିଡ଼ା ହେବେ। ଅମୃତର ସନ୍ତାନ ଭାବେ ପରିଚୟ ସୃଷ୍ଟି କରି ପାରିବେ। ତେଣୁ ସମାଜରେ ଶତ୍ରୁ ସାଧନ କରିବା ପାଇଁ ସୁଚିନ୍ତିତ, ବୈଜ୍ଞାନିକ ଓ ଆଧ୍ୟାତ୍ମିକ ଯୁକ୍ତିସଙ୍ଗତ କାର୍ଯ୍ୟଧାରାର ଅନୁଶୀଳନ, ଅନୁପ୍ରବେଶ ଓ ଉପଯୋଗିତା ଜରୁରୀ ମନେହୁଏ। ଆଜିର ସମାଜରେ ଶତ୍ରୁ ସୃଷ୍ଟି ଓ ବିନାଶ ପାଇଁ ପରସ୍ପରକୁ ଦୋଷ ନଦେଇ ସାମଗ୍ରିକ ଚିନ୍ତାଧାରାରେ ଶୋଧନ କରିବା ପରି କର୍ତ୍ତବ୍ୟ ନିର୍ବାହ କଲେ ସମାଜରେ ଘୃଣିତ ଏହି ବିନଷ୍ଟକାରୀ ସୃଷ୍ଟିମାନେ ପୁଣି ସମାଜ ଦ୍ୱାରା ଗ୍ରହଣୀୟ ଓ ଆଦୃତ ହେବେ, ଏହା ଆଶା କରାଯାଇପାରେ।

**ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ**
**ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ**
**ମୋ: ୯୪୩୮୦୪୮୬୧୫**

**ସମ୍ପାଦକଙ୍କୁ ପତ୍ର**

## ହମ୍ପସ୍ ଯୋଗୁଁ ଦୁର୍ଘଟଣା ନ ଘଟୁ

ପ୍ରତିଦିନ କେଉଁଠି ନା କେଉଁଠି ଦୁର୍ଘଟଣା ଘଟି ମୂଲ୍ୟବାନ ଧନ ଜୀବନ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଅନେକାଂଶରେ ଦୁର୍ଘଟଣାର ମୁଖ୍ୟ କାରଣ ଭାବେ ବେପରୁଆ ଓ ଦ୍ରୁତ ଗାଡ଼ି ଚାଳନାକୁ ଦାୟୀ କରାଯାଇ ଏଥିରେ ରୋକ୍ ଲଗାଇବା ପାଇଁ ରାସ୍ତାରେ ହମ୍ପସ୍ ତିଆରି କରାଯାଉଛି। ଦୁର୍ଘଟଣାର ମାତ୍ରା ଯେମିତି ବଢ଼ି ଚାଲିଛି, ଠିକ୍ ସେମିତି ରାସ୍ତାରେ ହମ୍ପସ୍‌ର ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟୁଛି। ସ୍ଥାନ ଓ ପରିସ୍ଥିତିକୁ ଦେଖି ହମ୍ପସ୍ ତିଆରିରେ ବିଭିନ୍ନ ନିୟମ ରହିଥିବା ବେଳେ ହମ୍ପସ୍‌ଗୁଡ଼ିକ ସ୍ପଷ୍ଟ ଭାବରେ ନଜରକୁ ଆସିବା ପାଇଁ ତା' ଉପରେ ରଙ୍ଗ ବୋଳାଯିବାର ନିୟମ ରହିଛି। କିନ୍ତୁ ଅଧିକାଂଶ ସ୍ଥାନରେ ହମ୍ପସ୍‌ର ଦୈର୍ଘ୍ୟ, ପ୍ରସ୍ଥ, ଉଚ୍ଚତା ଆଦିକୁ ନେଇ କୌଣସି ନିର୍ଦ୍ଦିଷ୍ଟତା ରହୁ ନଥିବା ବେଳେ ହମ୍ପସ୍‌ଗୁଡ଼ିକରେ ରଙ୍ଗ ବୋଳା ଯାଉ ନଥିବାରୁ ଅନେକାଂଶରେ ଏହା ହିଁ ଦୁର୍ଘଟଣାର କାରଣ ପାଲଟୁଛି। ଏହି ମର୍ମରେ ଆମର କହିବା କଥା ହେଲା, ଦୁର୍ଘଟଣାକୁ ରୋକିବା ପାଇଁ ତିଆରି ହେଉଥିବା ହମ୍ପସ୍ ଯେମିତି ଦୁର୍ଘଟଣାର କାରଣ ନହେଉ।

**ବୈଷ୍ଣବ ମେହେର, ସିନାପାଲି, ନୂଆପଡ଼ା**

**ନିତିଦିନ** NITIDIN
ସୋମବାର, ୨ ଫେବୃଆରୀ ୨୦୨୬

# ବଜେଟ୍‌ର ଆତ୍ମନିର୍ଭର ଲକ୍ଷ୍ୟ

ବର୍ଷ ୨୦୨୫ ସମଗ୍ର ବିଶ୍ୱ ପାଇଁ ଏକ ସର୍ବାଧିକ ଉତ୍‌ଥାନ ପତନର ବର୍ଷ ରହି ଆସିଥିଲା, ଯେହେତୁ ଏହା ସେହି ବିଶ୍ୱ ଶୃଙ୍ଖଳାକୁ ଭଙ୍ଗ କରିଥିଲା, ଯାହା ହାରାହାରି ଆଠ ଦଶନ୍ଧି ଧରି ବଳବତ୍ତର ରହିଥିଲା। ଏହି ବର୍ଷଟି କ୍ରମବର୍ଦ୍ଧିଷ୍ଣୁ ଅନିଶ୍ଚିତତାକୁ ମଧ୍ୟ ସମସ୍ତଙ୍କ ସମ୍ମୁଖକୁ ଆଣିଥିଲା। ମିତ୍ରତା ବା ମେଣ୍ଟର କୌଣସି ମୂଲ୍ୟ ନାହିଁ, ଆଉ ପ୍ରତ୍ୟେକ ଦେଶ ଏକୁଟିଆ ତା' ନିଜ ଗୋଡ଼ରେ ଛିଡ଼ା ହୋଇ ନିଜ ପାଇଁ ନିଜେ ସଂଘର୍ଷ କରି ଅସ୍ତିତ୍ୱକୁ ବଜାୟ ରଖିବ। ତେବେ ଏହି ପରିପ୍ରେକ୍ଷୀରେ ଭାରତ ସଂସ୍କାରର ସଂଚୟୀ ପ୍ରଭାବ ଦ୍ୱାରା ପରିଚାଳିତ ହୋଇ ଆଗାମୀ ଆର୍ଥିକ ବର୍ଷ ନିମନ୍ତେ ୬.୮ରୁ ୭.୨ ପ୍ରତିଶତର ଆଶାନୁରୂପ ବୃଦ୍ଧି ସହିତ ଅର୍ଥନୀତି କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ମନେହୁଏ। ମୁଖ୍ୟ ଆର୍ଥିକ ପରାମର୍ଶଦାତା (ସିଇଏ) ଭି ଅନନ୍ତ ନାଗେଶ୍ୱରନ୍ ତାଙ୍କର ଅର୍ଥନୀତିକ ସର୍ଭେ ୨୦୨୫-୨୬ ଜରିଆରେ ପୁଣିଥରେ ସମ୍ବେଦନାବାଦକୁ ଅନ୍ତଃସ୍ଥ କରିବା ବେଳେ ଏକ ସନ୍ତୁଳିତ ବିଶ୍ଳେଷଣର ମୂଲ୍ୟକୁ ପ୍ରଦର୍ଶିତ କରିଛନ୍ତି। ଗତକାଲି ବଜେଟ୍ ଏହାର କେତେ ପ୍ରତିଫଳନ କରିଛି, ତାହା ସମସ୍ତେ ଊଣା ଅଧିକେ ଲକ୍ଷ୍ୟ କରି ପାରିଥିବେ। ଶ୍ରୀଯୁକ୍ତ ନାଗେଶ୍ୱରନ୍ ତାଙ୍କର ଅର୍ଥନୀତିକ ସର୍ଭେରେ ଦର୍ଶାଇଛନ୍ତି ଯେ ଅଭିବୃଦ୍ଧି ଉତ୍ତମ ରହିଛି; ଦୃଷ୍ଟିକୋଣ ଅନୁକୂଳ ରହିଛି; ମୁଦ୍ରାସ୍ଫୀତି ନିୟନ୍ତ୍ରିତ ହୋଇଛି; ବୃଷ୍ଟିପାତ ଏବଂ କୃଷିଜାତ ପଦାର୍ଥର ଉତ୍ପାଦନଜନିତ ସମ୍ଭାବନା ସହାୟତା ପ୍ରଦାନ କରିବା ଭଳି ଆଶା ରହିଛି; କର୍ପୋରେଟ୍ ସନ୍ତୁଳନପତ୍ରଗୁଡ଼ିକ ଦୃଢ଼ ରହିଛି; ଏବଂ ବ୍ୟବସାୟିକ କ୍ଷେତ୍ରକୁ ସାମଗ୍ରିକ ଭାବରେ ପାଣ୍ଠିର ପ୍ରବାହ ଦୃଢ଼ ରହିଛି। ତେବେ ଏହି ସର୍ଭେ ଯଥାର୍ଥରେ ଅର୍ଥନୀତିକ ଅଭିବୃଦ୍ଧିକୁ ୭.୫ ପ୍ରତିଶତରେ ସର୍ତ୍ତମୂଳକ କରି ରଖିଛି ଯାହା ନିର୍ମାଣ, ରପ୍ତାନୀ ଏବଂ ପଦ୍ଧତିଗତ ସଂସ୍କାର ଉପରେ ନିର୍ଭର କରିବ।

ଏହି ସର୍ଭେ ଏକ ମଧ୍ୟବର୍ତ୍ତୀକାଳୀନ ଅର୍ଥନୀତିକ ଏବଂ ଶାସନଗତ କୌଶଳ ନିମନ୍ତେ ଏକ ବିସ୍ତୃତ ଢାଞ୍ଚା ପ୍ରସ୍ତୁତ କରିଛି, ଯେଉଁଥିରେ ଏକ 'ଉଦ୍ୟୋଗୀ ରାଷ୍ଟ୍ର'ର ଅବଧାରଣା ଉପରେ ଆଲୋକପାତ କରାଯାଇଛି, ଯାହା ଅଧିକ ବିପଦ ମୁଣ୍ଡାଇବା ଭଳି, ସ୍ଫୂର୍ତ୍ତିଶୀଳ ଏବଂ ପରୀକ୍ଷା ନିରୀକ୍ଷା କରିବାକୁ ଇଚ୍ଛୁକ ଥିବ। ସିଇଏ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଏକ ପୁରୋଦୃଷ୍ଟିସମ୍ପନ୍ନ ଗତିଶୀଳ ପରିବର୍ତ୍ତନ ଦିଗରେ ଆଗେଇ ଯିବାକୁ ପ୍ରେରଣା ପ୍ରଦାନ କରିଛନ୍ତି, ଯାହା ଯଥେଷ୍ଟ ଆବଶ୍ୟକତା ରହିଥିବା ଅଭିବୃଦ୍ଧିର ତ୍ୱରାନ୍ୱିତକରଣର ଅନ୍ୱେଷଣ ସମୟରେ ବିଫଳ ହୋଇ ଶିକ୍ଷାଲାଭ କରିବାକୁ ଇଚ୍ଛୁକ ଥିବ। କୋଭିଡ୍-୧୯ ମହାମାରୀର ଭୟଙ୍କର ଲହରୀକୁ ପାରିହୋଇ ସାରିଥିବାରୁ ବର୍ତ୍ତମାନ ସମୟ ଉପଗତ ହୋଇଛି ଅର୍ଥନୀତିକ ଢଙ୍ଗାରେ ନୀତିଗୁଡ଼ିକ ପୂର୍ଣ୍ଣ କରି ଆଗକୁ ଚାହିଁବା ପାଇଁ। ସର୍ଭେ ଏକଥା ମଧ୍ୟ ସ୍ୱୀକାର କରିଛି ଯେ ଏହି କାର୍ଯ୍ୟ ସହଜ ହେବନାହିଁ। ବସ୍ତୁତଃ ଏହା ୨୦୨୬ରେ ବୈଶ୍ୱିକ ଅର୍ଥନୀତି ପାଇଁ ୧୦ରୁ ୨୦ ପ୍ରତିଶତ ସମ୍ଭାବନା ରହିଥିବା ସମ୍ପର୍କରେ ଭବିଷ୍ୟବାଣୀ କରିଛି, ଯାହାକି ୨୦୦୮ର ଅର୍ଥନୀତିକ ସଂକଟଠାରୁ ମଧ୍ୟ ଆହୁରି ଖରାପ। ଏମିତିକି ଏହା ସର୍ବୋତ୍କୃଷ୍ଟ ମାମଲାର ଦୃଶ୍ୟପଟ ହେଉଛି ଅବସ୍ଥାଗୁଡ଼ିକର ଅଧିକ ଖରାପ ସ୍ଥିତି ଯେମିତି ସେଗୁଡ଼ିକ ରହିଥିଲେ ୨୦୨୫ରେ। ତା' ସତ୍ତ୍ୱେ ଏହି ସର୍ଭେ ଭାରତର ଅର୍ଥନୀତି ପାଇଁ ତଥ୍ୟ ଏବଂ ଅଙ୍କଗୁଡ଼ିକ ଦ୍ୱାରା ସମର୍ଥିତ ଏକ ଅନୁକୂଳ ଛବି ଅଙ୍କନ କରିଛି। ଏହା କରିବା ବେଳେ ସର୍ଭେ ମଧ୍ୟ କେତେକ ଉଦୀୟମାନ ବିପଦ ଏବଂ ବିକାଶମୂଳକ ସମସ୍ୟାଗୁଡ଼ିକ ସୃଷ୍ଟି ହେବାର ସମ୍ଭାବନାକୁ ଦର୍ଶାଇବାରେ କୁଣ୍ଠା ପ୍ରକାଶ କରିନାହିଁ। ସ୍ଥୂଳ ସ୍ତରରେ ଏହା ଦର୍ଶାଇଛି ଯେ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ କମିବା ଭାରତର ଅର୍ଥନୀତିକ ମୌଳିକ ବ୍ୟବସ୍ଥାଗୁଡ଼ିକର ପ୍ରତିଫଳନ କରେନାହିଁ ଏବଂ ଏହି ଅବମୂଲ୍ୟାୟନ ଅଧିକତଃ ଏଆଇ ଉଦ୍ୟୋଗ କ୍ଷେତ୍ରରେ ଅଧିକ ବିକାଶ ହାସଲ କରିଥିବା ଦେଶମାନଙ୍କୁ ଏବଂ ନିରାପଦ ସମ୍ପଦ ବୃଦ୍ଧି ପାଇଁ ପୁଞ୍ଜିର ପ୍ରବାହ ଯୋଗୁଁ ଘଟିଛି। ଏକ ଦୁର୍ବଳ ମୁଦ୍ରା ରପ୍ତାନୀକାରୀମାନଙ୍କ ପାଇଁ ଭଲ, କିନ୍ତୁ ଭାରତ ମୁଖ୍ୟତଃ ଆମଦାନୀ ଉପରେ ନିର୍ଭର କରିଥାଏ- ଆଉ ସେଗୁଡ଼ିକ ବର୍ତ୍ତମାନ ଢେର୍ ବ୍ୟୟସାପେକ୍ଷ ହୋଇ ଯାଇଛି। ବାଣିଜ୍ୟିକ ଚୁକ୍ତିନାମାଗୁଡ଼ିକ ଯଦି କିଛି ଉଲ୍ଲେଖ କରିଛି, ତା'ହେଲେ ତାହା ଦର୍ଶାଇଛି ଯେ ଭାରତ କୌଶଳପୂର୍ଣ୍ଣ ଭାବରେ କୌଣସି ବ୍ୟବସାୟିକ ଶୃଙ୍ଖଳ ପାଇଁ ପ୍ରମୁଖ ନୁହେଁ।

ଭାରତ ଯଦି ବିଶ୍ୱ ଶକ୍ତି ହେବାକୁ ଚାହେଁ, ତା'ହେଲେ ଏହାକୁ କୌଶଳପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ଆତ୍ମନିର୍ଭରଶୀଳତା ହାସଲ କରିବାକୁ ହେବ। ଏହିଭଳି କ୍ଷେତ୍ରଗୁଡ଼ିକର ତାଲିକା ମଧ୍ୟରେ ରହିଛି- ରାସାୟନିକ ସାର, ତୈଳ, ଡାଲିଜାତୀୟ ଫସଲ, ଫାର୍ମା ଉପାଦାନ ସମୂହ, ଔଦ୍ୟୋଗିକ ରାସାୟନିକ ପଦାର୍ଥ, ଟେଲିକମ୍ ଉପକରଣ, ଚୁମ୍ବକ, ବ୍ୟାଟେରୀ ସେଲ୍, କ୍ୟାଥୋଡ୍ ଏବଂ ସୌର ୱାଫର। ଦେଶକୁ ମଧ୍ୟ ଜୀବାଶ୍ମ ଜାଳେଣିଗୁଡ଼ିକର ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ପଡ଼ିବ। ନିଜର ଲୋକମାନଙ୍କୁ ଚଳାଇବା ପାଇଁ ବିଶ୍ୱର ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ଦେଶ ଅନ୍ୟ ଦେଶମାନଙ୍କ ଉପରେ ନିର୍ଭର କରିବା ସ୍ପୃହଣୀୟ ନୁହେଁ। ତେଣୁ ଦେଶରେ ଏକ ସବୁଜ ଏବଂ ସ୍ୱଚ୍ଛ ଶକ୍ତି ଜରିଆରେ ଶକ୍ତି ବିପ୍ଳବର ଆବଶ୍ୟକତା ରହିଛି। ଆଉ ତାହା ହେବା ନିମନ୍ତେ ଭାରତକୁ ଉଭୟ ଘରୋଇ ଅଭିବୃଦ୍ଧି ସର୍ବାଧିକକରଣ ଏବଂ ଆଘାତ ଗ୍ରହଣ କରିବା ଭଳି କାର୍ଯ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି। ସଙ୍ଗେ ସଙ୍ଗେ ଏହାକୁ ପ୍ରତିରୋଧକ, ଅତିରିକ୍ତତା ଏବଂ ଚଳମାନ ସମ୍ପତ୍ତି ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ମୌଳିକ ଆବଶ୍ୟକତାଗୁଡ଼ିକ ପାଇଁ ରୁଷିଆ ବା ଚୀନ୍ ଯଦି ଅନ୍ୟ ଦେଶମାନଙ୍କ ଉପରେ ନିର୍ଭର କରିଥାନ୍ତେ, ତା'ହେଲେ ସେମାନେ ଆଜି ବିଶ୍ୱର ମହାଶକ୍ତିମାନଙ୍କ ମଧ୍ୟରେ ପରିଗଣିତ ହେଉ ନଥାନ୍ତେ। ଅର୍ଥନୀତିକ ସର୍ଭେ ଏୟା ଉଲ୍ଲେଖ କରିଛି ଯେ ଭାରତ ଏକା ସାଙ୍ଗରେ ମାରାଥନ୍ ଏବଂ ସ୍ପ୍ରିଣ୍ଟ୍ ଦୌଡ଼ରେ ଭାଗ ନେବା ଉଚିତ ନହେଲେ ସ୍ପ୍ରିଣ୍ଟ୍ ଦୌଡ଼ ଭଳି ଏକ ମାରାଥନ୍ ଦୌଡ଼ ସମ୍ପାଦନ କରିବା ଉଚିତ।

# ଦୋଷ ସ୍ୱୀକାର

ମଣିଷର ପ୍ରତ୍ୟେକ ଇନ୍ଦ୍ରିୟ ବାହାର ଆଡ଼କୁ। ସେଥିପାଇଁ ଆମେ ଯାହା ଦେଖୁ, କେବଳ ବାହାର ଜିନିଷକୁ ଭଲରେ ଦେଖୁ। ନିଜ ଭିତରକୁ ଥରେ ଦେଖିପାରୁନା। ଆମେ ଅନ୍ୟର ଦୋଷ, ଦୁର୍ଗୁଣ, ଦୁର୍ବଳତାକୁ ଯେମିତି ଦେଖୁ, ସମୀକ୍ଷା କରୁ, ନିଜ ଦୋଷ ଦୁର୍ବଳତାକୁ ସେମିତି ସହଜରେ ଦେଖିପାରୁନା। ଏଇ ସମାଜରେ ବି ଅନେକ ମଣିଷ ଅଛନ୍ତି, ଯେଉଁମାନେ ନିଜ ଦୋଷ, ଦୁର୍ଗୁଣକୁ ବୁଝିପାରନ୍ତି। ଦେଖି ପାରନ୍ତି। ଆହୁରି ଅନେକ ମଣିଷ ନିଜ ଦୋଷକୁ ସହଜ ଭାବରେ ମାନି ନିଅନ୍ତି। ସ୍ୱୀକାର କରିଯାଆନ୍ତି। ସେମାନେ ବାସ୍ତବରେ ଭଲ ମଣିଷ। ନିଜ ଦୁର୍ବଳତାକୁ ପ୍ରକାଶ କରିଦେଲେ କେହି କାଳେ ଆମକୁ ଖରାପ ଭାବିବ, ନିନ୍ଦା କରିବ, ସେଥିପାଇଁ ଆମେ ଏକ ଛଦ୍ମ ଆବରଣ ତଳେ ବଞ୍ଚିଥାଉ। କେହି କେହି ସାରା ଜୀବନ ଭଦ୍ରତାର ଅଭିନୟରେ ଜିଇଁ ଯାଆନ୍ତି। ଛଳନାର ଜୀବନ ପ୍ରକୃତ ଜୀବନ ନୁହେଁ। ଦୋଷକୁ ଯିଏ ଯେତିକି ସ୍ୱୀକାର କରିନିଏ, ତା' ଭିତର ସେତିକି ପରିଷ୍କାର ହୋଇଯାଏ। ସେ ସେତିକି ନିର୍ମଳ ହୋଇଯାଏ। ମଣିଷର ଚରିତ୍ର ସୁନା ହେଲେ ଦୋଷ ଦୁର୍ବଳତା ଖାଦ ଭଳି। ଦୋଷକୁ ସ୍ୱୀକାର କରିନେବା ହେଉଛି ତେଜାପ ଭଳି। ତେଜାପରେ ସୁନା ପକେଇଲେ ମଳି କଟିଯାଏ। ସୁନା ଉଜ୍ଜ୍ୱଳ ଦେଖାଯାଏ। ସେମିତି ଦୋଷକୁ ସ୍ୱୀକାର କରିନେଲେ ମଣିଷର ଚରିତ୍ର ସୁନା ଭଳି ଜାଜ୍ୱଲ୍ୟମାନ କରେ। ଅନ୍ୟର ଦୋଷକୁ ଦେଖେଇ ଦେବା ଅତି ସହଜ। ସହଜରୁ ସହଜତର ଅବସ୍ଥା। କିନ୍ତୁ ନିଜର ଦୋଷକୁ ସ୍ୱୀକାର କରିବା ବଡ଼ କଠିନ ବ୍ୟାପାର। ତା'ଠାରୁ ଆହୁରି କଠିନ, ଦୋଷକୁ ନିଜେ ଦେଖିବା ସହିତ ସର୍ବ ସମକ୍ଷରେ ସ୍ୱୀକାର କରିବା ବା ମାନି ନେବା। ଦୋଷକୁ ସ୍ୱୀକାର କଲେ ମହତ ଲୋକମାନେ ଆପଣେଇ ନିଅନ୍ତି। ଭଗବାନ ବି ଖୁସି ହୋଇଯାଆନ୍ତି। ଏ ନେଇ ଉଦାହରଣଟିଏ।


ପଦ୍ମାରବିନ୍ଦ

ରମାକାନ୍ତବାବୁ ସବୁଦିନ ରେଡିଓ ଓ ଟିଭିରୁ ଆଧ୍ୟାତ୍ମିକ କଥା ଶୁଣନ୍ତି। ଖବରକାଗଜ, ପତ୍ରିକାରୁ ଆଧ୍ୟାତ୍ମିକ ବିଷୟ ପଢ଼ନ୍ତି। ଠାକୁର ଘରେ ପୂଜାପାଠ ବି କରନ୍ତି। ତାଙ୍କ ଚିତା ତିଳକକୁ ଦେଖି ଲୋକମାନେ ତାଙ୍କୁ ଭାରି ଧାର୍ମିକ ମଣିଷ ବୋଲି କୁହନ୍ତି। କିନ୍ତୁ ରମାକାନ୍ତବାବୁ ଅନ୍ୟମାନଙ୍କୁ କୁହନ୍ତି- 'ମୁଁ ଧାର୍ମିକ ମଣିଷ ନୁହେଁ। ମୋ ଭିତରେ ଏବେ ବି ଲୋଭ ଅଛି। ସଂସାର ପ୍ରତି ଆସକ୍ତି ଅଛି।' ଲୋକମାନେ କ'ଣ ଭାବନ୍ତୁ ନ ଭାବନ୍ତୁ, ରମାକାନ୍ତ କିନ୍ତୁ ନିଜ ଭିତରେ ଆନନ୍ଦ ଅନୁଭବ କରନ୍ତି। କଥାଟି ହେଲା, ଦୋଷକୁ ସ୍ୱୀକାର କରିନେଲେ ଯେତିକି ଶାନ୍ତି ମିଳେ, ନିଜର ଦୋଷ, ଦୁର୍ଗୁଣ କାହାକୁ କହିଦେଲେ ତା'ଠୁ ଅଧିକ ଆନନ୍ଦ ମିଳେ। କାରଣ ଦୋଷ, ଦୁର୍ଗୁଣ ପଚା ଜିନିଷ ଭଳି। ତାହା ନିଜ ଭିତରେ ଦୁର୍ଗନ୍ଧ ସୃଷ୍ଟିକରେ। ପଚା ଜିନିଷ ବାହାର କରିଦେଲେ ଭିତର ସଫା ହୋଇଯାଏ। ପୁଣି ଦୋଷକୁ ସ୍ୱୀକାର କରିବା ଦ୍ୱାରା ସହଜରେ କ୍ଷମା ମିଳିଯାଏ।

ମନେକର ଦିନେ ଦୁଇଜଣ ପିଲା ବାଟୋଇ ଦେହରେ ମଟର ସାଇକେଲ୍ ପିଟିଦେଲେ। ଲୋକମାନେ ଘେରିଗଲେ। ଗୋଟିଏ ପିଲା ଲୋକମାନଙ୍କ ସହିତ ଯୁକ୍ତି ବାଢ଼ି କହୁଥିଲା- 'ମୋର ଭୁଲ୍ ନାହିଁ।' ଲୋକମାନେ ତା' ସହିତ ଯୁକ୍ତି କରିବା ସହିତ ମାଡ଼ ମାରିଲେ। ଆଉ ଜଣେ ପିଲା ସହଜ ସରଳ ଭାବରେ ହାତ ଯୋଡ଼ି କହିଲା- 'ଆଜ୍ଞା, ଭୁଲ୍ ହୋଇଗଲା। ଅନ୍ୟମନସ୍କରେ ଧକ୍କା ହୋଇ ଯାଇଛି। ଆମକୁ କ୍ଷମା କରନ୍ତୁ। ଆଉ ଏମିତି ଭୁଲ୍ କରିବୁନି।' ଉଭୟ ଯୁବକଙ୍କ ଭିତରୁ ଦୋଷ ସ୍ୱୀକାର କରିଥିବା ଓ କ୍ଷମା ମାଗିଥିବା ଯୁବକଟି ସହଜରେ ରକ୍ଷା ପାଇଯିବ। ଖାଲି ମଣିଷ ନୁହେଁ, ଈଶ୍ୱରଙ୍କ ଦରବାରରେ ମଧ୍ୟ ନିଜର ଦୋଷକୁ ସ୍ୱୀକାର କରିନେଲେ ସହଜରେ କ୍ଷମା ମିଳିଯାଏ। ଦୋଷ ସ୍ୱୀକାର କରିବା 'କ୍ଷମା' ପାଇବାର ସହଜ ଓ ସରଳ ମାଧ୍ୟମ। ଦୋଷକୁ ଚିହ୍ନିବାର ପରବର୍ତ୍ତୀ ସୋପାନ ହେଉଛି ନିଜକୁ ସଜାଡ଼ିବା। ନିଜକୁ ସଜାଡ଼ି ଦେଲେ ଶୁଦ୍ଧ ସୁନା ଭଳି ମଣିଷ ଚରିତ୍ର ଚିକ୍‌ଚିକ୍ କରେ।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ପ୍ରଧାନଶିକ୍ଷକ ଅନନ୍ତ ଶତପଥୀଙ୍କ ପରଲୋକ



**ଧର୍ମଶାଳା,୧।୨/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ କଲଣ ପଞ୍ଚାୟତ ଶୂଳିଆ ଗ୍ରାମର ପ୍ରଧାନଶିକ୍ଷକ ଅନନ୍ତ ଶତପଥୀ (୮୨)ଙ୍କ ବ୍ରେନ୍ ଷ୍ଟୋକ୍‌ରେ କଟକ ବଡ ମେଡିକାଲ୍‌ରେ ପରଲୋକ ଘଟିଛି। ସ୍ୱର୍ଗତ ଶତପଥୀ ଯାବର ହାଇସ୍କୁଲ, ଖଣ୍ଡିତର ହାଇସ୍କୁଲ, ବଳରାମପୁର ତଳଗଡ଼ ହାଇସ୍କୁଲ, ଶ୍ରୀମନ୍ତପୁର ୟୁଜି ଏମ୍ଇ ସ୍କୁଲ୍‌ର ଦାୟିତ୍ୱ ତୁଲାଇଥିଲେ। କୋରେଇ ବ୍ଲକ୍‌ର ସ୍କୁଲ୍ ପରିଦର୍ଶକ ଦାଇତ୍ୱରେ ଥିଲେ। ଶୂଳିଆ ଉପ୍ରା ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ଥିଲେ। ସିଏ ଜଣେ ସମାଜସେବୀ ଧର୍ମପରାୟଣ, ମିଷ୍ଟଭାସୀ ସମାନୁବର୍ତ୍ତୀ, ଛାତ୍ର ବତ୍ସଳ, ଛାତ୍ରଛାତ୍ରୀଙ୍କୁ ଇଂରାଜୀ ପଢାଇବାରେ ପ୍ରଗାଢ଼ ଜ୍ଞାନର ଅଧିକାରୀ ଥିଲେ। ଗରିବ ମେଧାବୀ ପିଲାମାନଙ୍କୁ ମାଗଣାରେ ଟ୍ୟୁସନ କରନ୍ତି । ଅଜି ତାଙ୍କର ଦେହାନ୍ତରେ ଶୂଳିଆ କଲଣ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ତାଙ୍କ ମରଶରୀରକୁ ଶେଷଦର୍ଶନ କରିଥିଲେ ସମାଜସେବୀ ମିନତୀ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଦ୍ୟାଧର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ ଶତପଥୀ, ପୂର୍ବତନ ଜିଲ୍ଲାପରିଷଦ ସତ୍ୟସ୍ୱରୂପ ସାହୁ, ପୁରୁଷୋତମ ଖୁଣ୍ଟିଆ, ସରପଞ୍ଚ ଜିତେନ୍ଦ୍ର ପାତ୍ର, ଅମୁଲ୍ୟ ସାହୁ, ବୃନ୍ଦାବନ ଶତପଥୀ, ପୁତୁରା, ଝିଆରୀ, ଜିଆରିଜ୍ୱାଇଁ, ତଥା ଶୂଳିଆ କଲଣ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା।

## ଆଳିରେ ବିଶାଳ ହିନ୍ଦୁ ସମ୍ମିଳନୀ




**ଆଳି,୧।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଲକ୍ଷ୍ମୀ ବରାହ ଜୀଉ ମନ୍ଦିର ପ୍ରାଙ୍ଗଣରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସମ୍ମିଳନୀର ଆଳି ମଣ୍ଡଳ ସଂଯୋଜକ ରଞ୍ଜନ କୁମାର ପାତ୍ରଙ୍କ ସଭାପତିତ୍ୱ ଓ ଆଳି ଖଣ୍ଡ ସଂଯୋଜକ ପ୍ରିୟ ରଞ୍ଜନ ଦାସଙ୍କ ସଂଯୋଜନରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆଳି ରାଜା ବ୍ରଜ କେଶରୀ ଦେବ ଯୋଗଦେଇ ଧର୍ମ ଓ ଆଧ୍ୟାତ୍ମିକ ଚିନ୍ତାଧାରା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଜ୍ଞାନନ୍ଦ ମିଶନର ସଦସ୍ୟ ସନ୍ଥ ସ୍ୱାମୀ ବିଶ୍ୱରୂପାନନ୍ଦ ସରସ୍ୱତୀ ଯୋଗଦେଇ ଗୋସେବା, ଧର୍ମରକ୍ଷା ଓ ଆତ୍ମିକ ଜୀବନଶୈଳୀ ଉପରେ ବକ୍ତବ୍ୟ ରଖିଥିଲେ। ସଙ୍ଘ ର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଧର୍ମ ଜାଗରଣ ପ୍ରମୁଖ (କଟକ ବିଭାଗ) ଗୋଲେଖ ଚନ୍ଦ୍ର ବେହେରା ହିନ୍ଦୁ ସମାଜର ସଂଗଠନ, ସଂସ୍କାର ଓ ଯୁବପିଢ଼ିଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ପ୍ରାକ୍ତନ ଗୁରୁମା ତଥା ସୁଲେଖିକା ସୁଜାତା ଦାସ ଶିକ୍ଷା, ସଂସ୍କାର ଓ ନାରୀଶକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ପତଞ୍ଜଳି ଯୋଗ ସମିତିର କାର୍ଯ୍ୟକାରିଣୀ ସଦସ୍ୟ ବିଭୁ ପ୍ରସାଦ ଦାସ ଯୋଗ, ସ୍ୱାସ୍ଥ୍ୟ ଓ ଧାର୍ମିକ ଜୀବନଶୈଳୀର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ। ଧର୍ମ, ସଂସ୍କୃତି ଓ ରାଷ୍ଟ୍ରଚେତନାର ସନ୍ଦେଶ ନେଇ ଆୟୋଜିତ ଏହି ସମ୍ମିଳନୀରେ ଶତାଧିକ ଧର୍ମପ୍ରାଣ ଜନସାଧାରଣ ଉପସ୍ଥିତ ଥିଲେ। ଏହି ସମ୍ମିଳନୀର ପ୍ରାରମ୍ଭରେ ଅଜିତ କୁମାର ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମିଳନୀ ଶେଷରେ ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନବ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ

**ପରଜଙ୍ଗ,୧।୨/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁମୁସି ଗ୍ରାମରେ ନବ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତକାଲି ଶନିବାର ଶତାଧିକ ଶ୍ରଦ୍ଧାଳୁ ଗ୍ରାମବାସୀ, ମହିଳା ଯୁବଗୋଷ୍ଠୀ ବାଜା, ବାଣ, ରୋଷଣୀ, ସଂକୀର୍ତ୍ତନ ମଣ୍ଡଳୀ ସହ ପଟୁଆର କରି ଗ୍ରାମ ପୁଷ୍କରିଣୀରୁ କଳସରେ ଜଳ ଭରି ଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ରବିବାର ମାଘ ପୂର୍ଣ୍ଣିମା ଅବସରରେ ଯଜ୍ଞର ପୂର୍ଣ୍ଣାହୁତି ସହ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ। ଏହି ଯଜ୍ଞରେ କର୍ତ୍ତାକର୍ତ୍ତି ଭାବେ ନବକୁଣ୍ଡ ଯଜ୍ଞରେ ନଅ ଯୋଡ଼ି ସହଧର୍ମିଣୀଙ୍କ ସହ ଘୃତ ଆହୁତି ଦେଇଥିଲେ। ନରେଶ ଚନ୍ଦ୍ର ପଣ୍ଡା ଏବଂ ତାଙ୍କ ସହଧର୍ମିଣୀ ସୌଦାମିନୀ ପଣ୍ଡା, ରଞ୍ଜନ କୁମାର ଧର ଏବଂ ମମତା ଧର, ସୁଧାଂଶୁ ରଞ୍ଜନ ପଣ୍ଡା ଏବଂ ସଫରି ପଣ୍ଡା, ସନ୍ତୋଷ କୁମାର ପଣ୍ଡା ଏବଂ ଗୋଲାପ ପଣ୍ଡା, ଗିରିଶ ଚନ୍ଦ୍ର ପଣ୍ଡା ଏବଂ ରେବତୀ ପଣ୍ଡା, ଲକ୍ଷ୍ମୀଧର ପଣ୍ଡା ଏବଂ ଜ୍ୟୋତିର୍ମୟୀ ପଣ୍ଡା, ହେମନ୍ତ କୁମାର ପାଣି ଏବଂ କୁମୁଦିନୀ ପାଣି, ମହେନ୍ଦ୍ର ପଣ୍ଡା ଏବଂ ପିଙ୍କି ପଣ୍ଡା ଓ ତ୍ରିଲୋଚନ ପଣ୍ଡା ଏବଂ ସହଧର୍ମିଣୀ ଉପସ୍ଥିତ ରହିଥିଲେ। ସନ୍ଧ୍ୟାବେଳେ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ସ୍ଥଳରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଜାତୀୟ ଜଳପଥ-୫ କୁ ନେଇ ତାଳଚେରରେ ଖୁସିର ମାହୋଲ



**ତାଳଚେର,୧।୨/ଏନ୍ଏନ୍ଏସ୍:** 'ନିତିଦିନ' ଦୈନିକ ଖବର କାଗଜରେ 'ଘୋଷଣାରେ ଲଟ୍‌କିଛି ଜାତୀୟ ଜଳପଥ-୫' ଶୀର୍ଷକ ଖବର ପ୍ରସାରଣ ପରେ ଆଜି କେନ୍ଦ୍ର ସରକାରଙ୍କ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟରେ ଏହାକୁ ପ୍ରାଧାନ୍ୟ ଦେଇଥିବାରୁ ତାଳଚେର ଅଞ୍ଚଳରେ ଖୁସୀର ଲହରୀ ଖେଳିଯାଇଛି। ଘଟଣାରୁ ପ୍ରକାଶ କେନ୍ଦ୍ର ସରକାରଙ୍କ ଭୂତଳ ପରିବହନ ମନ୍ତ୍ରାଳୟ ବ୍ରାହ୍ମଣୀ ନଦୀରେ ତାଳଚେର ଠାରୁ ଧାମରା ପର୍ଯ୍ୟନ୍ତ ୨୬୫ କିମି ଜଳପଥକୁ ଜାତୀୟ ଜଳପଥ ୫ଭାବେ ୨୦୦୮ ମସିହାରେ ଘୋଷଣା କରୁଥିଲେ ହେଁ ତାହା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନପାରି ନାଲିଫିତା ତଳେ ଚାପି ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ୧୪ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହା କାର୍ଯ୍ୟକ୍ଷମ ହେଉ ନଥିବାରୁ ଏହା ହେବ ନା ନାହିଁ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତାଳଚେର କୋଇଲା ଖଣି ଅଞ୍ଚଳରୁ କୋଇଲା ଉତ୍ପାଦନ ହୋଇ ଏବେ ରେଳ ଓ ଟ୍ରକ୍‌ଯୋଗେ ପରିବହନ ହେଉଥିବାରୁ ଜାତୀୟ ରାଜପଥରେ ବ୍ୟାପକ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ପ୍ରଦୂଷିତ ବଢ଼ୁଛି। ସେହିଭଳି ରେଳ ମାଧ୍ୟମରେ ବ୍ୟାପକ କୋଇଲା ପରିବହନ ହେଉଥିବାରୁ ତାଳଚେର କଟକ ଓ ତାଳଚେର ସମ୍ବଲପୁର ରେଳପଥ ଦେଇ ଯାଇଥିବା ସମସ୍ତଙ୍କ ଯାତ୍ରୀବାହୀ ଟ୍ରେନ୍ ତାଳଚେର ଷ୍ଟେସନକୁ ଆସିପାରୁ ନାହିଁ। ତାଳଚେରବାସୀ ଉପଯୁକ୍ତ ରେଳସେବା ପାଇପାରୁ ନାହାନ୍ତି। ଏସବୁକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ତାଳଚେରରୁ ଜଳପଥ କୋଇଲା ପରିବହନ ଧାମରା ବନ୍ଦର ପର୍ଯ୍ୟନ୍ତ କରିବାକୁ ନିଷ୍ପତି ନେଇଥିଲେ। ଏହା ଦ୍ୱାରା ଟ୍ରାଫିକ୍ ଓ ପ୍ରଦୁଷ୍ୟଣ କେତେକାଂଶ କମି ପାରିବ ବୋଲି ଆଶା କରାଯାଇଥିଲା। ବ୍ରାହ୍ମଣୀ ନଦୀ ଖନନ କାରାଯାଇ ଛୋଟଛୋଟ ଜାହାଜ ଦ୍ୱାରା କୋଇଲା ସମେତ ବିଭିନ୍ନ ଦ୍ରବ୍ୟ ପରିବହନ ଲକ୍ଷ୍ୟ ନେଇ ୨୦୦୮ ମସିହାରେ ଏହି ରୁଟ୍‌କୁ ଜାତୀୟ ଜଳପଥର ମାନ୍ୟତା ମିଳିଛି। ଏହା ସହ ତାଳଚେର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ପୋଲ ନିର୍ମାଣ ସହ ଧରମପୁର ଓ କଙ୍କିଳି ଗ୍ରାମପାର୍ଶ୍ୱରେ ବର୍ଥ ନିର୍ମାଣ କରାଯାଇ କୋଇଲା ପରିବହନ ସୁବିଧା ହୋଇ ପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ଜଳପଥ ଉନ୍ନତିକରଣ ଡ଼ିପିଆର ପ୍ରସ୍ତୁତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆର୍ଥିକ ମଞ୍ଜୁରୀ ମିଳିନଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ୨୦୦୬ ମସିହା ଡ଼ିସେମ୍ବରରୁ ୮ରେ ତତ୍କାଳୀନ କେନ୍ଦ୍ର ସରକାର ଜାତୀୟ ଜଳପଥ ବାବଦରେ ଏକ ବିଲ୍ ସଂସଦରେ ଉପସ୍ଥାପନ କରିଥିଲେ। ପରେ କିଛି ସଂଶୋଧନ ହୋଇ ୨୦୦୮ ମସିହାରେ ଉକ୍ତ ବିଲ୍ ପାରିତ ହୋଇଥିଲା। ଫଳରେ ତାଳଚେରରୁ ଧାମରା ମଧ୍ୟରେ ଜାତୀୟ ଜଳପଥ ୫ର ନିର୍ମାଣ କରାଯିବାକୁ ନିଷ୍ପତି ହୋଇଥିଲା। ମାତ୍ର ତାହା ସେହି ସମୟରେ ହୋଇ ପାରିନଥିଲା। ପରବର୍ତ୍ତି ସମୟରେ ୨୦୧୬ ମସିହାରେ ଏହି ଜଳପଥ ନେଇ ବାର୍ଷିର୍କ ୧୮ ମିଲିୟନ ଟନ୍ ଦ୍ରବ୍ୟ ପରିବହନ କରିବାକୁ ଏକ ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା। ଏହା ସହ ତାଳଚେର ଧାମରା ଜଳପଥରେ ୫ଟି ବ୍ୟରେଜ୍ ତାଳଚେରରୁ ଯୋକାଡ଼ିଆ ପର୍ଯ୍ୟନ୍ତ ନିର୍ମାଣ କରାଯାଇ ଜଳରସ୍ତର ଠିକ୍ ରଖାଯିବାକୁ ସ୍ଥିର ହୋଇଥିଲା। ଯାହା ଫଳରେ ଏକାକୀ ଦୁଇଟି ୫ଶହ ଟୋନ ବୋଝେଇ ବିଶିଷ୍ଟ ଜାହାଜ ସୁରୁଖୁରୁରେ ଚଳାଚଳ କରିପାରିବ। ଏହି ଜଳପଥରେ ମୁଖ୍ୟତଃ ତାଳଚେରୁ କୋଇଲା ସାର ଓ ଉଦ୍ୟୋଗ ଯନ୍ତାଂଶ ଆଦି ଦ୍ରବ୍ୟ ପରିବହନ କରାଯିବାକୁ ସ୍ଥିର ହୋଇଥିବା ବେଳେ ଏହା କାର୍ଯ୍ୟକ୍ଷମ ହେଲେ ଏହି ଜଳପଥ ଦେଇ ବାର୍ଷିକ ୨୩ମିଲୟନ ଟନ୍ ଦ୍ରବ୍ୟ ପରିବହନ ହୋଇପାରିବ ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକମାନେ ନିଯୁକ୍ତି ପାଇପାରିବେ ଛୋଟବଡ଼ ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଇ ପାରିବେ। ଖୁବଶୀଘ୍ର କିପରି ଏହାର କାର୍ଯ୍ୟକ୍ଷମ ହେବ ସେ ନେଇ ନିର୍ବାଚିତ ଜନପ୍ରତିନିଧିମାନେ ଉଦ୍ୟମ କରିବାକୁ ଦାବି ହୋଇଥିଲା, ମାତ୍ର ଏହାର ଆଜି ଏହାର ସଫଳ ରୂପାୟନ ହୋଇଥବାରୁ ଅର୍ଥମନ୍ତ୍ରୀ ସୀତାରମଣଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



**ଆଳି,୧।୨/ଏନ୍ଏନ୍ଏସ୍:** ଆଳି ବ୍ଲକ୍ ଅନ୍ତର୍ଗତ ଏକମାଣିଆ ଗ୍ରାମର ବ୍ରହ୍ମାନନ୍ଦ ଜେନା(୮୦)ଙ୍କ ଗତ ଶନିବାର ପରଲୋକ ଘଟିଛି। ସ୍ୱର୍ଗତ ଜେନା ଜଣେ ପରୋପକାରୀ, ମେଳାପୀ, ଧର୍ମପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ଏକମାଣିଆ ପଞ୍ଚାୟତ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି କ୍ଷ ପରଲୋକ ଖବରପାଇ ସରପଞ୍ଚ ପ୍ରତିନିଧି ପ୍ରମୋଦ ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ କେଶବ ଚରଣ ନାୟକ, ସୁକାନ୍ତ ମଳିକ, ଅଜୟ ବେହେରା, କଂଗ୍ରେସ ନେତା ମାନଗୋବିନ୍ଦ ଦାସ, ବଟକୃଷ୍ଣ ରାଉତ ପ୍ରମୁଖ ସ୍ୱର୍ଗତ ଜେନାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ସ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ବାଲ୍ମୀକ ଜେନା ମୁଖାଗ୍ନି ଦେଇଥିଲେ।

## ଗହୀରମଥାରୁ ଦୁଇ ଟ୍ରଲର୍ ଜବତ, ୨୦ ମତ୍ସ୍ୟଜୀବୀ ଗିରଫ



**ରାଜନଗର,୧।୨/ଏନ୍ଏନ୍ଏସ୍:** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ଏଫ.ବି. ମା' ଅନ୍ନପୂର୍ଣ୍ଣା ଓ ବାବା ରଘୁନାଥ-୨ ନାମକ ଟ୍ରଲରକୁ ଜବତ କରିଛି। ଅନ୍ନପୂର୍ଣ୍ଣା ଟ୍ରଲରରୁ ଗୋଟିଏ ଜିପିଏସ,ଗୋଟିଏ ଭିଏଚଏଫ, ଗୋଟିଏ ଫିସଫାଇଣ୍ଡର, ୧୨ଟି ଟ୍ରଲିଂ ନେଟ, ୧କ୍ୟୁଣ୍ଟାଲ ୧୦କେଜି ମାଛ ଜବତ କରିବା ସହ ୧୨ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ହରିପଦ ବର, ପଞ୍ଚୁ ମଣ୍ଡଳ, ପଙ୍କଜ ବର, ଶିବପ୍ରସାଦ ବର, ରଞ୍ଜନ ପାଖିରା, ରଞ୍ଜିତ ବର, କାର୍ତ୍ତିକ ମଣ୍ଡଳ, ରବିନ ଦାସ, ଅଜୟ ମଙ୍ଗଳ, ଗଣେଷ ମଣ୍ଡଳ, ଲକ୍ଷ୍ମୀଧର ରାଉଳ, ବିଷ୍ଣପଦ ବର। ତିନିଜଣ ମତ୍ସ୍ୟଜୀବୀ ବାଲେଶ୍ୱର ଜିଲ୍ଲାର ହୋଇଥିବା ବେଳେ ଅନ୍ୟ ୯ଜଣ ମତ୍ସ୍ୟଜୀବୀ ପଶ୍ଚିମବଙ୍ଗ ଓ ହାୱଡ଼ା ପୂର୍ବମେଦିନ ଜିଲ୍ଲାର। ସେହିପରି ବାବା ରଘୁନାଥ-୨ ଟ୍ରଲରରୁ ଗୋଟିଏ ଜିପିଏସ, ଦୁଇଟି ଭିଏଚଏଫ, ଗୋଟିଏ ଫିସଫାଇଣ୍ଡର, ୧୦ଟି ଟ୍ରଲିଂ ନେଟ ଓ ୨୨କ୍ୟୁଣ୍ଟାଲ ୮୦କେଜି ମାଛ ଜବତ କରିବା ସହ ୮ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ରମାକାନ୍ତ ମଳିକ, ସୂର୍ଯ୍ୟମଣୀ ମଳିକ, ସରୋଜ ମଳିକ, ମନ୍ମଥ ମଳିକ, ପ୍ରଶାନ୍ତ ତରାଇ, ଦୀପକ ମାଝୀ, ସୁରେନ୍ଦ୍ର ଦାସ, ରମେଶ ମାଝୀ । ଗିରଫ ମତ୍ସ୍ୟଜୀବୀମାନେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର। ଦୁଇଟି ଟ୍ରଲରରୁ ଗିରଫ ସମସ୍ତ ମତ୍ସ୍ୟଜୀବୀଙ୍କୁ କେନ୍ଦ୍ରାପଡା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

## ଶିଶୁ ସୈନିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁଆଖିଆ,୧।୨/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ମୀର୍ଜାପୁର ସ୍ଥିତ ଶିଶୁ ସୈନିକ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ପ୍ରଦୀପ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ, ମୁଖ୍ୟ ବକ୍ତା ଭାବେ ଶିକ୍ଷକ ଜଗନ୍ନାଥ ପଣ୍ଡା, ସମ୍ମାନିତ ଅତିଥି ଭାବେ ଓଷ୍ଟା ପୂର୍ବତନ ସମ୍ପାଦକ ଅମୁଲ୍ୟ କୁମାର ଦାସ, ପ୍ରଧାନଶିକ୍ଷୟିତ୍ରୀ ସୁବାସି ସାହୁ, ସିଆର୍‌ସିସି ଦେବକୀ ପାତ୍ର, ବିଲିପଡ଼ା ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ଜେନା, ରଞ୍ଜନ କୁମାର ମିଶ୍ର, ବିଜ୍ଞାନ ସଂଘ ସମ୍ପାଦକ ପ୍ରକାଶ କୁମାର ପଣ୍ଡା, ରଞ୍ଜନ କୁମାର ବାରିକ, ନ୍ୟାମତ ଅଲ୍ଲୀ ଖାଁ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ଦେଇଥିଲେ। ପ୍ରଥମେ ବନ୍ଦନା ପତି ଅତିଥିଙ୍କୁ ମଞ୍ଚ ନିମନ୍ତ୍ରଣ କରିବା ପରେ ସୁବାସ ଚନ୍ଦ୍ର ପରିଡା ଅତିଥି ପରିଚୟ ପ୍ରଧାନ କରିଥିଲେ। ଚିତ୍ତ ରଞ୍ଜନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ନିହାର ରଞ୍ଜନ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଚଳିତ ବର୍ଷ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପିତାମ୍ବର ମଲିକ, କବିତା ପାଠ ପାଇଁ ଅଭଲିପସା ମହାନ୍ତି, ନୃତ୍ୟ ପାଇଁ ଅଂଶୀୟକ୍ଷ ଷଡ଼ଙ୍ଗୀ, ବ୍ରହ୍ମବରଦା, ଧର୍ମଶାଳା ସୈନିକ ବିଦ୍ୟାଳୟ ଦ୍ୱୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅର୍ଜୁନ ମେମୋରିଆଲ ଟ୍ରଷ୍ଟି ପକ୍ଷରୁ ବର୍ଣ୍ଣରା ଲାବଣ୍ୟ ମହାନ୍ତିଙ୍କୁ ଆର୍ଥିକ ରାଶି ଦିଆଯାଇଥିଲା। ଶେଷରେ ଦେବଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସୌମ୍ୟଜିତ ସ୍ୱାଇଁ ମଞ୍ଚ ଓ ସମସ୍ତ ଗୁରୁଜୀ ଗୁରୁମା' ପରିଚାଳନାରେ ସହାୟତା କରିଥିଲେ।

## ମା'ମଙ୍ଗଳାଙ୍କ ଝାମୁଯାତ୍ରା

**ତାଳଚେର,୧।୨/ଏନ୍ଏନ୍ଏସ୍:** ମାଘ ମାସରେ ମା'ମଙ୍ଗଳାଙ୍କ ଝାମୁଯାତ୍ରା ତିନିଦିନ ବ୍ୟାପି ମହାଆଡ଼ମ୍ବର ସହକାରେ ପାଳିତ ହୋଇଥାଏ। ତାଳଚେର ସହରର ବିଭିନ୍ନ ସାହି ଗୁଡ଼ିକରେ ଏହି ଯାତ୍ରା ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ଏହି ପୂଜାର ବିଧିବିଧାନ ଅନୁସାରେ ଏକବାର, ଦୁଇବାର ଓ ତୃତୀୟଦିନ ମା'ଙ୍କ ଏହି ପୂଜା ଉତ୍ସବଟି ବେଶ ଯାକଯମରେ ବ୍ରତାଧିକାରୀମାନେ ପାଳନ କରିଥାନ୍ତି। ଏହି ପୂଜାର ବିଶେଷତ୍ୱ ହେଲା ମା'ଙ୍କ ପୂଜାର ଅନ୍ତିମ ଦିବସରେ ଅଗ୍ନିକୁ ଝାସ ଦେଇ ଅଗ୍ନିର ଅପରପାର୍ଶ୍ୱକୁ ନିଆଁ ଉପରେ ବ୍ରତାଧିକାରୀ ଓ ପୂଜାପାଠ କରୁଥିବା ଲୋକମାନେ ମଧ୍ୟ ଚାଲିଚାଲି ଯାଇଥାନ୍ତି। ତିନିଦିନ ବ୍ୟାପି ଦେହୁରୀଙ୍କ ଦ୍ୱାରା ଶୁକ୍ଳବସ୍ତ୍ର ପରିଧାନ କରି ବ୍ରାହ୍ମଣୀନଦୀରେ ମା'ଙ୍କ ସ୍ନାନ ଏବଂ ମନ୍ଦିରକୁ ପାଛୋଟି ଅଣାଯାଇ ନୀତିକାନ୍ତି ଅନୁସାରେ ପ୍ରାତଃ ପୂଜା, ମଧ୍ୟାହ୍ନ ପୂଜା, ରାତ୍ରୀପୂଜା ଇତ୍ୟାଦି ସମ୍ପର୍ଣ୍ଣ କରି ମା'ଙ୍କୁ ସନ୍ତୁଷ୍ଟ କରିବା ସହ ଆଶିର୍ବାଦ ଭିକ୍ଷା କରିଥାନ୍ତି। ଝାଞ୍ଜ, କୀର୍ତନ, ମୃଦଙ୍ଗ, ଶଙ୍ଖ, ଘଣ୍ଟବାଦ୍ୟ, ହୁଳହୁଳି ଦେଇ ମନ୍ଦିର ବା ମା'ଙ୍କ ପୂଜାକୋଠି ମାଘମାସରେ ଉତ୍ସବ ମୁଖର ହୋଇଉଠିବା ସହ ସେହି ପରିସରଟି ଏକ ଆଧ୍ୟାତ୍ମିକ ପରିବେଶରେ ଗୁଞ୍ଜରିତ ହୋଇଥାଏ। ମା'ଙ୍କୁ ଦେହୁରୀ କାନ୍ଧରେ ବୋହି ନଗର କୀର୍ତନ କରିବା ସହ ସହରପରିକ୍ରମା ମଧ୍ୟ କରାଯାଇଥଏ। ପୂଜାର ଶେଷ ଦିନରେ ଯିଏ ଯାହା ମା'ଙ୍କ ଉଦ୍ଦେଶ୍ୟରେ ମାନସିକ କରିଥିବ ତାକୁ ସମର୍ପଣ କରି ପୂର୍ବ ପ୍ରଥା ଅନୁସାରେ ବଳୀର ମଧ୍ୟ ବ୍ୟବସ୍ଥା କରାଯାଇଥାଏ। ଏହି ପୂଜାକୁ ନେଇ ସହରର ଲୋକମାନେ ମା'ଙ୍କ ଯାତ୍ରା ବର୍ଷକୁ ଥରେ ପାଳନ କରୁଥିବାରୁ ବେଶ ଆନନ୍ଦ ସହକାରେ ଏହା ପାଳନ କରୁଥିବା ଦେଖିବାକୁ ମିଳିଛି।

## ବିସ୍ଥାପିତ ଓ ଜମିହରା ପରିବାରର ୫୦ ପ୍ରାର୍ଥୀଙ୍କୁ ନିଯୁକ୍ତି



**ଯାଜପୁର,୧।୨/ଏନ୍ଏନ୍ଏସ୍:** ବିକାଶ ପ୍ରତି ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛି। ଏକ ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ କଳିଙ୍ଗନଗର ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଏବଂ ଜମି ହରାଇଥିବା ପରିବାରର ୫୦ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ମନୋନୀତ କରାଯାଇଛି। ୨୦୨୫ ଜୁଲାଇ ମାସରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନକୁ ଏପରି ଭାବରେ ପ୍ରସ୍ତୁତ କରାଯାଇଥିଲା ଯେପରି କେବଳ ଟାଟା ଷ୍ଟିଲ୍ କଳିଙ୍ଗନଗର ପ୍ଲାଣ୍ଟ୍ ଯୋଗୁଁ ଜମି ହରାଇଥିବା ଏବଂ ବିସ୍ଥାପିତ ହୋଇଥିବା ପରିବାରର ଯୋଗ୍ୟ ପ୍ରାର୍ଥୀମାନେ ହିଁ ଏଥିରେ ଅଂଶଗ୍ରହଣ କରିପାରିବେ। ଏହି ସ୍ୱତନ୍ତ୍ର ଚୟନ ପ୍ରକ୍ରିୟାରେ ୧୭୯ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ମୋଟ୍ ୫୦ ଜଣଙ୍କୁ ତାଲିକାଭୁକ୍ତ କରାଯାଇଛି। ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରୁ ୪୨ ଜଣ ଡିପ୍ଲୋମାଧାରୀ ଏବଂ ୮ଜଣ ଆଇଟିଆଇ ଶିକ୍ଷାପ୍ରାପ୍ତ, ଯାହା ଅଞ୍ଚଳର ବିକାଶ ପାଇଁ ଗୁରୁତ୍ୱ ବହନ କରିବ। ଫେବୃଆରୀ ୪ରେ ଏହି ପ୍ରାର୍ଥୀମାନଙ୍କର ପ୍ରମାଣପତ୍ର ଯାଞ୍ଚ ଏବଂ ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ମନୋନୀତ ପ୍ରାର୍ଥୀମାନେ ମୁଖ୍ୟତଃ ତ୍ରିଜଙ୍ଗା, ଗୋବରଘାଟି, ସଂସାଇଲୋ ଏବଂ ରାମଠେଙ୍ଗ ଆଦି ପୁନର୍ବାସ ଥଇଥାନ କଲୋନୀ ସମେତ ଦାନଗଦି, ପଙ୍କପାଳ, ବାରଗଡ଼ିଆ, ନଡ଼ିଆଭଙ୍ଗା ଏହି ପ୍ରତିବଦ୍ଧତାକୁ ଆହୁରି ବ୍ୟାପକ କରି ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ୍) ମଧ୍ୟ ଏହାର ବିସ୍ଥାପିତ ଓ ଜମିହରା ପରିବାରର ସଦସ୍ୟଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛି। ଏନ୍ଆଇଏନ୍ଏଲ୍ ପକ୍ଷରୁ ମେକାନିକାଲ, ଇଲେକ୍ଟ୍ରିକାଲ, ଇଲେକ୍ଟ୍ରୋନିକ୍ସ, ମେଟାଲର୍ଜି ଏବଂ ସିଭିଲ୍ ଇଞ୍ଜିନିୟରିଂରେ ଆଇଟିଆଇ ଆଦିରେ ମିଳିବ ବୋଲି ସୂଚନା ମିଳିଛି।

### ନୂଆ ରେକର୍ଡ କଲା ପାରାଦୀପ ବନ୍ଦର

## ୧୪.୪୪ ନିୟୁତ ମେଟ୍ରିକ୍ ଟନ୍ ପଣ୍ୟ ପରିଚାଳନା



**ପାରାଦୀପ,୧।୨/ଏନ୍ଏନ୍ଏସ୍:** ଜାନୁଆରୀ ମାସରେ ସର୍ବାଧିକ ପଣ୍ୟ ପରିଚାଳନା କରି ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଏକ ଐତିହାସିକ ସଫଳତା ସହିତ ନୂତନ ବର୍ଷ ଆରମ୍ଭ କରିଛି। ଏହି ମାସରେ ୧୪.୪୪ ନିୟୁତ ମେଟ୍ରିକ୍ ଟନ୍ (ଏମ୍ଏମ୍ଟି) କାର୍ଗୋ ପରିଚାଳନା କରିଛି। ଯାହା ୨୦୨୪ ମସିହାରେ ହାସଲ କରିଥିବା ରେକର୍ଡ ୧୪.୩୨ ଏମଏମଟିକୁ ଅତିକ୍ରମ କରିଛି। ଏହି ରେକର୍ଡ ଭାଙ୍ଗିବା କାର୍ଯ୍ୟଦକ୍ଷତା ଭାରତର ପ୍ରମୁଖ ବନ୍ଦର ମଧ୍ୟରୁ ଗୋଟିଏ ଭାବରେ ପାରାଦୀପ ବନ୍ଦରର ସ୍ଥିତିକୁ ସୁଦୃଢ କରି ଏହାର କାର୍ଯ୍ୟକ୍ଷମ କ୍ଷମତାରେ ନିରନ୍ତର ଅଭିବୃଦ୍ଧିକୁ ପ୍ରତିଫଳିତ କରିଛି। ଏହି ସଫଳତା ହେଉଛି ନିରନ୍ତର ଭିତ୍ତିଭୂମି ବୃଦ୍ଧି, ସୁଗମ ପ୍ରକ୍ରିୟା ଏବଂ ଟର୍ମିନାଲ ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ଉନ୍ନତ ସମନ୍ୱୟର ଫଳାଫଳ। ପଣ୍ୟ ପରିମାଣରେ ନିରନ୍ତର ବୃଦ୍ଧି ପାରାଦୀପ ବନ୍ଦରରେ କର୍ମଚାରୀଙ୍କ ଦକ୍ଷତା, ସ୍ଥିରତା ଏବଂ ସମର୍ପଣକୁ ମଧ୍ୟ ସ୍ପଷ୍ଟ କରେ। ଯେଉଁମାନେ ସାମୁଦ୍ରିକ ଲଜିଷ୍ଟିକ୍ସରେ ବର୍ଦ୍ଧିତ ଚାହିଦା ଏବଂ ଜଟିଳତା ସତ୍ତ୍ୱେ ଦୃଢ଼ କାର୍ଯ୍ୟକ୍ଷମ ଫଳାଫଳ ପ୍ରଦାନ କରିଆସୁଛନ୍ତି। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହରନାଦ ଏହି ସଫଳତା ପାଇଁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ରଣନୈତିକ ଦୃଷ୍ଟିକୋଣ ଏବଂ ନେତୃତ୍ୱ ଏବଂ ଅଧିକାରୀ, କର୍ମଚାରୀ, ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ବନ୍ଦର ସହିତ ଜଡିତ ସମସ୍ତ ଅଂଶୀଦାରଙ୍କ ନିରନ୍ତର ପ୍ରୟାସକୁ ଶ୍ରେୟ ଦେଇଛନ୍ତି। 'ଆଧୁନିକୀକରଣ, କ୍ଷମତା ବୃଦ୍ଧି ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ଉପରେ ନିରନ୍ତର ଧ୍ୟାନ ଦେଇ, ପାରାଦୀପ ବନ୍ଦର ଭାରତର ବୃଦ୍ଧି ପାଉଥିବା ବାଣିଜ୍ୟକୁ ସମର୍ଥନ କରିବା ଏବଂ ଦେଶର ଆର୍ଥିକ ବିକାଶରେ ଯୋଗଦାନ ଦେବା ପାଇଁ ପ୍ରତିବଦ୍ଧ,' ବୋଲି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ଉଲ୍ଲେଖ କରିଛନ୍ତି। ଜାନୁଆରୀ ମାସର ରେକର୍ଡ ପ୍ରଦର୍ଶନ ଆଗାମୀ ବର୍ଷ ପାଇଁ ଏକ ସକାରାତ୍ମକ ସ୍ୱର ସୃଷ୍ଟି କରୁଛି କାରଣ ପାରାଦୀପ ବନ୍ଦର ବିଶ୍ୱସ୍ତରୀୟ ମେଗା ବନ୍ଦର ମାନ୍ୟତା ହାସଲ କରିବା ଦିଗରେ ଏହାର ଯାତ୍ରା ଜାରି ରଖିଛି।

# ଗାନ୍ଧୀପୀଠରେ ଗାନ୍ଧୀଙ୍କ ତିରୋଧାନ ଦିବସ

**ଡେଲାଙ୍ଗ,୧।୨/ଏନ୍ଏନ୍ଏସ୍:** ଜାତୀର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ବେରବୋଇ ଗାନ୍ଧୀପୀଠରେ ପାଳିତ ହୋଇଯାଇଛି ।ଏହି ଅବସରରେ ଗାନ୍ଧୀ ସ୍ମାରକୀ ସଭାପତି କୁନ୍ତଳା ବିଶ୍ୱାଳ, ଗାନ୍ଧୀତତ୍ତ୍ୱପ୍ରଚାରକ ଅନାମ ମଲିକ୍, ସନ୍ତୋଷ ବିଶ୍ୱାଳ,ବର୍ଷିୟାନ ସମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ସୁରେଶ ମନ୍ତ୍ରୀ, ଛବିନା ବଢେଇ, ସଞ୍ଜୟ ସେଠୀ, କସ୍ତୁରବା ସେବା କେନ୍ଦ୍ର ସହ ସଂଚାଳିକା ପୁଷ୍ପଲତା ସ୍ୱାଇଁ, ଅମରେନ୍ଦ୍ର ବାରିକ୍, ଭାଗୀରଥି ପରିଡା ପ୍ରମୁଖ ଯୋଗଦେଇ ପୀଠ ସଲଗ୍ନ ଅନ୍ନପୂର୍ଣ୍ଣା ଘାଟରେ ଗାନ୍ଧୀଙ୍କ ଉଦେଶ୍ୟରେ ତିଳୋତର୍ପଣ କରଥିଲେ । ପରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଓ ସୁତ୍ର ମାଲ୍ୟାର୍ପଣ କରାଯାଇ ରାମଧ୍ୱନୀ ସହ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ଗାନ୍ଧୀ ସ୍ମାରକୀ ସମିତିର ସମସ୍ତ ସଦଶ୍ୟମାନଙ୍କ ସହିତ କସ୍ତୁରବା ସେବା କେନ୍ଦ୍ରର ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ । ସେହିପରି ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅଭୁଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସହିଦ୍ ଦିବସ ଅବସରରେ ଗାନ୍ଧୀଙ୍କ ଉଦେଶ୍ୟରେ ନିରବ ପାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ଏହି ସମାବେଶରେ ଶିକ୍ଷକ ଟିକେଇ ଦଳେ, ଅଜୟ ପ୍ରଧାନ ଶିକ୍ଷୟିତ୍ରୀ ପାପଲିନ୍ ପ୍ରଧାନ, ରୋଜାଲିନ୍ ମହାରଣା ପ୍ରମୁଖ ସାମିଲ ହୋଇଥିଲେ ।

## ପ୍ରଥମ ପୃଷ୍ଠାରୁ

### ଫୋକସ୍‌ରେ ପ୍ରତିରକ୍ଷା ...

ଗୋଟିଏ ଲେଖାଏ କନ୍ୟା ଛାତ୍ରୀନିବାସ ପ୍ରତିଷ୍ଠା କରାଯିବ । ଷ୍ଟେମ୍ ଶିକ୍ଷା ପାଇଁ ଦୀର୍ଘ ସମୟର ପାଠପଢ଼ା ଏବଂ ଲାବୋରେଟୋରୀ କାମର ଆବଶ୍ୟକତା ଥାଏ, ଯାହା ଛାତ୍ରୀମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ । ଏହି ଛାତ୍ରୀନିବାସଗୁଡ଼ିକ ସେମାନଙ୍କୁ ସୁରକ୍ଷିତ ଏବଂ ସୁବିଧାଜନକ ରହଣି ପ୍ରଦାନ କରିବ । ଦୂରଦୂରାନ୍ତରୁ ଆସୁଥିବା ମେଧାବୀ ଛାତ୍ରୀମାନେ ରହିବା ସୁବିଧା ଅଭାବରୁ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହା ଏହି ପଦକ୍ଷେପ ନିଶ୍ଚିତ କରିବ । ସେହିପରି ଅର୍ଥମନ୍ତ୍ରୀ ଖଣିଜ କରିଡର ନେଇ ମଧ୍ୟ ଘୋଷଣା କରିଛନ୍ତି । ଟ୍ରେନ୍ ଯାତ୍ରୀ ଏବଂ ଭାରତୀୟ ରେଳବାଇକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରାଯାଇଥିବା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ, ଦେଶବ୍ୟାପୀ ୭ଟି ହାଇ-ସ୍ପିଡ୍ ରେଳ କରିଡର ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । ଏଥିରେ ମୁମ୍ବାଇ-ପୁଣେ, ପୁଣେ-ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁରୁ, ହାଇଦ୍ରାବାଦ୍-ଚେନ୍ନାଇ, ଚେନ୍ନାଇ-ବେଙ୍ଗାଲୁରୁ, ଦିଲ୍ଲୀ-ବାରାଣସୀ, ବାରାଣସୀ-ସିଲିଗୁଡ଼ି ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ । ଏହା ବିଭିନ୍ନ ରାଜ୍ୟ, ସହର ଏବଂ ଗ୍ରାମଗୁଡ଼ିକୁ ସଂଯୋଗ କରିବ, ଏହାସହିତ ସଡ଼କ ପରିବହନ ଉପରେ ବଢୁଥିବା ଚାପକୁ ମଧ୍ୟ ହ୍ରାସ କରିବ । ସେହିପରି ଓଡ଼ିଶା ସମେତ ୫ଟି ରାଜ୍ୟରେ ବିରଳ ମୃର୍ତ୍ତିକା କରିଡର (ଖଣିଜ) ନେଇ ମଧ୍ୟ ସେ ଘୋଷଣା କରିଛନ୍ତି । ତାଙ୍କ କହିବାନୁସାରେ କେରଳ, ଓଡ଼ିଶା, ତାମିଲନାଡୁ, ଛତିଶଗଡ ଓ ଝାଡଖଣ୍ଡରେ ଏହି କରିଡର ନିର୍ମାଣ ହେବ । ଏତଦ୍‌ବ୍ୟତୀତ ଓଡ଼ିଶା ପାଇଁ ଜାତୀୟ ଜଳପଥ, ଓଡ଼ିଶା, କର୍ଣ୍ଣାଟକ ଏବଂ କେରଳରେ କଇଁଛ ଅଣ୍ଡାଦାନ ସ୍ଥଳୀର ଉନ୍ନତିକରଣ, ୮୦୦ ଜିଲ୍ଲାରେ ଝିଅମାନଙ୍କ ପାଇଁ ହଷ୍ଟେଲ୍ ନିର୍ମାଣଭଳି ଅନେକ ପ୍ରସଙ୍ଗରେ ସେ ଘୋଷଣା କରିଛନ୍ତି । ନିର୍ମଳାଙ୍କ କହିବାନୁସାରେ ତାଙ୍କ ସରକାର ନିଯୁକ୍ତି ଓ ଉତ୍ପାଦନକୁ ସର୍ବାଧିକ ଗୁରୁତ୍ୱ ଦେଇଆସିଛନ୍ତି । ପରିବେଶଗତ ଭାବରେ ସ୍ଥାୟୀ ଯାତ୍ରୀ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ୫ବର୍ଷ ମଧ୍ୟରେ ପ୍ରତି ସିଇଆର ପାଇଁ ୫ହଜାର କୋଟି ଖର୍ଚ୍ଚ ହେବ ବୋଲି ନିର୍ମଳା କହିଛନ୍ତି । ସେହିପରି ୧୭ଟି ଗୁରୁତ୍ୱପୂର୍ଣ୍ଣ ତଥା କର୍କଟ ଔଷଧ ଉପରୁ ଆମଦାନି ଶୁଳ୍କ ହଟାଇ ଦିଆଯାଇଛି । ବର୍ତ୍ତମାନ, ୫% ଶୁଳ୍କ ଲାଗୁ କରାଯାଇଥିଲା । ହେମୋଫିଲିଆ, ସିକଲ୍ ସେଲ୍ ଏବଂ ମାସ୍କୁଲାର୍ ଡିଷ୍ଟ୍ରୋଫି ଭଳି ୭ଟି ବିରଳ ରୋଗର ଔଷଧକୁ ମଧ୍ୟ ଶୁଳ୍କମୁକ୍ତ କରାଯାଇଛି । ସୀତାରମଣ ଘୋଷଣା କରିଛନ୍ତି ଯେ କେନ୍ଦ୍ର ସରକାର ୫ ପୂର୍ବୋଦୟ ରାଜ୍ୟରେ ପାଞ୍ଚଟି ପର୍ଯ୍ୟଟନ ସ୍ଥଳ ସୃଷ୍ଟି କରିବେ ଏବଂ ୪,୦୦୦ ଇ-ବସ୍ ପାଇଁ ବ୍ୟବସ୍ଥା କରିବେ, ଏହା ପରେ ପାଞ୍ଚଟି ଚିକିତ୍ସା ପର୍ଯ୍ୟଟନ କେନ୍ଦ୍ର ସ୍ଥାପନ ଏବଂ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ବାୟୋଫାର୍ମା ଶକ୍ତି କାର୍ଯ୍ୟକ୍ରମ ପାଇଁ ୧,୦୦୦ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ଦେବେ । ସାରା ଦେଶରେ ୧୫ଟି ପ୍ରତ୍ନତାତ୍ତ୍ୱିକ ସ୍ଥାନ ବିକାଶ କରିବାର ଯୋଜନା ରହିଥିବା ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଛନ୍ତି । ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ବଜେଟ୍‌ରେ ପ୍ରାଥମିକତା ଦିଆଯାଇଛି ।

### ଓଡ଼ିଶାକୁ ପ୍ରାଥମିକତା ...

ଯାହାଫଳରେ ଉତ୍ପାଦନ ବୃଦ୍ଧି ଓ ଆମଦାନୀ କମ୍ ହୋଇପାରିବ ବୋଲି ଅନୁମାନ କରାଯାଉଛି । ସେହିପରି ସୀତାରମଣଙ୍କ କହିବାନୁସାରେ ତାଳଚେର-ଅନୁଗୁଳ-କଳିଙ୍ଗନଗରକୁ ପାରାଦୀପ ଓ ଧାମରା ସହ ଯୋଡ଼ାଯିବ । ଏତଦ୍‌ବ୍ୟତୀତ କେନ୍ଦ୍ର ସରକାର ଆସନ୍ତା ୫ ବର୍ଷରେ ୨୦ ନୂଆ ଜଳମାର୍ଗ ଆରମ୍ଭ କରିବାକୁ ଯୋଜନା କରୁଥିବା ବେଳେ ଓଡ଼ିଶାରେ ନ୍ୟାସନାଲ୍ ୱାଟର ୱେ-୫ ବା ୫ଟି ଜାତୀୟ ଜଳପଥ ଆରମ୍ଭ କରାଯିବ ବୋଲି ସୀତାରମଣ କହିଛନ୍ତି । ଅନ୍ୟପକ୍ଷେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ବ୍ୟାପକ କରିବା ଉଦ୍ଦେଶ୍ୟରେ ପ୍ରାଥମିକତା ଭିତ୍ତିରେ ଗହିରମଥା ଓ ଋଷିକୁଲ୍ୟା ନଦୀ ମୁହାଣ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ନିର୍ମଳାଙ୍କ କହିବାନୁସାରେ ପରିବେଶ ସଂରକ୍ଷଣ ଓ ଇକୋ-ଟୁରିଜିମ୍‌କୁ ପ୍ରୋତ୍ସାହିତ କରିବା ଦିଗରେ ଏହା ଏକ ଅଭିନବ ପ୍ରୟାସ ହେବ । ଏସବୁ ସହ ଓଡ଼ିଶାରେ ମଧ୍ୟ କଇଁଛମାନଙ୍କ ସମୂହ ଅଣ୍ଡାଦାନ ସ୍ଥଳୀର ଉନ୍ନତୀକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ସୀତାରମଣ ଘୋଷଣା କରିଛନ୍ତି । ଇକୋ-ପର୍ଯ୍ୟଟନକୁ ବୃଦ୍ଧି କରିବା ପାଇଁ ସରକାରଙ୍କ ପ୍ରୟାସର ଅଂଶ ସ୍ୱରୂପ, ଓଡ଼ିଶା, କର୍ଣ୍ଣାଟକ ଏବଂ କେରଳର ପ୍ରମୁଖ ବାସସ୍ଥଳ ଗୁଡ଼ିକରେ କଇଁଛଙ୍କ ପାଇଁ ପଥ ବିକଶିତ କରିବାର ଯୋଜନା କରାଯାଇଛି ।

### ଏହା ଯୁବଶକ୍ତି ପାଇଁ ...

ସନ୍ତୁଷ୍ଟ ନୁହେଁ । ବରଂ, ଆମେ ଯଥାଶୀଘ୍ର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଚାହୁଁଛୁ । ଏହି ବଜେଟ୍ ହେଉଛି ବିଶାଳ ସୁଯୋଗର ଏକ ରାଜପଥ । ଏହା ବର୍ତ୍ତମାନର ସ୍ୱପ୍ନକୁ ସାକାର କରେ । ଭାରତ ଯେଉଁ ସଂସ୍କାର ଉପରେ ଚଢୁଛି ତାହା ନୂତନ ଗତି ପାଇବ । ବଜେଟ୍‌ରେ ସବୁ କ୍ଷେତ୍ରର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଅଗ୍ରାଧିକାର ଦିଆଯାଇଛି । ଏହା ଏକ ଅନନ୍ୟ ବଜେଟ, ଯାହା ଆର୍ଥିକ ନିଅଣ୍ଟ ହ୍ରାସ କରିବା ଉପରେ ଫୋକସ କରିଛି । ଏହା ଉଚ୍ଚ ପୁଞ୍ଜିବିନିଯୋଗ ଏବଂ ଉଚ୍ଚ ଅଭିବୃଦ୍ଧିକୁ ମଧ୍ୟ ସମନ୍ୱୟ କରେ । ଏହା ଦେଶର ବିଶ୍ୱ ଭୂମିକାକୁ ପୁନଃଜୀବିତ କରିଥାଏ । କମଳା ଅର୍ଥନୀତି, ପର୍ଯ୍ୟଟନ ଏବଂ ଖେଲୋ ଇଣ୍ଡିଆ ମିଶନ ମାଧ୍ୟମରେ ଯୁବପିଢ଼ି ପାଇଁ ନୂତନ ସୁଯୋଗ ଖୋଲିବ । ଭାରତକୁ ଏକ ବିଶ୍ୱସ୍ତରୀୟ ଡାଟା ସେଣ୍ଟର ହବ୍ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଟିକସ ଛାଡ଼ ପ୍ରଦାନ କରାଯାଇଛି । ଏହି ବଜେଟ୍ ନିଯୁକ୍ତି ସୃଷ୍ଟିକୁ ବୃଦ୍ଧି କରିବ । ଆମ ଦେଶରେ ୧୦ କୋଟିରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଜଡିତ । ବଜେଟରେ ମହିଳା ନେତୃତ୍ୱାଧୀନ ଗୋଷ୍ଠୀଗୁଡ଼ିକର ଏକ ବ୍ୟବସ୍ଥା ସୃଷ୍ଟି କରିବା ଉପରେ ଧ୍ୟାନ ଦିଆଯାଇଛି । ପ୍ରତ୍ୟେକ ଘରେ ଲକ୍ଷ୍ମୀ ପହଞ୍ଚିବା ନିଶ୍ଚିତ କରିବା ପାଇଁ ପ୍ରୟାସ କରାଯାଉଛି । ପ୍ରତ୍ୟେକ ଜିଲ୍ଲାରେ ବାଳିକା ଛାତ୍ରାବାସ ନିର୍ମାଣ କରାଯିବ । ସେହିପରି ବଜେଟ୍‌ରେ ସୂର୍ଯ୍ୟୋଦୟ କ୍ଷେତ୍ରଗୁଡ଼ିକୁ ଦିଆଯାଇଥିବା ଦୃଢ଼ ଗୁରୁତ୍ୱ ଗୁରୁତ୍ୱପୂର୍ଣ୍ଣ । ବିରଳ ପୃଥିବୀ କରିଡର ଭଳି ପଦକ୍ଷେପ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ବୟନଶିଳ୍ପ ଏବଂ ଉଚ୍ଚ-ପ୍ରଯୁକ୍ତି ଉପକରଣ ନିର୍ମାଣ ଉପରେ ଧ୍ୟାନ ଭବିଷ୍ୟତ ଏବଂ ବର୍ତ୍ତମାନର ଆବଶ୍ୟକତାକୁ ପୂରଣ କରିବ ।"

### ଭବିଷ୍ୟତବାଦୀ, ନିଯୁକ୍ତିଭିତ୍ତିକ ...

ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ସମସ୍ତଙ୍କ ଆଶା-ଆକାଂକ୍ଷା ପୂରଣ କରି ସାମର୍ଥ୍ୟ ବଢ଼ାଇବା ଏବଂ ପ୍ରତିଟି ପରିବାର ଓ ସମ୍ପ୍ରଦାୟ ପାଖରେ ସମ୍ବଳ, ସୁଯୋଗ ଓ ସୁବିଧା ପହଞ୍ଚାଇବା'—ଏହି ତିନୋଟି କର୍ତ୍ତବ୍ୟ ଦ୍ୱାରା ଅନୁପ୍ରାଣିତ ଏହି ବିକଶିତ ଭାରତ ବଜେଟ୍ ସବୁ କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଆଣିବ । ଏହି ବଜେଟ୍ ସବକା ସାଥ୍, ସବକା ବିକାଶ ମନ୍ତ୍ର ଉପରେ ଗୁରୁତ୍ୱ ଦେଇଛି, ଯାହା ଦ୍ୱାରା ଗରିବ ଏବଂ ମଧ୍ୟବିତ୍ତ ପରିବାରମାନେ ବିଶେଷ ଭାବରେ ଲାଭ ପାଇବେ । ଏହା ଭାରତର ପରବର୍ତ୍ତୀ ପର୍ଯ୍ୟାୟର ଅଭିବୃଦ୍ଧି ପାଇଁ 'ରିଫର୍ମ ଏକ୍ସପ୍ରେସ୍' ବା ସଂସ୍କାରର ଗତିକୁ ତ୍ୱରାନ୍ୱିତ କରିବ ଏବଂ ୧୪୦ କୋଟିରୁ ଅଧିକ ଭାରତୀଙ୍କ ଲାଭ ସୁନିଶ୍ଚିତ କରିବ ।

### ଆର୍ଥିକ ଦସ୍ତାବିଜ ନୁହେଁ ...

ସଦୃଶ ହେବ । ବିଶେଷ କରି 'ରେୟାର ଅର୍ଥ କରିଡର' ର ପ୍ରତିଷ୍ଠା ରାଜ୍ୟରେ ଖଣିଜ ପ୍ରକ୍ରିୟାକରଣ ଏବଂ ଉଚ୍ଚ-ବୈଷୟିକ ଶିଳ୍ପାୟନକୁ ନୂତନ ଗତି ପ୍ରଦାନ କରିବ । ଜାତୀୟ ଜଳପଥ-୫ର କାର୍ଯ୍ୟକାରିତା ଆମର ଶିଳ୍ପାଞ୍ଚଳ ଏବଂ ବନ୍ଦର ମଧ୍ୟରେ ସଂଯୋଗୀକରଣକୁ ସହଜ କରି ଏକ ସୁଲଭ ଓ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ଗଠନ କରିବ, ଯାହାଫଳରେ ସ୍ଥାନୀୟ ଯୁବକମାନେ ବ୍ୟାପକ ନିଯୁକ୍ତି ଓ ତାଲିମ ସୁଯୋଗ ପାଇପାରିବେ । ଏଥିସହ ପୂର୍ବଘାଟର ଜୈବ ବିବିଧତାକୁ ପାଥେୟ କରି 'ଟର୍ଟଲ ଟ୍ରେଲ୍' ଏବଂ ପର୍ବତାରୋହଣ ଭିତ୍ତିକ ପର୍ଯ୍ୟଟନ ପଦକ୍ଷେପ ଓଡ଼ିଶାକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ଆକର୍ଷଣ ଭାବେ ଉଭା କରିବ ।

ସାମାଜିକ ନ୍ୟାୟ ଏବଂ ସମନ୍ୱିତ ବିକାଶର ଏହି ମହାଯଜ୍ଞରେ ଏମଏସଏମଇ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକୁ ଦିଆଯାଇଥିବା ଗୁରୁତ୍ୱ 'ଆତ୍ମନିର୍ଭର ଭାରତ' ସଂକଳ୍ପକୁ ଆହୁରି ସୁଦୃଢ଼ କରିବ । ସୁଶାସନ ଓ ସ୍ଥାୟୀ ପ୍ରଗତିର ଏହି ସମନ୍ୱିତ ପ୍ରୟାସ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଏହି ଜନକଲ୍ୟାଣକାରୀ ବଜେଟ୍ ପାଇଁ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଆର୍‌ଡିସିଙ୍କ କ୍ଷେତ୍ର ପରିଦର୍ଶନ

**ପୁରୀ,୧।୨/ଏନ୍ଏନ୍ଏସ୍:** କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ପୁନମ ଗୁହା ତାପସ କୁମାର ଆଜି ଅପରାହ୍ନ ରେ ପୁରୀ ଜିଲ୍ଲା ଗସ୍ତରେ ଆସି ଭାରତର ମହାମହୀମ ରାଷ୍ଟ୍ରପତି ଙ୍କ ପୁରୀ ଗସ୍ତର ସମୀକ୍ଷା କରିଛନ୍ତି । ଆରଡିସି ସର୍କିଟ ହାଉସ ରେ ପହଞ୍ଚିବା ପରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ତାଙ୍କୁ ସ୍ୱାଗତ କରିବା ସହ ରାଷ୍ଟ୍ରପତି ଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ପ୍ରଶାସନ ର ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ପରେ ଆରଡିସି ଲୋକ ଭବନ କୁ ପରିଦର୍ଶନ କରି ସମସ୍ତ ବ୍ୟବସ୍ଥା ର ସମୀକ୍ଷା କରିଥିଲେ । ପରେ ଶ୍ରୀମନ୍ଦିର ଓ ଶ୍ୱେତଗଙ୍ଗା ଅଞ୍ଚଳ କୁ ଆରଡିସି ପରିଦର୍ଶନ କରି ବିବିଧ ପରାମର୍ଶ ମାନ ଦେଇଥିଲେ । ପରେ ପରେ ହେଲିପ୍ୟାଡ ସ୍ଥାନ କୁ ପରିଦର୍ଶନ କରିଥିଲେ । ଜିଲ୍ଲା ପ୍ରଶାସନ ର ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟ କୁ ସଠିକ ଭାବେ ପରିଚାଳନା କରିବା ସହ ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ,



ମହାମହୀମ ରାଷ୍ଟ୍ରପତି ଓ ଅନ୍ୟ ଅତିଥି, ଅଧିକାରୀ, କର୍ମଚାରୀ ମାନଙ୍କ ର ରହଣି ବ୍ୟବସ୍ଥା, କାର୍ଯ୍ୟ ସୂଚୀ ଅନୁସାରେ ସମସ୍ତ କାର୍ଯ୍ୟ କୁ ଶୃଙ୍ଖଳିତ ଭାବେ ନିର୍ବାହ କରିବାକୁ ଆରଡିସି ପୁନମ ଗୁହା ତାପସ କୁମାର ପରାମର୍ଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବ୍ରହ୍ମଗିରି ବିଡ଼ିଓ ମନୀଷା ଷଡ଼ଙ୍ଗୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ



**ପୁରୀ,୧।୨/ଏନ୍ଏନ୍ଏସ୍:** ପବିତ୍ର ମାଘ ପୂର୍ଣ୍ଣିମା ଏହି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ 'ଗଜ ଉଦ୍ଧାରଣ ବେଶ' ଅନୁଷ୍ଠିତ ହୋଇଯାଇଛି । ଏହି ବେଶ ମହାପ୍ରଭୁଙ୍କ ଦ୍ୱିପହର ଧୂପ ସରିବା ପରେ ହୋଇଥିଲା । ଗଜ ଉଦ୍ଧାରଣ ବେଶର ବିଶେଷତ୍ୱ ହେଲା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ଚତୁଃହସ୍ତ ରୂପେ ଓ ଦେବୀ ସୁଭଦ୍ରା ଦ୍ୱିଭୁଜ ବିଶିଷ୍ଟା ହୁଅନ୍ତି । ଚତୁଃହସ୍ତଧାରୀ ଶ୍ରୀଜଗନ୍ନାଥ ଗରୁଡ଼ ଉପରେ ବସି ଶ୍ରଦ୍ଧାଳୁଙ୍କ ଦର୍ଶନ ଦେଇଥାନ୍ତି । ଗରୁଡ଼ ପୃଷ୍ଠରେ ଜଗନ୍ନାଥ ପଦ୍ମାସନ ଭଙ୍ଗିରେ ବସିବା ସହ ଚାରିହସ୍ତରେ ଶୋଲ ଓ ଜରି ନିର୍ମିତ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭାପାଇଥାଏ । ପଦ୍ମାସନ ଭଙ୍ଗିରେ ଗୋଟିଏ ଆସ୍ଥାନରେ ବସିଥିବା ବଳଭଦ୍ର ତାଙ୍କର ଉର୍ଦ୍ଧ୍ୱ ଦୁଇ ହସ୍ତରେ ଶୋଲ ଓ ଜରି ନିର୍ମିତ ଶଙ୍ଖ ଓ ଚକ୍ର ତଥା ନିମ୍ନ ଦୁଇ ହସ୍ତରେ ହଳ ଓ ମୁଷଳ ଧାରଣ କରିଥାନ୍ତି । ଦେବୀ ସୁଭଦ୍ରା ଦୁଇଭୁଜ ଓ ଦୁଇ ପାଦଯୁକ୍ତା ହୋଇ କୃଷ୍ଣଙ୍କ ଭଳି ଛନ୍ଦାୟିତ ଭଙ୍ଗିରେ ଛିଡ଼ା ହୋଇଥାନ୍ତି । ଦେବୀଙ୍କ ହସ୍ତଦ୍ୱୟ ମୁଷ୍ଟିବଦ୍ଧ ତଥା ତଳ ଉପର ହୋଇ ରହିଥାଏ ଏବଂ ସେ ପଦ୍ମ ଫୁଲଟିଏ ଧରି ଥାଆନ୍ତି । ଏହି ବେଶରେ କାଠ ଓ ଶୋଲ ନିର୍ମିତ ଦୁଇଟି ହସ୍ତୀ ପ୍ରତିମୂର୍ତ୍ତି ବ୍ୟବହୃତ ହୋଇଥାଏ । ଗୋଟିଏ ହସ୍ତୀ ବଳଭଦ୍ରଙ୍କ ସମୀପରେ ରତ୍ନ ସିଂହାସନ ଆଗରେ ପୋଖରୀଆରେ ଏବଂ ଅନ୍ୟଟି ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ରଖାଯାଇଥାଏ । ଜଗନ୍ନାଥଙ୍କ ସମ୍ମୁଖରେ ଥିବା ଗଜଟି ଆର୍ତ୍ତ ହରଣ ପାଇଁ ଆକୁଳ ନିବେଦନ କରୁଥିବା ଭଙ୍ଗିରେ ପ୍ରଦର୍ଶିତ ହୁଏ । ତାର ପାଦଗୁଡ଼ିକ ମଧ୍ୟରେ ଥାଏ ଆକ୍ରମଣରତ କୁମ୍ଭୀରର ପିତୁଳା ଏବଂ ହସ୍ତୀଟିର ଟେକି ହୋଇଥିବା ଶୁଣ୍ଢରେ ପ୍ରସ୍ଫୁଟିତ ପଦ୍ମଫୁଲ ଶୋଭା ପାଇଥାଏ । ଏହି ବେଶରେ ତିନି ଠାକୁରଙ୍କ ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତିରେ ଭୂଷିତ ହୋଇଥାନ୍ତି । ଏହି ବେଶ ସମୟତକ ରତ୍ନସିଂହାସନରେ ଶୋଭା ପାଉଥିବା ଲକ୍ଷ୍ମୀଙ୍କର ସୁବର୍ଣ୍ଣପ୍ରତିମାଙ୍କୁ ଜଗନ୍ନାଥଙ୍କ କୋଳରେ ରଖାଯାଏ । କ୍ଷୀରି ଓ ଅମାଲୁ ସ୍ୱତନ୍ତ୍ର ଭୋଗ ରୂପେ ଅର୍ପିତ ହୋଇଥାଏ । ଏକଦା ବରୁଣ ହ୍ରଦରେ ଗଜରାଜ ସ୍ନାନ କରୁଥିବା ସମୟରେ ସେହି ହ୍ରଦରେ ଥିବା ଗୋଟିଏ ବିରାଟକାୟ କୁମ୍ଭୀର ଆକ୍ରମଣ କଲା । କୁମ୍ଭୀର ଆକ୍ରମଣରୁ ଉଦ୍ଧାର ପାଇବାର କୈଣସି ଉପାୟ ନଦେଖି ବିକଳରେ ପୁରୁଷୋତ୍ତମ ଭଗବାନଙ୍କୁ ସେ ପ୍ରାର୍ଥନା କରିଥିଲା । ଗଜରାଜର ପ୍ରାର୍ଥନାରେ ସ୍ୱୟଂ ପୁରୁଷୋତ୍ତମ ତତ୍ ?କ୍ଷଣାତ ଭକ୍ତ ଗଜଙ୍କୁ ଆକ୍ରମଣରୁ ରକ୍ଷା କରିବା ପାଇଁ ଚକ୍ରପେଷି କୁମ୍ଭୀରକୁ ମାରି ଉଦ୍ଧାର କରିଥିଲେ । ସେହି ପୌରାଣିକ ଆଖ୍ୟାୟିକାର ସ୍ମୃତିରେ ଶ୍ରୀମନ୍ଦିରରେ ଅତ୍ୟନ୍ତ ପୁରାତନ ସମୟରୁ ଶ୍ରୀବିଗ୍ରହମାନଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଆସୁଛି । ଭୌମବଂଶର ରାଣୀ ବକୁଳ ମହାଦେବୀ ଏହି ବେଶ ପ୍ରଥମେ ପ୍ରଚଳନ କରାଇଥିଲେ । ତତ୍ପରେ କିଛି ବର୍ଷ ପାଇଁ ଏହା ବନ୍ଦ ହୋଇଯାଇଥିଲା । ୧୫୭୫ ମସିହାରେ ରାମଚନ୍ଦ୍ର ଦେବ ଠାକୁରମାନଙ୍କ ଗଜ ଉଦ୍ଧାରଣ ବେଶର ପୁନଃପ୍ରଚଳନ କରାଇଥିଲେ ବୋଲି ସଂସ୍କୃତି ଗବେଷକ ପ୍ରକାଶ କରିଥିଲେ ।

## ନାବାଳିକା ଦୁଷ୍କର୍ମ ଘଟଣାରେ ପୁଲିସ ହାତ ଖାଲି

**ଓଡ଼ଗାଁ,୧।୨/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଶରଣକୁଳ ଅଞ୍ଚଳର ଜଣେ ୫ମ ଶ୍ରେଣୀର ନାବାଳିକା ଦୁଷ୍କର୍ମର ଶିକାର ହେବା ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ହାତ ଏବେବି ଖାଲି ରହିଛି । ପରିବାର ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ପୀଡ଼ିତାଙ୍କ ବାପା-ମାଆଙ୍କ ଠାରୁ ପୁଲିସ ଏକ ସାଦା କାଗଜରେ ଦସ୍ତଖତ ନେବାଘଟଣା ସନ୍ଦେହ ଘେରକୁ ଟାଣିଆଣିଛି । ଏପଟେ ଦୁଷ୍କର୍ମକାରୀ ଫେରାରଥିବା ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀ ଶରଣକୁଳ ଥାନା ଅଞ୍ଚଳର ଜଣେ ନାବାଳିକା ଗତ ୨୯ତାରିଖ ଦିନ ଟିୟୁସନ କରିବାକୁ ଯାଇଥିଲା ।ଶିକ୍ଷୟିତ୍ରୀ ସୁଶାନ୍ତି ପରିଡ଼ା କେ ?ଣସି କାମରେ ବାହାରକୁ ଯାଇଥିବା ବେଳେ ପୁଅ ଦିପ୍ତିରଞ୍ଜନ ପରିଡ଼ା (ବବୁଲ) ଅନ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ଛାତ ଉପରକୁ ପଠାଇ ଏକମାତ୍ର ପୀଡ଼ିତାଙ୍କୁ ରଖି ତାଙ୍କ ସହିତ ଦୁଷ୍କର୍ମ କରିଥିଲା । କୌଶଳକ୍ରମେ ପୀଡ଼ିତା ଖସିଯାଇ ଘରେ ଘଟଣା ସଂପର୍କରେ ଜଣାଇବା ପରେ ପରିବାର ଲୋକେ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ଚୁପ ବସିଥିବା ବେଳେ ଦୁଷ୍କର୍ମକାରୀ ଦିପ୍ତିରଞ୍ଜନ ଓ ବାପା ବିଜୟ କୁମାର ପରିଡ଼ା ଫେରାର ଅଛନ୍ତି । ପୁଲିସ ନିଜ ହେପାଜତରେ ନାବାଳିକାକୁ ନୟାଗଡ଼ ଶିଶୁ ସୁରକ୍ଷା ବିଭାଗରେ ହାଜର କରିବା ପରେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ଼ କରାଯାଇଛି । ଏହାପରେ ପୁଲିସ ଏକ ସାଦା କାଗଜରେ ପୀଡ଼ିତାଙ୍କ ବାପା-ମାଆଙ୍କ ଠାରୁ ଦସ୍ତଖତ ନେଇଥିଲା । ପୁଲିସ ସାଦା କାଗଜରେ ଦସ୍ତଖତ ନେବାପଛର ରହସ୍ୟ କ'ଣ ବୋଲି ପୀଡ଼ିତାଙ୍କ ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି । ସେତିକି ନୁହଁ ପୁଲିସ ପୀଡ଼ିତାଙ୍କ ଘରେ ପହଞ୍ଚି ଓଲଟା ଘର ଯାଞ୍ଚକରି ବିଭିନ୍ନ ବିଭ୍ରାନ୍ତିକର ପ୍ରଶ୍ନ ପଚାରିଥିଲେ । ପୁଲିସର ଏଭଳି ଅରାଜକତାକୁ ନେଇ ସାଧାରଣରେ ଆଲୋଚନା ଯୋର ଧରିଥିବାବେଳେ ପୀଡ଼ିତା ନ୍ୟାୟ ପାଇବେ କିନାହିଁ ତାକୁନେଇ ଆଶଙ୍କା ସୃଷ୍ଟି ହୋଇଛି । ଏପଟେ ଦୁଷ୍କର୍ମକାରୀ ଫେରାର ଥିବା କହି ପୁଲିସ ନିଜ ମୁଣ୍ଡରୁ ଦୋଷ ଖସେଇବାକୁ ଉଦ୍ୟମ କରିଛି । ପୀଡ଼ିତା ଓ ତାଙ୍କ ପରିବାରକୁ ନ୍ୟାୟ ମିଳୁଛି କି ପୁଲିସ ରଫାଦଫା କରି କେସ ଚାପିବାକୁ ଚେଷ୍ଟାକରୁଛି ତାହା ଦେଖିବାକୁ ବାକିରହିଛି ।

## ମା' ଲଙ୍କେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପରିଚୟପତ୍ର ବଣ୍ଟନ

**ବଳଙ୍ଗା,୧।୨/ଏନ୍ଏନ୍ଏସ୍:** ବଳଙ୍ଗା ଗ୍ରାମରେ ଥିବା ପତିତପାବନ ମନ୍ଦିର ପ୍ରାଙ୍ଗଣରେ ମା' ଲଙ୍କେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚର ପରିଚୟପତ୍ର ବଣ୍ଟନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାଗରିକ ମଞ୍ଚର ସ୍ଥାୟୀ ସଭାପତି ଶଙ୍କର ବିଶ୍ୱାଳଙ୍କ ପୌରୋହିତରେ ମୁଖ୍ୟ ଅତିଥି ଭାବେ ବଳଙ୍ଗା ଥାନାର ଏସ ଆଇ ସସ୍ମିତା ବେହେରା, ମୁଖ୍ୟ ବକ୍ତା ଭାବେ ଶାଇଁସଶାସନ ପଞ୍ଚାୟତ ସରପଞ୍ଚ ତଥା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ ସମାଜସେବୀ ରତ୍ନାକର ଆଚାର୍ଯ୍ୟ ଯୋଗଦେଇଥିଲେ । ବକ୍ତାମାନେ ସମାଜରେ ବରିଷ୍ଠ ନାଗରିକମାନଙ୍କୁ ରାଜ୍ୟ ସରକାରଙ୍କ




ସାହାଯ୍ୟ ଓ ସହଯୋଗ ବିଷୟରେ ବିଶଦ ଭାବରେ ଆଲୋଚନା କରିଥିଲେ । ଏଥିରେ ନୂତନ ଭାବେ ୩୨ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା । ଏହି ଉତ୍ସବରେ ନାଗରିକ ମଞ୍ଚର ସାଧାରଣ ସଂପାଦକ ବାବାଜୀ ଦେଓ, ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା, କୋଷାଧ୍ୟକ୍ଷ ସୁଧାଂଶୁ ମୋହନ ଲେଙ୍କା, ବାନାମ୍ବର ବେହେରା, ଗୋବିନ୍ଦ ଚନ୍ଦ୍ର ମିଶ୍ର, ଜୟନାରାୟଣ ଦାଶ, ସଗନ ବିହାରୀ ଦାଶ ପ୍ରଭୃତି ସଦସ୍ୟମାନେ ସହଯୋଗ କରିଥିଲେ ।

## ମହାଦେବ ଶ୍ରୀଲୋକନାଥଙ୍କ ପଦ୍ମବେଶ

**ପୁରୀ,୧।୨/ଏନ୍ଏନ୍ଏସ୍:** ମାଘ ପୂର୍ଣ୍ଣିମା ଓ ଅଗ୍ନି ଉତ୍ସବ ଅବସରରେ ଦେବ ଦେବ ମହାଦେବ ଶ୍ରୀ ଲୋକନାଥ ଦେବଙ୍କ ପଦ୍ମବେଶ ଅନୁଷ୍ଠିତ ହୋଇଯାଇଛି । ପରମ୍ପରା ଅନୁସାରେ ରଥସାହି ବ୍ରାହ୍ମଣ ସମାଜ (ବାଡ) ପକ୍ଷରୁ ଶହ ଶହ ବର୍ଷ ଧରି ଏହି ପଦ୍ମବେଶ କରାଯାଉଛି । ଏହି ପଦ୍ମବେଶରେ ମହାପ୍ରଭୁଙ୍କୁ ସୋଲ, ଜରି, କଇଁଥ ଅଠାରେ ପ୍ରସ୍ତୁତ ପଦ୍ମ ପାଖୁଡା ଓ ଡାଳୀ ଲତା ଶିଳ୍ପୀ ତିଆରି କରିଥାଏ । ଶ୍ରୀଲୋକନାଥଙ୍କର ସେବକ ମାନେ ବେଶ ଆଧାତ୍ମିକ ପରିବେଶରେ ଏହି ପଦ୍ମବେଶରେ ମହାଦେବଙ୍କୁ ବିଭୂଷିତ କରାଇଥାନ୍ତି । ଏହି ବେଶରେ ଥାଇ ମହାଦେବ ଶ୍ରୀଲୋକନାଥ ରାତ୍ର ଶୟନ ଯାଇଥାନ୍ତି । ସକାଳୁ ମଇଲମ ପୂର୍ବରୁ ମଙ୍ଗଳାଆରତୀରେ ଭକ୍ତ ମାନେ ପଦ୍ମବେଶ ଦର୍ଶନ କରିଥାନ୍ତି । ଏହି ପଦ୍ମବେଶ ରେ ଖିରୀ, ଅମାଲୁ, ଚୁଡାଘଷା ଆଦି ଭୋଗ ଲାଗିଥାଏ । ରଥସାହି ବ୍ରାହ୍ମଣ ସମାଜ (ବାଡ)ର ସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ ହିତବ୍ରତ ବାହିନୀପତି, ଉପସଭାପତି ରାମନାରାୟଣ ମହାପାତ୍ର, କୋଷାଧ୍ୟକ୍ଷ ରାମକୃଷ୍ଣ ପାଣି ବରିଷ୍ଠ ସଦସ୍ୟ ମନୋଜ କୁମାର ମିଶ୍ର, ଜଗନ୍ନାଥ ମିଶ୍ର, ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର, ଅକ୍ଷୟ ପଟ୍ଟ ଯୋଶୀ, ବ୍ରଜବନ୍ଧୁ କର, ସିଦ୍ଧବ୍ରତ ବାହିନୀପତି, ଶଶୀଭୂଷଣ ତ୍ରିପାଠୀ, ମଧୁସୂଦନ ମହାପାତ୍ର ସହ ସମସ୍ତ ସଦସ୍ୟବୃନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଗଡ଼ମାଣତିରରେ ହାତୀ ଉପଦ୍ରବ

**ବେଗୁନିଆ,୧।୨/ଏନ୍ଏନ୍ଏସ୍:** ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡମାଣତୀର ଏହାର ଆଖ ପାଖ ଅଞ୍ଚଳରେ ହାତୀ ଉପଦ୍ରବ ଜାରୀ ରହିଛି । ଦିନେ ନୁହେଁ କି ଓଳିଏ ନୁହେଁ ୬ ମାସ ହେବ ହଜ, କଲାରଝର, ମୁକ୍ତାପୁରୁ, ହୀରାପୁର, ବୋତଲମା, ଡ଼ୋଭା, ଗୌଡପାଟଣା, ଖୁଣ୍ଟବନ୍ଧ, ଅଠରାଙ୍ଗ, ଛିଆମ,କୋଚିଆଖାଳ,ଲୋକିପୁରୁ, ପରିଛଳ, ବାଦବାରବାଟି, ଛତ୍ରପଡ଼ା, ପ୍ରଭୃତି ଗ୍ରାମରେ ହାତୀର ଉତ୍ପାତ ଜାରୀ ରହିଛି । ହାତୀ ଉପଦ୍ରବରୁ ଧନ ସମ୍ପତ୍ତି ରକ୍ଷା କରିବା ଉଦ୍ଦେଶ୍ୟରେ ବନବିଭାଗ କର୍ମଚାରୀ ବିଭିନ୍ନ ଅଞ୍ଚଳରେ ପଇଁତରା ମାରୁଛନ୍ତି । କିନ୍ତୁ ହାତୀ ଜଙ୍ଗଲକୁ ଫେରିବାକୁ ନା ଧରୁନାହାଁନ୍ତି । ହାତୀ ଗ୍ରାମଭିମୁଖି ହେଉଛନ୍ତି । ଶୁକ୍ରବାର ରାତି ୪ଟା ୪୦ ମିନିଟରେ ଗଡମାଣତିର ଗ୍ରାମର ପୁରସ୍ତମ ବଳବନ୍ତରାୟ ଙ୍କ ପାଞ୍ଚ ବସ୍ତା ଧାନ କୃଷ୍ଣଚନ୍ଦ୍ର ଗଜେନ୍ଦ୍ର ବାଡି କିଛି ଧାନ ଓ ଏକ ବସ୍ତା କୁଣ୍ଡା ହଟ ଛୁଆଲସିଂହ ବାଡ଼ିରେ ଥିବା ୩୦ ରୁ ଅଧିକ କଦଳୀ ଗଛ ଖାଇ ନଷ୍ଟ କରିଛନ୍ତି । ଏଣୁ ତୁରନ୍ତ ହାତୀ ପଲଙ୍କୁ ଘଉଡାଇବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ଜାହାନିଆଁ ସମୁଦ୍ରକୂଳରୁ କୁମ୍ଭୀର ଉଦ୍ଧାର

**ଅସ୍ତରଙ୍ଗ,୧।୨/ଏନ୍ଏନ୍ଏସ୍:** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ପୀର୍ ଜାହାନିଆଁ ପର୍ଯ୍ୟଟନ ସ୍ଥଳ ସମୁଦ୍ର କୂଳ ରେ ଶନିବାର ଦେଖାଦେଇଥିବା କୁମ୍ଭୀରକୁ ରବିବାର ଦିନ ପୂର୍ବାହ୍ନ ୧୧ ଟା ସମୟରେ ଉଦ୍ଧାର କରାଯାଇଛି । ସୂଚନା ଯୋଗ୍ୟ କି ପୀର୍ ଜାହାନିଆଁ ପର୍ଯ୍ୟଟନସ୍ଥଳ ଶୀତ ଆରମ୍ଭ ନଭେମ୍ବର ମାସ ଦେଖିବାକୁ ମିଳିଥିଲା ଏକ କୁମ୍ଭୀର । ଲୋକଙ୍କୁ ଦେଖି ପୁଣି ସମୁଦ୍ରକୁ



ଚାଲିଯାଇଥିଲା । ପୁନର୍ବାର ଗତ ଶନିବାର ଦିନ ପ୍ରାୟ ୧୦ ଫୁଟର ଏକ କୁମ୍ଭୀର ସମୁଦ୍ର କୂଳରେ ଦେଖିବାକୁ ମିଳିଥିଲା । ପୁନର୍ବାର କୁମ୍ଭୀର ଦେଖି ସ୍ଥାନୀୟ ଜନସାଧାରଣ ମନରେ ଭୟ ସୃଷ୍ଟି ହୋଇଥିଲା । କୁମ୍ଭୀରଟି ଉପରେ ପଡିରହୁଥିଲା ସମୁଦ୍ର କୁ ଯାଉନଥିବା ଯାହା ଜଣାପଡିଥିଲା । କୁମ୍ଭୀରଟି ଜାହାନିଆଁ ସମୁଦ୍ର କୂଳ ରୁ ଗଙ୍ଗାଦେବୀ ପର୍ଯ୍ୟନ୍ତ ପ୍ରାୟ ଚାରି କିଲୋମିଟର ପର୍ଯ୍ୟନ୍ତ ଚାଲିଯାଇଥିଲା । ବନ ବିଭାଗ ପକ୍ଷରୁ ବନପାଳ ମାନସ ରଞ୍ଜନ ବେହେରାଙ୍କ ନେତୃତ୍ୱ ରେ ଏକ ଟିମ୍ କୁମ୍ଭୀର ଉପରେ ନଜର ରଖିଥିଲେ । ଆଜି ରାଜନଗରରୁ ଏକ କୁମ୍ଭୀର ଧରାଳି ଦଳ ଓ ସ୍ଥାନୀୟ ବନ କର୍ମଚାରୀଙ୍କ ସହାୟତାରେ ଜାଲ ଦ୍ୱାରା ଧରି ରାଜନଗରର ଭିତରକନିକାରେ ଛଡ଼ାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

## ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

**ମୁଣ୍ଡମୁହାଣ,୧।୨/ଏନ୍ଏନ୍ଏସ୍:** ଜନୈକା ମହିଳା ଛାତ ଉପରେ ଲୁଗା ଶୁଖାଉଥିବା ବେଳେ ଅସ୍ୱାଭାବିକ ଭାବରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ଜଟଣୀ ବ୍ଲକ ପଞ୍ଚୁପଲି ପଞ୍ଚାୟତ ବ୍ରହ୍ମକୁଣ୍ଡଳ ଗ୍ରାମର ରଞ୍ଜୁକ୍ତା ଜେନା(୭୦) ସବୁଦିନ ପରି ଆଜି ସକାଳୁ ପୋଖରୀରେ ଗାଧେଇ ଠାକୁର ପୂଜାକରି ଓଦା ଲୁଗା ଛାତ ଉପରକୁ ଶୁଖାଇବାକୁ ଯାଇଥିଲେ । ସେଠାରେ ହଠାତ୍ କରି ଟଳି ପଡ଼ିଥିଲେ । ସଙ୍ଗେ ସଙ୍ଗେ ପରିବାର ଲୋକ କ୍ୟାପିଟାଲ ହସ୍ପିଟାଲକୁ ନେଇଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମହିଳାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## କ୍ଲଷ୍ଟର୍‌ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

**ଖୋର୍ଦ୍ଧା,୧।୨/ଏନ୍ଏନ୍ଏସ୍:** ଖୋର୍ଦ୍ଧା ବ୍ଲକ ବାଜପୁର ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗତ ବୁଧବାର ଓ ଗୁରୁବାର ୨ ଦିନ ଧରି କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ୨୦୨୫ - ୨୬ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଭାବରେ ଶ୍ରୀ ସନ୍ତୋଷ କୁମାର ସାହୁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ରଙ୍କ ସଭାପତିତ୍ୱରେ ଦୁଇ ଦିନ ଧରି ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଶ୍ରୀମତୀ ମହାପାତ୍ର ଏହି କର୍ମଶାଳାର ଗୁରୁତ୍ୱ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । କ୍ଲଷ୍ଟର୍‌ର ୧୨ଟି ବିଦ୍ୟାଳୟରୁ ୩୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ସାଧନ କର୍ମୀ ୫ଜଣ ଆଦି ଅଂଶଗ୍ରହଣ କରିଥିଲେ । ଯେଉଁ ମାନଙ୍କର ମିଳିତ ସହଯୋଗରେ ୪୦ରୁ ଉର୍ଦ୍ଧ୍ୱ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ହୋଇଥିଲା । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ସାହୁ ଏହି ସାମଗ୍ରୀ ଗୁଡିକର କାର୍ଯ୍ୟକାରିତା ସମ୍ପର୍କରେ ଶିକ୍ଷକମାନଙ୍କଠାରୁ ପଚାରି ବୁଝିବା ସହିତ ଏହି ସାମଗ୍ରୀ ଗୁଡିକ କିପରି କୁନି କୁନି ପିଲାମାନଙ୍କୁ ଆକୃଷ୍ଟ କରିପାରିବ ଓ ଶିକ୍ଷାଦାନ କ୍ଷେତ୍ରରେ ଏହାର ଆବଶ୍ୟକତାକୁ ବୁଝାଇଥିଲେ । ଶେଷରେ କ୍ଲଷ୍ଟରର ସିଆରଜି ସୁଜାତା ପ୍ରିୟମ୍ବଦା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଏହି କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲେ ।

## ପୁରୀରେ ପ୍ରଥମ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍

**ପୁରୀ,୧।୨/ଏନ୍ଏନ୍ଏସ୍:** ଆଜି ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ପ୍ରଥମ ପାରା ଆଥଲେଟିକ୍ସ ଚାମ୍ପିଅନ୍‌ଶିପ୍‌ର ଆୟୋଜନ କରାଯାଇଥିଲା । ଏହାକୁ ଉଦଘାଟନ କରି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଦିବ୍ୟାଙ୍ଗ ମାନେ ଆମ ସମାଜର ଏକ ଅଙ୍ଗ । ସେମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଭରି ରହିଛି । ସେହି ପ୍ରତିଭା ର ବିକାଶ ସମାଜ ପାଇଁ ସମ୍ବଳ ସୃଷ୍ଟି କରି ପାରିବ । ପ୍ରଥମ ଥର ପାଇଁ ପୁରୀ ରେ ପାରା ଆଥଲେଟିକ ର ଆୟୋଜନ ଏକ ସୁନ୍ଦର ପଦକ୍ଷେପ । ଏହି ଆଥଲେଟ ମାନଙ୍କୁ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ପୁରୀ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡା ସଂସଦର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗ ଙ୍କ ପ୍ରତିଭା, ସେମାନଙ୍କ ପ୍ରତି ରହିଥିବା ସରକାରୀ ବ୍ୟବସ୍ଥା, କ୍ରୀଡା କ୍ଷେତ୍ରରେ ସେମାନଙ୍କୁ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ । ପାରା



ଆଥଲେଟିକ୍ସ ର ରାଜ୍ୟ ସଭାପତି କମଳାକାନ୍ତ ରଥ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଗଜଲକ୍ଷ୍ମୀ ରାୟ, ପାରା ଆଥଲେଟ ଇଣ୍ଡିଆ ର କୋଷାଧ୍ୟକ୍ଷ ସୁନିଲ କୁମାର ପରିଡା, ପ୍ରଶିକ୍ଷକ ବିଷ୍ଣୁ ପ୍ରସାଦ ମିଶ୍ର, ପାରା କ୍ରୀଡାବିତ ଜୟନ୍ତୀ ବେହେରା, ମାର୍କଣ୍ଡ ରେଡ଼ି, କମଳାକାନ୍ତ ନାୟକ ପ୍ରମୁଖ ଯୋଗ ଦେଇ ଥିଲେ । ପରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ଆଜିର ଇତିହାସ

- ୧୫୦୯-ଭାରତରେ ଗୋଆ, ଡାମନ୍ ଓ ଡିୟୁ ପାର୍ଶ୍ୱରେ ପର୍ତ୍ତୁଗାଲ୍ ଓ ତୁର୍କୀ ମଧ୍ୟରେ ଯୁଦ୍ଧ ହୋଇଥିଲା।
- ୧୮୬୨-ଶମ୍ଭୁନାଥ ପଣ୍ଡିତ କଲିକତା ଉଚ୍ଚ ନ୍ୟାୟାଳୟର ପ୍ରଥମ ନ୍ୟାୟାଧୀଶ ହୋଇଥିଲେ।
- ୧୮୮୯-ଗାନ୍ଧିବାଦୀ ସଂଗ୍ରାମୀ ରାଜକୁମାରୀ ଅମୃତ କୌର ଜନ୍ମଗ୍ରହଣ କରିଥିଲେ।
- ୧୯୫୨-ଭାରତ, ମାଡ୍ରାସ୍ ଠାରେ ପ୍ରଥମ ଟେଷ୍ଟ କ୍ରିକେଟ୍ ଜିତିଥିଲା।
- ୧୯୫୩-ଅଖିଳ ଭାରତୀୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ଗଠନ ହୋଇଥିଲା।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ**: ଆର୍ଥିକ ଭାବରେ ଦିନଟି ଉତ୍ତମ। ନିକଟ ବନ୍ଧୁଙ୍କ ସାହାଯ୍ୟରେ କିଛି ବ୍ୟାପାରୀ ଧନ ଲାଭ କରିବେ। ସନ୍ଧ୍ୟା ସମୟରେ ଶୁଭ ସମାଚାର ପାଇବେ। ରଚନାତ୍ମକ କ୍ଷେତ୍ରର ଲୋକମାନେ ସଫଳତା ପ୍ରାପ୍ତ କରିବେ।

**ବୃଷ**: ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତୁ ନାହିଁ। ପ୍ରୋଜେକ୍ଟରୁ ସଫଳତା ପାଇବେ। ରୋମାଣ୍ଟିକ ଜୀବନ ଖୁବ୍ ରହିବ। ପରିବାରର ସଦସ୍ୟଙ୍କ ସହିତ ଖୁବ୍ ଭଲ ସମୟ ବିତେଇବେ। କଲିଗ୍ କାମକୁ ପ୍ରଶଂସା କରିବେ।

**ମିଥୁନ**: ଖାଦ୍ୟପେୟ ପ୍ରତି ଅବହେଳା କରନ୍ତୁ ନାହିଁ। କୌଣସି ପେଣ୍ଡିଂ ପେମେଣ୍ଟ କରିପାରନ୍ତି। ଆର୍ଥିକ ଲାଭ ଯୋଗୁ ଧନର ସ୍ଥିତିରେ ସୁଧାର ହେବ। ଘରକୁ ଅତିଥିଙ୍କ ଆଗମନ ହୋଇପାରେ।

**କର୍କଟ**: କରଜ ଶୁଝିବାରେ ସଫଳ ହେବେ। କାର୍ଯ୍ୟସ୍ଥଳରେ ନୂଆ ଭୂମିକା ଗ୍ରହଣ କରିବେ। ଉଚ୍ଚ ଅଧିକାରୀଙ୍କ ସହଯୋଗ ପାଇବେ। ପରିବାରକୁ ସମୟ ଦେବେ। ବାଣୀ ଉପରେ ସଂଯମ ରଖନ୍ତୁ।

**ସିଂହ**: ଗର୍ଭବତୀ ମହିଳାମାନେ ଖାସ୍ ଧ୍ୟାନ ଦେବେ। କାରୋବାରୀ ସ୍ଥିତି ମଜଭୁତ ରହିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ବିବାହିତ ଲୋକମାନଙ୍କ ପ୍ରେମ ଜୀବନ ଶାନ୍ଦାର ରହିବ।

**କନ୍ୟା**: ମନ ଆଜି ପ୍ରସନ୍ନ ରହିବ। ଶୈକ୍ଷିକ କାମରେ ସଫଳତା ମିଳିବ। ସନ୍ତାନ ତରଫରୁ ସୁଖଦ ସମାଚାର ପାଇବେ। ମାତାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଅତିବାଦୀ ନହେଲେ ଭଲ। ଆର୍ଥିକ ଲାଭ ହୋଇପାରେ।

**ତୁଳା**: ଶାରୀରିକ ଭାବରେ ଫିଟ୍ ରହିବା ପାଇଁ ବ୍ୟାୟାମ କରନ୍ତୁ। ନିବେଶର ଅବସର ପାଇବେ। ଧନର ସ୍ଥିତିରେ ସୁଧାର ହେବ। ନୂଆ ଗ୍ରାହକମାନଙ୍କ ପାଇଁ ଶାନ୍ଦାର ଦିନଟିଏ। ଯାତ୍ରା ଲାଭକାରୀ ରହିବ।

**ବିଛା**: ମନରେ ଶାନ୍ତି ଓ ପ୍ରସନ୍ନ ଭାବ ରହିବ। ଆତ୍ମବିଶ୍ୱାସରେ ଭରି ରହିବେ। ପରିବାରରେ ସୁଖ-ଶାନ୍ତି ରହିବ। ସୁଖଦ ସମାଚାର ମିଳିପାରେ। ଆୟ ବୃଦ୍ଧି ହେବ। ଭୂମି, ବାହନ କିଣିବା ସମ୍ଭବ।

**ଧନୁ**: ଆଜି ମଉଜ-ମସ୍ତି କରିବେ। ଧନ ଲାଭର ସମ୍ଭାବନା ରହିଛି। ବ୍ୟାପାରୀ ବ୍ୟବସାୟର ବିସ୍ତାର କରିପାରନ୍ତି। ଜୀବନସାଥି ଆବଶ୍ୟକତା ପୂରଣ କରିବେ। ପରିବାର ସହିତ ଧାର୍ମିକ ଯାତ୍ରା ସମ୍ଭବ।

**ମକର**: ଆତ୍ମବିଶ୍ୱାସରେ ବୃଦ୍ଧି ହେବ। ଅଧିକ ବ୍ୟୟ ହେବା ଯୋଗୁ ମନ ଚିନ୍ତିତ ରହିବ। ମାତାଙ୍କ ସ୍ୱାସ୍ଥ୍ୟରେ ସୁଧାର ହେବ। କୌଣସି ମିତ୍ରଙ୍କ ସହଯୋଗରେ ପରିବର୍ତ୍ତନ ଆସିବ। ଯାତ୍ରାରୁ ଲାଭ ମିଳିପାରେ।

**କୁମ୍ଭ**: ଆଜି ପ୍ରେମ ଓ ସନ୍ତାନରୁ ଲାଭ ମିଳିବ। ଜୀବନସାଥିଙ୍କ ସହଯୋଗ ପାଇବେ। କାମରେ ସିନିୟର୍ସଙ୍କ ସହଯୋଗ ମିଳିବ। ନୂଆ କାମର ଆରମ୍ଭ ସମ୍ଭବ। ସମ୍ପର୍କୀୟଙ୍କ କାରଣରୁ ମାନସିକ ଚାପ ମିଳିପାରେ।

**ମୀନ**: ଜୀବନସାଥିଙ୍କ ସହିତ ଯୁକ୍ତିତର୍କ ନକଲେ ଭଲ। ସମ୍ପର୍କରେ ଫାଟ ସୃଷ୍ଟି ହେବ। ଭବିଷ୍ୟତ ପାଇଁ ସଞ୍ଚୟ କରିବେ। ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟିକ ଦୃଷ୍ଟିରୁ ଦିନଟି ଉତ୍ତମ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଗୁଣାନେତାନତୀତ୍ୟ ତ୍ରୀନ୍ ଦେହୀ ଦେହସମୁଦ୍‌ଭବାନ୍।
ଜନ୍ମମୃତ୍ୟୁଜରାଦୁଃଖୈର୍ବିମୁକ୍ତୋମୃତମଶ୍ନୁତେ। (୧୪/୨୦)

ଜୀବାତ୍ମା ଦେହ ଉତ୍ପତ୍ତିର କାରଣ ସ୍ୱରୂପ ଏହି ତିନିଗୁଣକୁ ଅତିକ୍ରମ କରିପାରିଲେ ସେ ଜନ୍ମ-ମୃତ୍ୟୁ-ଜରା ଦୁଃଖରୁ ମୁକ୍ତ ହେବ ଏବଂ ଅମୃତତ୍ତ୍ୱ ବା ମୋକ୍ଷ ଲାଭ କରିପାରିବ।
ଶ୍ରୀ ରାମକୃଷ୍ଣ କହନ୍ତି - ଦେହର ଜନ୍ମ ଓ ମୃତ୍ୟୁ ରହିଛି। କିନ୍ତୁ ଆତ୍ମା ଏସବୁ ବିକୃତି ଓ ପରିବର୍ତ୍ତନରୁ ମୁକ୍ତ। ଏହା ଖୋଳ ବା ଚୋପା ଭିତରେ ଗୁଆ ରହିବା ଭଳି। ଗୁଆ ଯେତେବେଳେ ଖୁବ୍ କଞ୍ଚା ଥାଏ, ସେତେବେଳେ ମଞ୍ଜି (ଗୁଆ) ଓ ଖୋଳ ପରସ୍ପରକୁ ଜାବୁଡ଼ି ଧରିଥାନ୍ତି। କିନ୍ତୁ ପାଚିଗଲା ପରେ ଗୁଆ ଖୋଳରୁ ଅଲଗା ହେଇଯାଏ। ବ୍ରହ୍ମଜ୍ଞାନ ପ୍ରାପ୍ତି ପରେ ଦେହ-ଜ୍ଞାନ ଝଡ଼ିପଡେ ବା ଚାଲିଯାଏ।

# ଆରବ ସାଗରର ଆଇବ୍ରୋ



କେନ୍ଦ୍ରଶାସିତ ପ୍ରଦେଶ ପୁଡୁଚେରୀରେ ସ୍ଥିତ ମାହେ ସହରକୁ ଆରବ ସାଗରର ଆଇବ୍ରୋ ବୋଲି କୁହାଯାଏ। ମାହେ ବଡ଼ ସହର ପରି ପ୍ରସିଦ୍ଧ ନହେଲେ ମଧ୍ୟ ନାମ ଓ ସ୍ଥାନ କାରଣରୁ ଏହାର ରହିଛି ବିଶେଷ ମହତ୍ତ୍ୱ। ମାହେ ସହିତ ସମ୍ବନ୍ଧିତ ଅଭିଲେଖାଗୁଡ଼ିକରେ ଏହି ଉପାଧି ବିଷୟରେ ଆଧିକାରିକ ଭାବରେ ଉଲ୍ଲେଖ ରହିଛି ଓ ଏହା ସାଂସ୍କୃତିକ ଓ ଭୌଗୋଳିକ ପରିଚୟକୁ ମଧ୍ୟ ଦର୍ଶାଉଛି। ମାଲାୟାଲମ୍ ଭାଷାରେ ମାହେକୁ କୁହାଯାଏ ମୟାଝୀ। ମୟାର ଅର୍ଥ ଆଇବ୍ରୋ ଓ ଆଝୀର ଅର୍ଥ ସମୁଦ୍ର ବା ସମୁଦ୍ରର ମୁହାଣ। ଏଥିପାଇଁ ମୟାଝୀର ଶାବ୍ଦିକ ଅର୍ଥ ସମୁଦ୍ରର ଆଇବ୍ରୋ। ଭୌଗୋଳିକ ଦୃଷ୍ଟିରୁ ମାହେ ଆରବ ସାଗର କୂଳରେ ଅବସ୍ଥିତ। ତଟରେଖାରେ ଏହାର ଆକୃତି, ସ୍ଥିତି କାରଣରୁ ଓ କାବ୍ୟାତ୍ମକ ଭାବରେ ମାହେକୁ ଆରବ ସାଗରର ଆଇବ୍ରୋ ବୋଲି କୁହାଯାଏ। ପୁଡୁଚେରୀର ବାକି ଅଂଶ ଭଳି ମାହେ ମଧ୍ୟ ଫ୍ରାନ୍ସିସୀ ଶାସନର ଅଧୀନ ଥିଲା। ଏହି କ୍ଷେତ୍ର ଉପରେ ଫ୍ରାନ୍ସିସୀମାନେ ୧୭୨୦-୧୯୫୪ ପର୍ଯ୍ୟନ୍ତ ଶାସନ କରିଥିଲେ। ଆଜି ମଧ୍ୟ ମାହେର ପୁରୁଣା ଅଟ୍ଟାଳିକା, ସଡ଼କର ଲେଆଉଟ୍ ଓ ନଗର ନିୟୋଜନ ଶୈଳୀରେ ଫ୍ରାନ୍ସର ପ୍ରଭାବ ଦେଖିବାକୁ ମିଳୁଛି। ଏପରିକି ଜଣେ ଫ୍ରାନ୍ସିସୀ ଗଭର୍ଣ୍ଣରଙ୍କ ନାମରେ ମାହେର ନାମ ରଖାଯାଇଛି। ଏହି ଔପନିବେଶିକ ଅତୀତ କାରଣରୁ ଜିଲ୍ଲାରେ ଭାରତୀୟ ଓ ୟୁରୋପୀୟ ସଂସ୍କୃତିର ଅନୋଖା ମିଶ୍ରଣ ଆଜି ବି ଦେଖିବାକୁ ମିଳୁଛି। ଏହା ସହିତ ମାହେ ନାମରେ ରହିଛି ଏକ ଖାସ୍ ରେକର୍ଡ। ମାହେ ହେଉଛି ଦେଶର ସବୁଠାରୁ ଛୋଟ ଜିଲ୍ଲା ଯାହାର କ୍ଷେତ୍ରଫଳ ମାତ୍ର ୯ ବର୍ଗ କି.ମି ଯାହା ସମ୍ପୂର୍ଣ୍ଣ ଭାବରେ କେରଳ ଦ୍ୱାରା ଘେରି ରହିଛି। ଛୋଟ ହେଲେ ମଧ୍ୟ ମାହେର ରହିଛି ଏକ ମଜବୁତ ପରିଚୟ, ସମୃଦ୍ଧ ଇତିହାସ ଓ ଏପରି ଏକ ନାମ ଯାହା ଶହ ଶହ ଭାରତୀୟ ଜିଲ୍ଲାଙ୍କ ମଧ୍ୟରେ ମାହେକୁ ଦେଇଛି ଏକ ଭିନ୍ନ ପରିଚୟ।

# ରାଶାଙ୍କ ତେଲୁଗୁ ଡେବ୍ୟୁ



ଅମନ ଦେବଗନଙ୍କ ସହିତ ଫିଲ୍ମ 'ଆଜାଦ୍' କରିବା ପରେ ରାଶା ଥଡାନୀ ଦକ୍ଷିଣ ଭାରତୀୟ ଫିଲ୍ମରେ ପ୍ରବେଶ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଫିଲ୍ମ 'ଶ୍ରୀନିବାସ ମଙ୍ଗପୁରମ୍' ଜରିଆରେ ସେ ତେଲୁଗୁ ସିନେମାରେ ପ୍ରବେଶ କରିବେ। ଅଜୟ ଭୂପତିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଆକ୍ସନ୍-ରୋମାନ୍ସ ଫିଲ୍ମଟିରେ ରାଶା, ମହେଶ ବାବୁଙ୍କ ପୁତୁରା ଜୟା କ୍ରିଷ୍ଣ ଘଟ୍ଟାମନେନୀଙ୍କ ସହିତ ନଜର ଆସିବେ। ସୋସିଆଲ୍ ମିଡିଆରେ ଏହି ପ୍ରୋଜେକ୍ଟ ବିଷୟରେ ଘୋଷଣା କରି ରାଶା ନିଜର ଉତ୍ସୁକତା ବିଷୟରେ ଜଣାଇ କ୍ୟାପସନ୍‌ରେ ଲେଖିଛନ୍ତି - 'ବହୁତ ଅଧିକ ଆଭାର ଓ ଆଶାରେ ଭରି ରହିଥିବା ହୃଦୟ ସହିତ ମୁଁ ତେଲୁଗୁ ସିନେମାରେ ମୋର ପ୍ରଥମ ପାଦ ପକେଇବାକୁ ଯାଉଛି। ଏହା ଏପରି ଏକ ଦୁନିଆ ଯାହା ଭୂମି ସହିତ ଜଡ଼ିତ କାହାଣୀଗୁଡ଼ିକୁ ସେଲିବ୍ରେଟ୍ କରେ। ଏହି ଯାତ୍ରା ମୋତେ ବିନମ୍ରତା, ଧୈର୍ଯ୍ୟ ଓ ବିଶ୍ୱାସ ଶିଖାଇଛି।' ଏହା ସହିତ ରାଶା ତାଙ୍କର ପ୍ରଥମ ଲୁକ୍ ଜାରି କରିଛନ୍ତି ଯେଉଁଥିରେ ସେ ଏକ ସାଧାରଣ ପିଙ୍କ୍ ସାଲୱାର-କୁର୍ତ୍ତା, ଝୁମ୍‌କା ଓ ଚୁଡ଼ି ପିନ୍ଧିଥିବାର ନଜର ଆସୁଛନ୍ତି। ନିଜର ଭୂମିକା ସମ୍ପର୍କରେ କହିବା ସହିତ ନିର୍ଦ୍ଦେଶକ ଅଜୟ ଭୂପତି ଗାରୁଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି ରାଶା। ୱର୍କଫ୍ରଣ୍ଟ ଦୃଷ୍ଟିରୁ ରାଶା ବହୁତ ଶୀଘ୍ର ସିନେମାଘରେ ରିଲିଜ ହେବାକୁ ଥିବା ଫିଲ୍ମ 'ଲଇକା ଲଇକୀ'ରେ ଅଭୟ ବର୍ମାଙ୍କ ସହିତ ନଜର ଆସିବେ। ବିଗତ ବର୍ଷ 'ଆଜାଦ' ଫିଲ୍ମର ଗୀତ 'ଉଈ ଆମ୍ମା' ଜରିଆରେ ରାଶା ଦର୍ଶକମାନଙ୍କ ମଧ୍ୟରେ ଖୁବ୍ ପ୍ରସିଦ୍ଧି ହାସଲ କରିଥିଲେ। ଏହି ଗୀତଟି ୪୦୦ ମିଲିୟନ ଭିଉଜ୍ ଅତିକ୍ରମ କରିସାରିଛି। ଅଭିନୟ ବ୍ୟତୀତ ରାଶା 'ଛାପ୍ ତିଲକ' ସହିତ ଗାୟନ ଦୁନିଆରେ ଡେବ୍ୟୁ କରିଛନ୍ତି। ବିଜିନେସ୍ ମ୍ୟାନେଜମେଣ୍ଟ ସହିତ ମାର୍ଶାଲ୍ ଆର୍ଟସ୍‌ରେ ବ୍ଲାକ୍ ବେଲ୍ଟ ହାସଲ କରିଛନ୍ତି ରାଶା।

# ଆଫ୍ରିକା ଯୁବତୀଙ୍କ ବିଶ୍ୱ ରେକର୍ଡ



ଟ୍ରୁଫେନା ମୁଥୋନୀ କେନିଆର ୨୨ ବର୍ଷୀୟା ଜଣେ ପର୍ଯ୍ୟାବରଣ କାର୍ଯ୍ୟକର୍ତ୍ତା। ନିକଟରେ ଲଗାତର ୭୨ ଘଣ୍ଟା ପର୍ଯ୍ୟନ୍ତ ଗଛକୁ ଧରି ରଖି ସେ ସବୁଠାରୁ ଲମ୍ବା ମାରାଥନ୍ ଟ୍ରି-ହଗିଙ୍ଗ୍‌ର ଗିନିଜ ବିଶ୍ୱ ରେକର୍ଡରେ ନିଜ ନାମକୁ ସାମିଲ କରିଛନ୍ତି। ୮-୧୧ ଡିସେମ୍ବର ମଧ୍ୟରେ ଟ୍ରୁଫେନା ଏହି ଉପଲବ୍ଧି ହାସଲ କରିଛନ୍ତି। ନ୍ୟେରୀ ଗଭର୍ଣ୍ଣର କାର୍ଯ୍ୟାଳୟ ପରିସରରେ ୧୧ ଡିସେମ୍ବର ଦିନ ଦ୍ୱିପହର ୧୨.୨୫ରେ ସେ ଏହି ରେକର୍ଡ ପୂରା କରିଥିଲେ। ସ୍ୱଦେଶୀ ଗଛଗୁଡ଼ିକୁ ରକ୍ଷା କରିବା ପାଇଁ ସଚେତନତା ସୃଷ୍ଟି କରିବା ଓ ଆଦିବାସୀ ସମୁଦାୟଙ୍କ ଜ୍ଞାନକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଟ୍ରୁଫେନା ଏହି ଆହ୍ୱାନକୁ ସ୍ୱୀକାର କରିଥିଲେ। ତାଙ୍କ ଅନୁସାରେ ଜଳବାୟୁ ସଂକଟରୁ ରକ୍ଷା ପାଇବା ପାଇଁ ସ୍ୱଦେଶୀ ଜ୍ଞାନର ମୁଖ୍ୟ ଭୂମିକା ରହିଛି। ଗିନିଜ ବିଶ୍ୱ ରେକର୍ଡସ୍ କହିଛି ଯେ ଏହି ରେକର୍ଡର ଉଦ୍ଦେଶ୍ୟ ଲୋକମାନଙ୍କୁ ପ୍ରକୃତି ସହିତ ଯୋଡ଼ିବା ଯେପରି ପର୍ଯ୍ୟାବରଣ ସଂରକ୍ଷଣ କେବଳ ଏକ ଦାୟିତ୍ୱ ନହୋଇ ପାଗଳପଣ ହୋଇପାରିବ। ତେବେ ଦ୍ୱିତୀୟ ଥର ପାଇଁ ଟ୍ରୁଫେନାଙ୍କୁ ଟ୍ରି-ହଗିଙ୍ଗ୍ ମାରାଥନ୍ ପାଇଁ ମାନ୍ୟତା ମିଳିଛି। ଏହା ପୂର୍ବରୁ ସେ ନାଇରୋବିରେ ୩୧ ଜାନୁଆରୀରୁ ୨ ଫେବୃଆରୀ ପର୍ଯ୍ୟନ୍ତ ୪୮ ଘଣ୍ଟା ପର୍ଯ୍ୟନ୍ତ ଗଛକୁ ଧରି ରେକର୍ଡ କରିଥିଲେ। ଏହା ସହିତ ସେ ବିଗତ ରେକର୍ଡକୁ ପାଖାପାଖି ୨୪ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ପଛରେ ଛାଡ଼ି ଦେଇଥିଲେ। ଏହା ପୂର୍ବରୁ ଏହି ରେକର୍ଡ ଘାନାର ଅବଦୁଲ୍ ହକୀମ୍ ଅୱାଲଙ୍କ ନାମରେ ଥିଲା ଯିଏ ୨୪ ଘଣ୍ଟା ୨୧ ମିନିଟ୍ ୪ ସେକେଣ୍ଡ ପର୍ଯ୍ୟନ୍ତ ଗଛକୁ ଧରି ରଖିଥିଲେ। ମାନସିକ ଓ ଭାବନାତ୍ମକ ଲାଭଗୁଡ଼ିକୁ ଉଜାଗର କରିବା ପାଇଁ ଏହି ଆହ୍ୱାନକୁ ଆପଣାଇଥିଲେ ଟ୍ରୁଫେନା। ଏଥିପାଇଁ ତାଙ୍କୁ ପାଞ୍ଚ ମାସରୁ ଅଧିକ ସମୟ ପର୍ଯ୍ୟନ୍ତ ପ୍ରସ୍ତୁତି କରିବାକୁ ପଡ଼ିଥିଲା ଯେଉଁଥିରେ ୪୨ କି.ମି ପଦଯାତ୍ରା ଓ ୧୨ ଘଣ୍ଟା ପର୍ଯ୍ୟନ୍ତ ଗଛକୁ ଧରି ରଖିବାର ଅଭ୍ୟାସ ସାମିଲ ଥିଲା। ତେବେ ଟ୍ରୁଫେନାଙ୍କ ଏହି ରେକର୍ଡ ପରେ ସୋସିଆଲ୍ ମିଡିଆରେ ତାଙ୍କୁ ଶୁଭେଚ୍ଛା ଜଣାଇବାର ସୁଅ ଛୁଟି ଚାଲିଥିଲା। ଅନେକ ଲୋକ ଏହି ରେକର୍ଡକୁ ପର୍ଯ୍ୟାବରଣ ସଂରକ୍ଷଣ ପାଇଁ ପ୍ରେରଣାଦାୟକ ପଦକ୍ଷେପ ବୋଲି କହିଛନ୍ତି।

# ନାସାର ନୂଆ ମହାବଳୀ

ଏଥେନା- ସବୁଠାରୁ ଶକ୍ତିଶାଳୀ ଓ ଏକ ଆଧୁନିକ ସୁପରକମ୍ପ୍ୟୁଟର ଯାହାକୁ ନାସା ଦୁନିଆ ସମ୍ମୁଖରେ ପେଶ୍ କରିଛି। ଏହାକୁ ରଖାଯାଇଛି କାଲିଫର୍ଣ୍ଣିଆର ଏମ୍ସ ରିସର୍ଚ୍ଚ ସେଣ୍ଟର୍‌ରେ। ଏହି କମ୍ପ୍ୟୁଟର ବ୍ରହ୍ମାଣ୍ଡର ନକଲ କରିବ ଯେଉଁଥିରୁ ଆମେମାନେ ଅନ୍ତରୀକ୍ଷକୁ ଆହୁରି ଭଲ ଭାବରେ ବୁଝିପାରିବା। ଆର୍ଟିମିସ୍ ମୁନ୍ ମିଶନକୁ ସାହାଯ୍ୟ କରିବା ପାଇଁ ନାସା ଏହାକୁ ତିଆରି କରିଛି। ଅନ୍ତରୀକ୍ଷର ଅନ୍ୱେଷଣ ପାଇଁ ବହୁତଗୁଡ଼ିଏ କାଲକୁଲେସନ୍ ଓ ଡାଟାର ଆବଶ୍ୟକ ହୁଏ ଯେଉଁଗୁଡ଼ିକୁ ଏକ ମୁହୂର୍ତ୍ତ ମଧ୍ୟରେ ଏଥେନା କରିପାରିବ। ଆମେମାନେ ଆମର ଦୌଡ଼ର ଗତିକୁ କି.ମିରେ ମାପିଥାନ୍ତି କିନ୍ତୁ ଏହି ସୁପରକମ୍ପ୍ୟୁଟର୍‌ର ଗତିକୁ ପେଟାଫ୍ଲପ୍‌ରେ ମପାଯାଏ। ଗୋଟିଏ କମ୍ପ୍ୟୁଟର ଏକ ସେକେଣ୍ଡରେ କେତେ କାଲକୁଲେସନ୍ କରିପାରେ ତାହା ଏହି ସୁପରକମ୍ପ୍ୟୁଟର କହିପାରିବ। ଗୋଟିଏ ପେଟାଫ୍ଲପ୍‌ର ଅର୍ଥ ଏକ ସେକେଣ୍ଡରେ ୧ କ୍ୱାଡ୍ରିଲିୟନ୍ ଗଣନା କରିବା ଓ ଏଥେନାର ଶକ୍ତି ୨୦ ପେଟାଫ୍ଲପ୍‌ରୁ ବି ଅଧିକ। ଏହି ସୁପରକମ୍ପ୍ୟୁଟର ବହୁତ କମ୍ ବିଜୁଳି ଖର୍ଚ୍ଚ କରିଥାଏ। କମ୍ ଖର୍ଚ୍ଚରେ ଦିନ-ରାତି କାମ ମଧ୍ୟ କରେ। ଏହାର ଥଣ୍ଡା ରଖିବାର ଉପାୟ ବି ବହୁତ ଆଧୁନିକ ଯେଉଁ କାରଣରୁ ପର୍ଯ୍ୟାବରଣର କ୍ଷତି ମଧ୍ୟ ହୁଏ ନାହିଁ। ଅନ୍ତରୀକ୍ଷ ଯାନ ପଠାଇବା ପୂର୍ବରୁ ନାସା ଏହା ସାହାଯ୍ୟରେ ହଜାର ହଜାର ଥର ଷ୍ଟିମୁଲେସନ କରି ଦେଖିପାରିବ। ବର୍ତ୍ତମାନ ଏହି କମ୍ପ୍ୟୁଟର ବଡ଼ ଏଆଇ ମଡେଲ୍‌କୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରୁଛି ଯେଉଁ କାରଣରୁ ଅନ୍ତରୀକ୍ଷ ମିଶନଗୁଡ଼ିକୁ ଆହୁରି ସ୍ମାର୍ଟ କରାଇବା ସମ୍ଭବ ହୋଇପାରିବ।





# ଲିଜ୍‌ରେ କବର ଜମି



ସମୟ ସହିତ ବୃଦ୍ଧି ପାଉଛି ଜନସଂଖ୍ୟା। ଏହା ସହିତ ହ୍ରାସ ପାଉଛି କବର ଦେବା ପାଇଁ ଜମି। ଏହାକୁ ଦେଖିବା ପରେ ଈସାଇ ସମାଜ ଏହି ସମସ୍ୟାର ସମାଧାନ ଉପରେ ଆରମ୍ଭ କରିଦେଇଛି ଏହା ଉପରେ କାମ। ଏହି ସମସ୍ୟାକୁ ନେଇ ଅନେକ ବଡ଼ ଓ ଉତ୍କୃଷ୍ଟ ପଦକ୍ଷେପ ଉଠାଯାଉଛି ଆଗ୍ରା ଠାରେ। ଏବେ ମୃତକମାନଙ୍କ ପାଇଁ କୌଣସି ସ୍ଥାୟୀ କବର ଦିଆଯିବ ନାହିଁ। ସେମାନଙ୍କ ପରିବାରକୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କୌଣସି ସ୍ଥାନରେ କବର ଦେବା ପାଇଁ ଜମି ଦିଆଯିବ। ସ୍ଥିର ହୋଇଥିବା ସମୟ ପରେ ସେହି କବର ଉପରେ ମୃତକଙ୍କ ପରିବାରର ମାଲିକାନା ଅଧିକାର ଶେଷ ହୋଇଯିବ। ଆଗ୍ରାରେ କବରସ୍ଥାନ ପାଇଁ ଈସାଇ ସମାଜରେ ହେଉଥିବା ସମସ୍ୟାକୁ ନେଇ ଲଗାତର ଜମିର ଅଭାବକୁ ଦେଖିବା ପରେ ଆଗ୍ରା ଜଏଣ୍ଟ ସିମେଟ୍ରି ଏହା ଉପରେ କାମ ଆରମ୍ଭ କରିଦେଇଛି। ଏହି ପଦକ୍ଷେପ ଅନୁସାରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କବର ପାଇଁ ଜମିକୁ ଲିଜ୍‌ରେ ଦିଆଯିବ। ଏକ ବୈଠକର ଆୟୋଜନ ମଧ୍ୟ କରାଯିବ ଯେଉଁଥିରେ ଫ୍ୟାମିଲୀ ଗ୍ରୁପ୍ ଯୋଜନା ଉପରେ ମଧ୍ୟ ଚର୍ଚ୍ଚା ହେବ। ଏହା ଅନ୍ତର୍ଗତ ପରିବାରର ସବୁ ସଦସ୍ୟଙ୍କୁ ଗୋଟିଏ ସ୍ଥାନରେ ଲୋକମାନେ କବର ଦେବେ। ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁମାନଙ୍କୁ କବର ଦିଆଯାଉଥିଲା ସେମାନଙ୍କ କବରର ଉପର ଭାଗକୁ ପକ୍କା କରି ଏକ ନାମଫଳକ ରଖାଯାଉଥିଲା। ଏହି ଫଳକ ମୃତ ବ୍ୟକ୍ତିଙ୍କୁ ସ୍ମରଣ କରିବା ପାଇଁ ରଖାଯାଇଥାଏ। କିନ୍ତୁ ଏହି ପଦକ୍ଷେପ ପରେ ସେହି ଗୋଟିଏ ପଥରରେ ପ୍ରତି ମୃତ ବ୍ୟକ୍ତିଙ୍କ ନାମ ଖୋଦନ କରି ଲେଖାଯିବ। ଏହାପରେ ସେହି କବର ଉପରେ କୌଣସି ଜଣେ ବ୍ୟକ୍ତି ନିଜର ଅଧିକାର ସାବ୍ୟସ୍ତ କରିପାରିବ ନାହିଁ। ତେବେ ଆଗ୍ରାରେ ଈସାଇ ଧର୍ମର ଚାରୋଟି ପ୍ରମୁଖ କବରସ୍ଥାନ ରହିଛି।

# ଜାତୀୟ ହ୍ୟାଣ୍ଡବଲ୍ ଖେଳାଳି ସମ୍ବର୍ଦ୍ଧିତ

**ଭଦ୍ରକ,୧।୨/ଏନ୍ଏନ୍ଏସ୍:** ହ୍ୟାଣ୍ଡ ବଲ୍ କ୍ରୀଡ଼ାରେ ଜାତୀୟସ୍ତରର ଖେଳାଳିଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଭଦ୍ରକ ବାଗୁରାଇ ସ୍ଥିତ ପିଏମଶ୍ରୀ ବିନ୍ଦୁ ମାଧବ ବଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଦିବ୍ୟାଂଶୁ ସିଂଙ୍କୁ ବିଦ୍ୟାଳୟରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଏବଂ କ୍ରୀଡ଼ା ଶିକ୍ଷକ ତପନ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ କ୍ରୀଡ଼ା, ଯୁବ ବ୍ୟାପାର, ଭାଷା ସାହିତ୍ୟ ସଂସ୍କୃତି ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଅତିଥି ଭାବେ ଯୋଗ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦିବ୍ୟାଂଶୁ ୭ମ ଶ୍ରେଣୀର ଛାତ୍ର। ସେ ରାଜସ୍ଥାନରେ ଅନୁଷ୍ଠିତ ଜାତୀୟସ୍ତରର ହ୍ୟାଣ୍ଡବଲ୍ କ୍ରୀଡ଼ାରେ ଭାଗ ନେଇ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ତେଲକୋଇ,୧।୨/ଏନ୍ଏନ୍ଏସ୍:** ତେଲକୋଇ ବ୍ଲକ ଅନ୍ତର୍ଗତ କରମଙ୍ଗି ପଞ୍ଚାୟତରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୃଷ୍ଣପୁର ରେ ଶନିବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ ସଞ୍ଜୟ କୁମାର ଧଳ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଲିସା ମାଝୀ, ସମାଜସେବୀ ବିରଞ୍ଚି ବେହେରା ଓ ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ପାତ୍ର ଅନ୍ତର୍ଭୁକ୍ତ ଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ତେଲକୋଇ ପ୍ରେସ କ୍ଲବର ସଭାପତି ଚିନ୍ମୟ କୁମାର ସାହୁ ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବ ପାଳନ ବିଦ୍ୟାଳୟର ଏକ ସୁସ୍ଥ ପରମ୍ପରା। ପାଠ ପଢି ଚାକିରୀ ପଛରେ ନ ଗୋଡ଼ାଇ ଆତ୍ମନିର୍ଭରଶୀଳ ହୁଅନ୍ତୁ। ବର୍ତ୍ତମାନ ସମାଜରେ ଶିକ୍ଷାର ଭୂମିକା ତଥା ତାହାର ଲକ୍ଷ୍ୟ କିପରି ସାଧିତ ହେବା ଆବଶ୍ୟକ ଓ ଶିକ୍ଷାର ମହତ୍ତ୍ୱ ଉପରେ ଅତିଥିମାନେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବେଶ୍ ଉପଭୋଗ୍ୟ ହୋଇଥିଲା। ଖେଳକୁଦରେ ବରିଷ୍ଠ ବର୍ଗରେ ଚାମ୍ପିଅନ୍ ହୋଇଥିବା ଛାତ୍ରୀ ପ୍ରଜ୍ଞା ନାୟକ ଓ କନିଷ୍ଠ ବର୍ଗର ଚାମ୍ପିଅନ୍ଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶିକ୍ଷକ କୃଷ୍ଣଚନ୍ଦ୍ର ପାତ୍ର, ନିରଞ୍ଜନ ମିଶ୍ର, ତପନ କୁମାର ମହାନ୍ତ, ଶିକ୍ଷୟିତ୍ରୀ ସଲମା ମୁର୍ମୁ, ସାଗରିକା ନାଏକ ଓ ଲକ୍ଷ୍ମୀ ପ୍ରିୟା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଜାତୀୟସ୍ତରୀୟ ଦ୍ୱିବାରାତ୍ର ଗୋଶାଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ନିଲାମ୍ ପ୍ରକ୍ରିୟା ଶେଷ




**ବାରିପଦା,୧।୨/ଏନ୍ଏନ୍ଏସ୍:** ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀ ଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୨ୟ ବାର୍ଷିକ ଜାତୀୟସ୍ତରୀୟ ଦିବାରାତ୍ର ଗୋଶାଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୫ ତାରିଖରୁ ମାର୍ଚ୍ଚ ୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି ବୋଲି ଆୟୋଜନ କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ର ଜଣାଇଛନ୍ତି। ୧୦ଟି ଦଳକୁ ନେଇ ଅନୁଷ୍ଠିତ ହେବାକୁ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ନିଲାମୀ ପ୍ରକ୍ରିୟା ବାଲେଶ୍ୱର ସ୍ଥିତ ନସି ଇଣ୍ଟରନ୍ୟାସନାଲ୍ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଦଳରେ ଜଣେ ରାଜ୍ୟସ୍ତରୀୟ ଓ ଜଣେ ଜାତୀୟସ୍ତରୀୟ ଖେଳାଳି ରହିଛନ୍ତି ବୋଲି ସାଧାରଣ ସମ୍ପାଦକ ଗଦାଧର ନାୟକଙ୍କ ସୂତ୍ରରୁ ପ୍ରକାଶ। ଏହି ନିଲାମୀ ପ୍ରକ୍ରିୟାରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ମୋଟ ୧୮୦ ଜଣ ଖେଳାଳି ନାମ ପଞ୍ଜିକରଣ କରିଥିବାବେଳେ ଟୁର୍ଣ୍ଣାମେଣ୍ଟର ଦାମୀ ଖେଳାଳି ଭାବେ ହୀରକ ସିଂଙ୍କୁ ସର୍ବାଧିକ ୨୯ ହଜାର ୩ ଶହ ଟଙ୍କାରେ ଏଞ୍ଜେଲ ରଣା କ୍ରୟ କରିଥିବା ବେଳେ ଯଶୋବନ୍ତ ମାଝୀଙ୍କୁ ୧୯ ହଜାର ୮ ଶହରେ ରୁଦ୍ରାକ୍ଷ- ୧୧ ଓ ବିକି ମାହାନାଙ୍କୁ ୧୯ ହଜାର ୬ ଶହରେ ଦାନୀ- ୧୧ କ୍ରୟ କରିଛନ୍ତି ବୋଲି ସମ୍ପାଦକ ଲକ୍ଷ୍ମୀନାରାୟଣ ଦାସ ଜଣାଇଛନ୍ତି। ୧୦ଟି ଟିମ୍‌ର ମାଲିକ ବହୁ ଉତ୍ସାହର ସହ ଖେଳାଳି କ୍ରୟ କରୁଥିବାର ଲକ୍ଷ୍ୟ କରାଯାଇଥିଲା। ଚାମ୍ପିୟନ୍ ଦଳ ପାଇଁ ୨ ଲକ୍ଷ ୫୦ ହଜାର ଓ ରନର୍ସ ଅପ ଦଳ ପାଇଁ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଛି ବୋଲି ସଭାପତି ଶ୍ରୀ ମିଶ୍ର ଜଣାଇଛନ୍ତି।

# ପିକ୍‌ନିକ୍ ଯାଇଥିଲେ, ଘରକୁ ଫେରିଲା ଶବ

**ଯୋଡ଼ା,୧।୨/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଲୋହଣ୍ଡା ନିକଟରେ ରବିବାର ସନ୍ଧ୍ୟାରେ ଜଣେ ଯୁବକ ନିଜ ସାଙ୍ଗମାନଙ୍କ ସହ ପିକ୍‌ନିକ୍ ଯାଇଥିବାବେଳେ ସେଠାରୁ ପୁଲିସ ରକ୍ତାକ୍ତ ଅବସ୍ଥାରେ ତାଙ୍କ ମୃତଦେହ ଠାବ କରିଛି। ମୃତଙ୍କ ଜଣକ ହେଲେ ଯୋଡ଼ା ୬ ନମ୍ବର ୱାର୍ଡ ସ୍ଥିତ ବଡୁ ହୋଟିଂର ମିହିର ଦାସ (୨୫)। ସୂଚନାଯୋଗ୍ୟ ଯେ ମିହିର ରବିବାର ତାଙ୍କ ସହକର୍ମୀ ଏବଂ ବନ୍ଧୁଙ୍କ ସହ ପିକ୍‌ନିକ୍ ମନେଇବା ପାଇଁ ଲୋହଣ୍ଡାରେ ଥିବା ଏକ ଫାର୍ମ ହାଉସ୍‌କୁ ଯାଇଥିଲେ। ସନ୍ଧ୍ୟାରେ ସେଠାରୁ ତାଙ୍କର ମୃତ୍ ଶରୀର ମିଳିବା ପରେ ଯୋଡ଼ା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମିହିରଙ୍କ ମୃତ ଶରୀର କୁ ଯୋଡ଼ା ଟାଟା ମେଡିକାଲ୍‌କୁ ପଠାଇଛନ୍ତି। ଏହି ପରିପ୍ରେକ୍ଷୀରେ ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି ଯେ ପୁଲିସ ଏ ନେଇ ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ହିଁ ଏହା ଏକ ଦୁର୍ଘଟଣା ନା ହତ୍ୟାକାଣ୍ଡ ଜଣାପଡ଼ିବ।

# ସମ୍ପୂର୍ଣ୍ଣତା ୨.୦ କାର୍ଯ୍ୟକ୍ରମ ଶୁଭାରମ୍ଭ

**ତେଲକୋଇ,୧।୨/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସମ୍ପୂର୍ଣ୍ଣତା (ଆକାଂକ୍ଷା ସଚେତନତା) ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ନୀତି ଆୟୋଗ ପକ୍ଷରୁ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ମାଧ୍ୟମରେ ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ,ଶିକ୍ଷା,କୃଷି ତଥା ପ୍ରାଣୀ ସମ୍ପଦ କ୍ଷେତ୍ରରେ ଶତକଡ଼ା ଶତପ୍ରତିଶତ ସେବା ଯୋଗାଇ ଦେବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶିଶୁଙ୍କ ଅପପୁଷ୍ଟି ଦୂର, ଅଙ୍ଗନବାଡ଼ି କେନ୍ଦ୍ର ତଥା ସ୍କୁଲଗୁଡ଼ିକରେ ପାଇଖାନା ତଥା ପାନୀୟ ଜଳ ବ୍ୟବସ୍ଥା, ଶିଶୁ, କିଶୋରୀ ତଥା ପ୍ରସୂତିଙ୍କ ସ୍ୱାସ୍ଥ୍ୟର ବିକାଶ, ସ୍ୱଚ୍ଛତା ତଥା ପୋଷଣ ଯୁକ୍ତ ଖାଦ୍ୟର ସୁବିନିଯୋଗ, କୃଷି ତଥା ପ୍ରାଣୀ ସମ୍ପଦର ନିରାପତ୍ତା, ସ୍କୁଲଗୁଡ଼ିକରେ ବାଳିକା ପାଇଖାନା ନିର୍ମାଣ ସମ୍ପର୍କରେ ଦୃଢ଼ ପଦକ୍ଷେପ ଗ୍ରହଣ ପାଇଁ ଆଲୋଚନା କରାଯାଇଥିଲା। ଏହି ସମ୍ପୂର୍ଣ୍ଣତା ଅଭିଯାନ ଆସନ୍ତା ଏପ୍ରିଲ ୧୪ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିବାବେଳେ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ଜିଲ୍ଲା ପ୍ରତିନିଧି ଏଡିଇଓ ଶ୍ରୀକାନ୍ତ ବେହେରା, ଜିଲ୍ଲା ପରିଷଦ ସଦସ୍ୟା ଛଇଳବାଳା ନାୟକ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡାକ୍ତର ପି. ସତ୍ୟମ, ସିଡିପିଓ ସୀମା ଦାସ, ଜିପିଇଓ ବିଶ୍ୱନାଥ ମଲ୍ଲିକ, ବିଡିଓ ଡାକ୍ତର ସୁବ୍ରତ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ତଥା ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

# ଇଟାଭାଟି ଭାଙ୍ଗିଲା ତହସିଲ୍ ପ୍ରଶାସନ



**ସୋର,୧।୨/ଏନ୍ଏନ୍ଏସ୍:** ସୋର ଥାନା ଦିଗୀଭଅଁରା ଏବଂ ଶିଙ୍ଗାଖୁଣ୍ଟା ଗ୍ରାମରେ ତିନୋଟି ଇଟାଭାଟିକୁ ତହସିଲ ପ୍ରଶାସନ ତରଫରୁ ଭଙ୍ଗାଯାଇଛି। ବାଲେଶ୍ୱର ଦେଶର ଏକ ପ୍ରମୁଖ ପ୍ରଦୂଷଣ ଜିଲ୍ଲା ଭାବେ ଗଣତି ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ କିଛି ଦିନ ତଳେ ୩ଟି ଚଦର ଇଟାଭାଟି ଭାଙ୍ଗିବା ସହିତ ୩ଟି ଚିମିନି ଇଟା ଭାଟିରେ ୧୬୩ ଧାରା ଲାଗୁ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଇଟା ଭାଟିର ମାଲିକମାନେ କୌଣସି ନିୟମ ନମାନି ପୁନଶ୍ଚ ଇଟା ଭାଟି ଚାଲୁକରିଥିଲେ। ଗତକାଲି ସୋର ତହସିଲଦାର ଦୈତାରୀ ମଲ୍ଲିକ ୧୬୩ ଧାରା ଲାଗୁଥିବା ଗଙ୍ଗା ଇଟାଭାଟିରେ ଚଢ଼ଉ କରି ଗୋଟିଏ ଇଟା ବୋଝେଇ ଟ୍ରକ ଜବତ କରିଥିଲେ। ଆଜି ମଧ୍ୟାହ୍ନରେ ତହସିଲଦାର ଶ୍ରୀ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଦିଗିଭଅଁରା ଅଞ୍ଚଳରେ ଇଟା ପୋଡ଼ା ଯାଉଥିବା ୨ଟି ଚଦର ଇଟାଭାଟି ଓ ସିଙ୍ଗଖୁଣ୍ଟା ଅଞ୍ଚଳରେ ଗୋଟିଏ ଇଟାଭାଟିରେ ଚଢ଼ଉ କରି ଜେସିବି ସାହାଯ୍ୟରେ ଇଟା ଭାଟିକୁ ଭାଙ୍ଗିବା ସହିତ ସୋର ଦମକଳ ବିଭାଗ କର୍ମଚାରୀମାନେ ପାଣି ମାରି ଇଟାକୁ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ଏହି ସମୟରେ ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ, ଖଣି ଅଧିକାରୀ ସମ୍ବିତ କୁମାର ମଣି ,ସୋର ପୁଲିସ ଏସଆଇ ପ୍ରଭାକର ସାହୁ ଓ ସୋର ଅଗ୍ନିଶମ ଅଧିକାରୀ ଯମୁନା ମହନ୍ତଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଅନ୍ୟ ଇଟାଭାଟିଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ମିଳିଛି।

# ବାଲେଶ୍ୱର ଡାକମଣ୍ଡଳର ପ୍ରତିଷ୍ଠା ଦିବସ




**ବାଲେଶ୍ୱର,୧।୨/ଏନ୍ଏନ୍ଏସ୍:** ବାଲେଶ୍ୱର ଡାକ ମଣ୍ଡଳର ୭୪ତମ ପ୍ରତିଷ୍ଠା ଦିବସ ତଥା ୧୪୩ତମ ଡାକ ଜୀବନ ବୀମା ଦିବସ ରବିବାର ବାଲେଶ୍ୱର ସ୍ଥିତ ବାଲେଶ୍ୱର ଡାକ ମଣ୍ଡଳର ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଉତ୍ସାହର ସହ ପାଳିତ ହୋଇଯାଇଛି। ବାଲେଶ୍ୱର ଡାକ ମଣ୍ଡଳ ଅଧୀକ୍ଷକ ତାପସ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବିଶ୍ୱାଳ(ଡିଡିଏମ ପିଏଲଆଇ) ଓଡ଼ିଶା ଡାକ ପରିମଣ୍ଡଳ, ମୁଖ୍ୟବକ୍ତା ବସନ୍ତ କୁମାର ସିଂଘ, ଡାକ ଅଧୀକ୍ଷକ ସମ୍ବଲପୁର ଡାକ ମଣ୍ଡଳ, ସମ୍ମାନିତ ଅତିଥି ବନମାଳୀ ପାତ୍ର, ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ (ଡାକ ଜୀବନ ବୀମା) ଆସାମ ଡାକ ପରିମଣ୍ଡଳ ଏବଂ ବିରଞ୍ଚି ନାରାୟଣ ସାମଲ, ବରିଷ୍ଠ ବ୍ରାଞ୍ଚ ମ୍ୟାନେଜର୍, ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ (ଆଇପିପିବି) ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରବିନ୍ଦ୍ର କୁମାର ପାତ୍ର ଏବଂ ନମିସା ବାରିକ ମଞ୍ଚ ପରିଚାଳନା କରିଥିଲେ। ଉପସ୍ଥିତ ଅତିଥିବୃନ୍ଦ ବାଲେଶ୍ୱର ଡାକମଣ୍ଡଳର ୭୪ ବର୍ଷର ଦୀର୍ଘ ସମର୍ପିତ ସେବା ସହିତ ଡାକ ଜୀବନ ବୀମା(ପିଏଲଟି)ର ଗୁରୁତ୍ୱକୁ ବଖାଣିଥିଲେ। ଯାହା ସରକାରୀ କର୍ମଚାରୀ ଓ ସାଧାରଣ ଜନସାଧାରଣଙ୍କୁ ସୁରକ୍ଷିତ, ସହଜ ଓ ଭରସାଯୋଗ୍ୟ ଜୀବନ ବୀମା ସୁବିଧା ପ୍ରଦାନ କରୁଛି। ଭାରତୀୟ ଡାକ ବିଭାଗ ଆଧୁନିକ ପ୍ରଯୁକ୍ତିକୁ ଆପଣେଇ ଏକ ଲୋକକେନ୍ଦ୍ରିକ ଓ ସେବାମୂଳକ ସଂସ୍ଥାରେ ପରିଣତ ହୋଇଛି, ଯେଉଁଥିରେ ଆସ୍ଥା, ଭରସା ଓ ଦାୟିତ୍ୱବୋଧ ଅତୁଟ ରହିଛି ଓ ଡାକ କର୍ମଚାରୀମାନଙ୍କର ନିଷ୍ଠା ଓ ପରିଶ୍ରମ ପାଇଁ ସେମାନଙ୍କୁ ସାଧୁବାଦ ଜଣାଯାଇଥିଲା। ଡାକ ଜୀବନ ବୀମା(ପିଏଲଆଇ) ଓ ଗ୍ରାମୀଣ ଡାକ ଜୀବନ ବୀମା(ଆରପିଏଲଆଇ) ଯୋଜନା ମାଧ୍ୟମରେ ସହର ଓ ଗ୍ରାମାଞ୍ଚଳର ଲୋକମାନଙ୍କୁ ବୀମା ସୁରକ୍ଷା ଯୋଗାଇବାରେ ଡାକ ବିଭାଗର ଭୂମିକାକୁ ଆଲୋକପାତ କରାଯାଇଥିଲା। ସେ ସହ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ (ଆଇପିପିବି), ସିଧାସଳଖ ଲାଭ ହସ୍ତାନ୍ତର (ଡିବିଟି), ସ୍ପିଡ୍ ପୋଷ୍ଟ ଓ ପାର୍ସେଲ୍ ସେବା, ଆଧାର ସେବା ଏବଂ ଇ-କମର୍ସ ସମର୍ଥନ ସେବା ଭଳି ଗୁରୁତ୍ୱପୂର୍ଣ୍ଣ ସେବାଗୁଡ଼ିକୁ ମଧ୍ୟ ଉଲ୍ଲେଖ କରାଯାଇଥିଲା। ପ୍ରତିଷ୍ଠା ଦିବସ ଓ ପିଏଲଆଇ ଦିବସ ଉପଲକ୍ଷେ ଗ୍ରାହକମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଲେଶ୍ୱର ଡାକ ମଣ୍ଡଳ ଡାକ ସେବା – ଜନ ସେବା ଲକ୍ଷ୍ୟ ସହ ସମନ୍ୱୟ ରଖି ସୁଲଭ, ଶସ୍ତା ଓ କାର୍ଯ୍ୟକୁଶଳ ଡାକ ଓ ଆର୍ଥିକ ସେବା ପ୍ରଦାନ ପାଇଁ ନିଜ ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରିଥିଲା। କାର୍ଯ୍ୟକ୍ରମ ସରିବା ପରେ ବିଭିନ୍ନ ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଜିଲ୍ଲାର ଡାକ ଅଧୀକ୍ଷକ ଓ ଅବସରପ୍ରାପ୍ତ ଡାକ ଅଧୀକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍କୃଷ୍ଟ କାର୍ଯ୍ୟ ପାଇଁ କିଛି ଡାକ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା।

# ଜଗତ୍‌ଗୁରୁ ପଣ୍ଡିତ ଶ୍ରୀଧରସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ବାଲେଶ୍ୱର,୧।୨/ଏନ୍ଏନ୍ଏସ୍:** ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀଧରସ୍ୱାମୀ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ବଡ଼ପାଳ ପଞ୍ଚାୟତ ଅଧିନ ମୟୂରଗ୍ରାମରେ ଜଗତଗୁରୁ ପଣ୍ଡିତ ଶ୍ରୀଧରସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପରିଷଦର ସଭାପତି ବିଜୟ କୁମାର ମହାକୁଡ଼ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବକୁ ଉଦ୍‌ଘାଟକ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ଉପ ସଚିବ ସଞ୍ଜୟ କୁମାର ଛୁଆଳ ସିଂହ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ 'ସୁବାର୍ତ୍ତା'ର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥି, ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଭାଗବତ ପ୍ରସାଦ ଦାସ, ବରେଣ୍ୟ ଅତିଥି ଇସ୍କନ୍‌ର ସଭାପତି ମୁକୁନ୍ଦ ଚୈତନ୍ୟ ଦାସ, ସେବା ନିବୃତ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା, କଥାକାର ଦେବାଶିଷ ଦ୍ୱିବେଦୀ, ବରେଣ୍ୟ ବକ୍ତା ଦୟାନନ୍ଦ ଦାସ ମହାରାଜ, ପଣ୍ଡିତ ଅରବିନ୍ଦ ପଣ୍ଡା, ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ପଣ୍ଡିତ ଶ୍ରୀଧରସ୍ୱାମୀଙ୍କର ଶ୍ରୀମଦ୍ ଭଗବତ ଗୀତା ଉପରେ ରଚିତ ସୁବୋଧିନୀ ଟୀକା, ଶ୍ରୀମଦ୍ ଭାଗବତର 'ଭାବାର୍ଥଦିପୀକା' ଦୁଇଟି କୃତୀ ତାଙ୍କୁ ସର୍ବଭାରତୀୟ ସ୍ତରରେ ତାଙ୍କୁ ପରିଚିତି ଆଣି ଦେଇଥିଲା। ଏହାବାଦ୍ ବିଷ୍ଣୁପୁରାଣ, ଆତ୍ମପ୍ରକାଶ ଟୀକା, ସନତ ସୁଜାତୀୟର ବାଳବୋଧିନୀ ଟୀକା, ଗୀତା ସାରର ବ୍ରହ୍ମ ସୁବୋଧିନୀ ଟୀକା, ବ୍ରଜ ବିହାର କାବ୍ୟ ଆଦି ତାଙ୍କର ଉଲ୍ଲେଖଯୋଗ୍ୟ କୃତୀ ବୋଲି ଉପସ୍ଥିତ ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗାନ୍ଧୀବାଦୀ କବି ଚକ୍ରଧର ଦାସ, ସମାଜସେବୀ ହାଡ଼ିବନ୍ଧୁ ସାମଲ ଏବଂ ବରିଷ୍ଠ ଶିକ୍ଷାବିତ୍ ଅନନ୍ତ ଚରଣ ପୋଥାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ପଢ଼ିଆରୀ କରିଥିବା ବେଳେ ସରପଞ୍ଚ କମଳ ଲୋଚନ ପଣ୍ଡା ଧନ୍ୟବାଦ୍ ଦେଇଥିଲେ।

# ମନ୍ଦିର ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ସୋର,୧।୨/ଏନ୍ଏନ୍ଏସ୍:** ସୋର ଥାନା ବାଗୁଡି ମଣି ମନ୍ଦିର ନିକଟରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର କରାଯାଇଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ସୋର ଥାନା ମୁଳିସିଂ ଗ୍ରାମର ରବିନ୍ଦ୍ର ସିଂ(୨୮) ଚାରି ବର୍ଷ ତଳେ ବାଗୁଡ଼ି ଗ୍ରାମର ରୁକ୍ମିଣୀ ସିଂଙ୍କୁ ବିବାହ କରିଥିଲେ। ରବୀନ୍ଦ୍ର ହାଇଦ୍ରାବାଦର ଏକ ଚକୋଲେଟ କମ୍ପାନୀରେ କାମ କରୁଥିବା ବେଳେ ଗତ ୪ଦିନ ତଳେ ଘରକୁ ଆସିଥିଲେ। ରୁକ୍ମିଣୀଙ୍କର ଅନ୍ୟ ଜଣେ ପୁରୁଷଙ୍କ ସହିତ ପରକୀୟା ପ୍ରୀତି ଥିବା ଜାଣିପାରି ଥିଲେ। ଫଳରେ ରୁକ୍ମିଣୀଙ୍କ ସହିତ ତାଙ୍କର ଝଗଡ଼ା ହୋଇଥିବାରୁ ସେ ତାଙ୍କ ବାପା ଘର ବାଗୁଡ଼ିରେ ରହୁଥିଲେ। ରବୀନ୍ଦ୍ର ତାଙ୍କୁ ବୁଝାସୁଝା କରି ଘରକୁ ଆଣିବାକୁ ବାଗୁଡି ଯାଇଥିଲେ। ମାତ୍ର ଆଜି ସକାଳେ ବାଗୁଡିରେ ଥିବା ମଣି ମନ୍ଦିର ନିକଟ ବରଗଛ ଘଣ୍ଟାରେ ବେକରେ ଲୁଗା ବାନ୍ଧି ଝୁଲୁଥିବାର ସ୍ଥାନୀୟଲୋକେ ଦେଖି ତାଙ୍କୁ ଉଦ୍ଧାର କରି ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି କେସ୍ ନଂ-୬/୨୬ ରେ ଏକ ମାମଲା ରୁଜୁକରି ଶବ ଜବତ କରି ବ୍ୟବଛେଦ ପାଇଁ ରଖିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ଅନ୍ୟ ପଟେ ରବୀନ୍ଦ୍ରଙ୍କ ମାଆ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସୋର ଥାନାରେ ଅଭିଯୋଗ କରିଛନ୍ତି।

## ବୀର ବିର୍ସାମୁଣ୍ଡା ଫୁଟବଲ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ

# କମାରଯୋଡ଼ାକୁ ହରାଇ ଟିକର ଚାମ୍ପିଅନ୍




**ଯୋଡ଼ା,୧।୨/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅଧୀନ ୧୨ ନମ୍ବର ୱାର୍ଡ ଖୁଣ୍ଟପାଣି ଗ୍ରାମର ନୂତନ ଖେଳପଡ଼ିଆଠାରେ ବୀର ବିର୍ସାମୁଣ୍ଡା ଯୁବକ ସଂଘ ଆନୁକୂଲ୍ୟରେ ତିନିଦିନ ଧରି ନକ୍‌ଆଉଟ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଝାଡ଼ଖଣ୍ଡ ସମେତ ଓଡ଼ିଶା ରାଜ୍ୟର ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ କମାରଯୋଡ଼ା ସହିତ ଡାଳିମ୍ବ ଏସପିଏ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କମାର ଯୋଡ଼ା ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଟିକରଚାମ୍ପି ଓ ଶ୍ରୀଅଂଶୀ ସୁପରକିଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୩-୦ ଗୋଲରେ ଟିକରଚାମ୍ପି ବିଜୟ ଲାଭକରି ଫାଇନାଲକୁ ପ୍ରବେଶକରିଥିଲା। ଫାଇନାଲରେ କମାରଯୋଡ଼ା ଓ ଟିକର ଚାମ୍ପି କଡା ମୁକାବିଲା ଶେଷ ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ କେହି କାହାକୁ ଗୋଲଦେଇ ପାରିନଥିବା ବେଳେ ପେନଲଟି ସଟରେ ୧-୦ ଗୋଲରେ ଟିକର ବିଜୟ ହାସଲ କରିଛି। ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଯୋଗଦେଇଥିବା ବେଳେ ଯୋଡ଼ା ଟ୍ରକ ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକ, ୧୨ ନମ୍ବର ୱାର୍ଡ କାଉନସିଲର ଲିଲିମଣୀ ମୁଣ୍ଡା,ବରିଷ୍ଠ ନାଗରିକ ଅଚନ ମୁଣ୍ଡା, ଯୋଡା ମାଇନିଂ ଏରିଆ ଟ୍ରକ ମାଲିକ ସଂଘ ସଭାପତି ଚତୁର୍ଭୁଜ ପଲେଇ, ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ ସାମଲ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ବିଜେତା ଦଳ ଟିକର ଚାମ୍ପିକୁ ନଗଦ ୮୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସ୍‌ଅପ୍ କମାର ଯୋଡ଼ା ଦଳକୁ ନଗଦ ୬୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଥିଲେ। ସେହିପରି ତୃତୀୟ ସ୍ଥାନ ଅଧିକାର କରିଥିବା ଅଂଶୁ ସୁପର କିଙ୍ଗ ଦଳକୁ ନଗଦ ୫୦ ହଜାର ଟଙ୍କା ସହ ଟ୍ରଫି ଓ ଚତୁର୍ଥ ଦଳ ଡାଳିମ୍ବ ଏସପିଏକୁ ନଗଦ ୪୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଗ୍ରାମୀଣ କ୍ରୀଡ଼ା ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ଏହିଭଳି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ କରାଯିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବିରଜୁ ମୁଣ୍ଡା, ନିତିଶ ମାଝୀ, ବିଜୟ ବିରୁଆ, ଚୁନୁ ସିଂ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ବୀର ବିର୍ସା ମୁଣ୍ଡା ଯୁବକ ସଂଘର ସଭାପତି ଦାଶରାମ ମୁଣ୍ଡା, ଉପସଭାପତି ବୁଧୁରାମ ମୁଣ୍ଡା, ସମ୍ପାଦକ ରମେଶ ମୁଣ୍ଡା, ଆସିଷ୍ଟାଣ୍ଟ ସେକ୍ରେଟାରୀ ସନାତନ ମୁଣ୍ଡା, କୋଷାଧ୍ୟକ୍ଷ ନିରଞ୍ଜନ ମୁଣ୍ଡାଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## କଂଗ୍ରେସର ଗାନ୍ଧି ପଥେ ଓଡ଼ିଶା ପଦଯାତ୍ରା

# 'ଜିନ୍ଦାବାଦ୍ କହି ଡବଲ୍ ଇଞ୍ଜିନ୍ ସରକାର ପାଖରୁ ହକ୍ ମାଗନ୍ତୁ'



**ତିହିଡ଼ି,୧।୨/ଏନ୍ଏନ୍ଏସ୍:** ତିହିଡ଼ି ବ୍ଲକରେ କଂଗ୍ରେସ ପକ୍ଷରୁ ଗାନ୍ଧି ପଥେ ଓଡ଼ିଶା ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତିଙ୍କ ସମେତ ହଜାର ହଜାର କଂଗ୍ରେସ ନେତା ଓ କର୍ମୀ ମହାତ୍ମାଗାନ୍ଧୀ ବିଶ୍ରାମ କରିଥିବା ସ୍ଥାନ ଚାରବାଟିଆଠାରୁ ତିହିଡ଼ି କାଳୀପଡ଼ିଆ ପର୍ଯ୍ୟନ୍ତ ଦୀର୍ଘ ୧୦ କିଲୋମିଟରରୁ ଅଧିକ ରାସ୍ତା ପଦଯାତ୍ରା କରିଥିଲେ। ଏହି ପଦଯାତ୍ରା ସମୟରେ ବିଭିନ୍ନ ଛକ ବଜାର ସ୍ଥାନରେ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ରହି ସଭାପତି ଶ୍ରୀ ଦାସଙ୍କୁ ବନ୍ଦାପନା କରିବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପଦଯାତ୍ରା ମଧ୍ୟାହ୍ନରେ ତିହିଡ଼ି କାଳୀପଡ଼ିଆରେ ପହଞ୍ଚିବା ପରେ ସେଠାରେ ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପିସିସି ସଭାପତି ଶ୍ରୀ ଦାସ ଯୋଗ ଦେଇ କହିଥିଲେ ଯେ, ଡବଲ ଇଞ୍ଜିନ୍ ସରକାରଙ୍କ ପାଖରେ କ୍ଷମତା ଅଛି। ସେମାନଙ୍କ ନିକଟରେ ପୁଲିସ ଅଛନ୍ତି। ସେମାନଙ୍କୁ ବିରୋଧ ନ କରି ସେମାନଙ୍କର ଜିନ୍ଦାବାଦ୍ ପକାଇ ନିଜର ହକ୍ ମାଗନ୍ତୁ ବୋଲି କହିଥିଲେ। ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମାଗଣା ୩ ଶହ ୟୁନିଟ ବିଜୁଳି ସରକାର ଦେଉନାହାନ୍ତି। ମନ୍ତ୍ରୀ, ମଣ୍ଡି ଓ ମିଲ୍ ମାଲିକ ମିଳିମିଶି ଧାନଚାଷୀଙ୍କୁ ହତ୍ୟା କରିବାରେ ଲାଗିଛନ୍ତି। ଧାନ କ୍ୱିଣ୍ଟାଲ ପିଛା ସରକାର ୩୧ ଶହ ଟଙ୍କାରେ ନେବେ ବୋଲି ଘୋଷଣା କରିଥିଲେ ବି ବାସ୍ତବରେ ଚାଷୀଟିଏ ବିଭିନ୍ନ ବାଟରେ ଶୋଷିତ ହୋଇ ଏହାଠାରୁ ବହୁ କମ୍ ଅର୍ଥ ପାଉଛି। ରାଜ୍ୟରେ ୩ ହଜାର ଗଣ ଦୁଷ୍କର୍ମ ହୋଇସାରିଲାଣି। ଆମେ ଓଡ଼ିଶା ବନ୍ଦ କଲୁ, ବିଧାନସଭା ଘେରାଉ କଲୁ। ଏହାପରେ ବି ସରକାର ନିଦାବିଷ୍ଣୁ ପାଲଟିଛି ବୋଲି କହି ପିସିସି ସଭାପତି ବିଜେପି ସରକାର ଉପରେ ବର୍ଷିଥିଲେ। ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରାରେ ଯାଇଥିବା ଚାରିବାଟିଆରୁ ଏକ ବିଶାଳ ପଦଯାତ୍ରାରେ ସଭାପତି ଶ୍ରୀ ଦାସ ସାଢ଼େ ଦଶ କିଲୋମିଟର ରାସ୍ତା ଅତିକ୍ରମ କରି ସଭାସ୍ଥଳରେ ପହଞ୍ଚିଥିଲେ। ଏହି ସଭାରେ ପୂର୍ବତନ ମନ୍ତ୍ରୀ ନେତ୍ରାନନ୍ଦ ମଲ୍ଲିକ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ବରିଷ୍ଠ ନେତା ଅସିତ ପଟ୍ଟନାୟକ, ଅମୀୟ ମହାପାତ୍ର, ରାଜ୍ୟ ସେବାଦଳ ମୁଖ୍ୟ ଶୁଭେନ୍ଦୁ ମହାନ୍ତି, ଜିଲ୍ଲା କଂଗ୍ରେସ ସଭାପତି ନଳିନୀ ମହାନ୍ତି, ଗୁରୁ ପଟ୍ଟ ନାୟକ, ଭଦ୍ରକ ସାଂସଦ ପ୍ରାର୍ଥୀ ମଧୁସ୍ମିତା ବେହେରା, ଧାମନଗର ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହୋଇଥିବା ରଞ୍ଜନ ବେହେରା, ଚାନ୍ଦବାଲି ପ୍ରାର୍ଥୀ ଦିଗମ୍ବର ଦାସ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାଢ଼ୀ ଏବଂ ପାର୍ଥସାରଥି ଦାସ ଅନ୍ୟ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦାନ କରିଥିଲେ। ପିସିସି ସଭାପତି ଶ୍ରୀ ଦାସ ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ଅଲ୍‌କାରାଜ୍ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ୍

- ଜୋକୋଭିଚ୍‌ଙ୍କୁ ହରାଇ ପ୍ରଥମ ଥର ଜିତିଲେ ଟାଇଟଲ୍
- କ୍ୟାରିୟର୍ ଗ୍ରାଣ୍ଡସ୍ଲାମ୍ ପୂରଣରେ ସର୍ବକନିଷ୍ଠ ଖେଳାଳି



**ମେଲ୍‌ବର୍ଣ୍ଣ,୧।୨/ଏଜେନ୍ସି:** ବିଶ୍ୱ ନମ୍ବର-୧ କାର୍ଲୋସ୍ ଅଲ୍‌କାରାଜ୍ ପ୍ରଥମ ଥର ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ୍ ହୋଇଛନ୍ତି। ୨୨ ବର୍ଷୀୟ ସ୍ପେନ୍ ଟେନିସ୍ ଷ୍ଟାର୍ ଫାଇନାଲ୍‌ରେ ସର୍ବକାଳର ମହାନ୍ ନୋଭାକ୍ ଜୋକୋଭିଚ୍‌ଙ୍କୁ ୨-୬, ୬-୨, ୬-୩, ୭-୫ରେ ହରାଇ ଏହି ଉପଲବ୍ଧି ହାସଲ କରିଛନ୍ତି। ରବିବାର ମେଲ୍‌ବର୍ଣ୍ଣର ରଡ୍ ଲେଭର୍ ଏରିନାରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍ ୩ ଘଣ୍ଟା ୨ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଏହା ଜୋକୋଭିଚ୍‌ଙ୍କ କ୍ୟାରିୟରର ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲ୍‌ରେ ପ୍ରଥମ ପରାଜୟ। ଏହା ପୂର୍ବରୁ ସେ ୧୦ ଥର ଫାଇନାଲ୍‌ରେ ପହଞ୍ଚିଥିବା ବେଳେ ପ୍ରତ୍ୟେକ ଥର ଚାମ୍ପିଅନ୍ ହୋଇଥିଲେ।

ମ୍ୟାଚ୍‌ର ପ୍ରଥମ ସେଟ୍ ଜୋକୋଭିଚ୍ ସହଜ ଭାବେ ଜିତି ନେଇଥିଲେ। ମାତ୍ର ଏହାପରେ ଅଲ୍‌କାରାଜ୍ ଲୟ ହାସଲ କରିଥିଲେ। ଦ୍ୱିତୀୟ ଓ ତୃତୀୟ ସେଟ୍‌ରେ ଆକ୍ରମଣାତ୍ମକ ରିଟର୍ନ ଏବଂ ବେସ୍‌ଲାଇନ୍‌ରୁ ଚାପ ସୃଷ୍ଟିକରି ସେ ମ୍ୟାଚ୍ ନିଜ ପକ୍ଷରୁ କରିନେଇଥିଲେ। ଚତୁର୍ଥ ସେଟ୍‌ରେ ସବୁଠୁ ଅଧିକ ରୋମାଞ୍ଚକର ଥିଲା। ୧୧ଶ ଗେମ୍‌ରେ ଅଲ୍‌କାରାଜ୍ ଚାପରେ ଚମତ୍କାର ଫୋର୍‌ହ୍ୟାଣ୍ଡ ୱିନର୍ ଲଗାଇ ୬-୫ରେ ଆଗୁଆ ହୋଇଥିଲେ। ଦ୍ୱାଦଶ ଗେମ୍‌ରେ ଜୋକୋଭିଚ୍ ସର୍ଭ କରୁଥିଲେ। ମାତ୍ର ନିର୍ଣ୍ଣାୟକ ମୁହୂର୍ତ୍ତରେ ତାଙ୍କ ଦ୍ୱାରା ହୋଇଥିବା ତ୍ରୁଟି କାରଣରୁ ଅଲ୍‌କାରାଜ୍ ସେଟ୍ ସହ ମ୍ୟାଚ୍ ମଧ୍ୟ ନିଜ ନାମରେ କରିନେଇଥିଲେ।

ଏହି ବିଜୟ ସହିତ ଅଲ୍‌କାରାଜ୍ କ୍ୟାରିୟର୍ ସ୍ଲାମ୍ ପୂରଣ କରିଛନ୍ତି। ତାଙ୍କ ଟାଇଟଲ୍ କ୍ୟାବିନେଟ୍‌ରେ ଏକମାତ୍ର ଗ୍ରାଣ୍ଡସ୍ଲାମ୍ ଅଷ୍ଟ୍ରେଲିଆନ୍ ଓପନ୍ ହିଁ କମ୍ ଥିଲା। ଏହା ଜିତି ସେ କ୍ୟାରିୟର୍ ଗ୍ରାଣ୍ଡସ୍ଲାମ୍ ପୂରା କରିବାରେ ସର୍ବକନିଷ୍ଠ ପୁରୁଷ ଖେଳାଳି ହୋଇଛନ୍ତି। ଏହା ପୂର୍ବରୁ ଅଲ୍‌କାରାଜ୍ ଦୁଇଥର ୟୁଏସ୍ ଓପନ୍, ଦୁଇଥର ୱିମ୍ବଲଡନ୍ ଏବଂ ଦୁଇଥର ଫ୍ରେଞ୍ଚ୍ ଓପନ୍ ଜିତି ସାରିଛନ୍ତି। ଅଲ୍‌କାରାଜ୍‌ଙ୍କ ପୂର୍ବରୁ ଡନ୍ ବଜ୍, ରଡ୍ ଲେଭର୍, ରୟ ଏମର୍ସନ୍, ଆନ୍ଦ୍ରେ ଆଗାସୀ, ରୋଜର୍ ଫେଡେରର୍, ରାଫେଲ୍ ନାଡାଲ୍ ଏବଂ ନୋଭାକ୍ ଜୋକୋଭିଚ୍ କ୍ୟାରିୟର୍ ଗ୍ରାଣ୍ଡସ୍ଲାମ୍ ପୂରଣ କରିସାରିଛନ୍ତି। ଫାଇନାଲ୍ ପୂର୍ବରୁ ଅଲ୍‌କାରାଜ୍ ସେମିଫାଇନାଲ୍‌ରେ ଜର୍ମାନୀର ଆଲେକ୍‌ଜାଣ୍ଡର୍ ଜ୍ୱେରେଭ୍‌ଙ୍କୁ ୬-୪, ୭-୬, ୬-୭, ୬-୭, ୭-୫ ସେଟ୍‌ରେ ହରାଇଥିଲେ। କ୍ୱାର୍ଟର୍ ଫାଇନାଲ୍‌ରେ ସେ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନୌର୍‌ଙ୍କୁ ୭-୫, ୬-୨,୬-୧ ହରାଇ ଅନ୍ତିମ-୪ରେ ସ୍ଥାନ ହାସଲ କରିଥିଲେ।

ଅନ୍ୟପକ୍ଷରେ ୩୮ ବର୍ଷୀୟ ନୋଭାକ୍ ଜୋକୋଭିଚ୍‌ଙ୍କ ନାମରେ ମୋଟ ୨୪ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ରହିଛି। ଏହା ମଧ୍ୟରେ ୧୦ ଅଷ୍ଟ୍ରେଲିଆନ୍ ଓପନ୍, ୩ ଫ୍ରେଞ୍ଚ୍ ଓପନ୍, ୭ ୱିମ୍ବଲଡନ୍ ଏବଂ ୪ ୟୁଏସ୍ ଓପନ୍ ସାମିଲ।

## ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍

# ଭାରତ ସହ ମ୍ୟାଚ୍ ଖେଳିବନି ପାକିସ୍ତାନ

### ପାକିସ୍ତାନ ସରକାରଙ୍କ ବଡ଼ ନିଷ୍ପତ୍ତି



**ଇସ୍ଲାମାବାଦ,୧।୨/ଏଜେନ୍ସି:** ପାକିସ୍ତାନ ସରକାର ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ରେ ଭାଗନେବା ପାଇଁ ପାକିସ୍ତାନ କ୍ରିକେଟ୍ ଟିମ୍‌କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ତେବେ ଏହି ମଞ୍ଜୁରୀ ସହିତ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ମଧ୍ୟ ରଖିଛନ୍ତି। ସରକାରୀ ଆଦେଶ ଅନୁସାରେ ପାକିସ୍ତାନ କ୍ରିକେଟ୍ ଟିମ୍ ଫେବୃଆରୀ ୧୫ରେ ହେବାକୁ ଥିବା ଭାରତ ବିପକ୍ଷ ଗ୍ରୁପ୍ ମ୍ୟାଚ୍‌ରେ ଭାଗ ନେବନାହିଁ। ଅର୍ଥାତ୍ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନର ଭାଗିଦାରୀ ହେବ, କିନ୍ତୁ ବହୁ ପ୍ରତୀକ୍ଷିତ ଭାରତ-ପାକିସ୍ତାନ ମ୍ୟାଚ୍‌ରୁ ଟିମ୍ ଦୂରେଇ ରହିବ। ପାକିସ୍ତାନ ସରକାରଙ୍କ ଆଧିକାରିକ 'ଏକ୍ସ' ହ୍ୟାଣ୍ଡଲ୍‌ରେ ଏହି ଘୋଷଣା କରାଯାଇଛି। ଏହି ପଦକ୍ଷେପ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)କୁ ଆର୍ଥିକ ଭାବେ କ୍ଷତି ପହଞ୍ଚାଇବା ରଣନୀତିର ଅଂଶବିଶେଷ ବୋଲି କୁହାଯାଉଛି। ନିକଟରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ୍ ନକ୍‌ଭୀ ଏକ ପ୍ରେସ୍ କନ୍‌ଫରେନ୍ସରେ ଆଇସିସି ଦୋହରା ମନୋଭାବ ଆପଣାଉଥିବା ଅଭିଯୋଗ କରିଥିଲେ। ଏହା ସହିତ କହିଥିଲେ, ଏହି ସଂସ୍ଥା ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ପ୍ରଭାବରେ କାମ କରୁଛି।

ସୂତ୍ର ଅନୁସାରେ ଆଇସିସିଏକୁ ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ କୌଣସି ଲିଖିତ ସୂଚନା ମିଳିନାହିଁ। ପିସିବି ଆଧିକାରିକ ଭାବେ ଆଇସିସିକୁ ସୂଚୀତ କରିବା ପରେ ହିଁ ଆଇସିସି ପକ୍ଷରୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ କିମ୍ବା ପ୍ରତିବନ୍ଧ ଉପରେ ନିଷ୍ପତ୍ତି ନିଆଯିବ।

ରବିବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଦ୍ ସରିଫ୍ ଏବଂ ମୋହସିନ୍ ନକ୍‌ଭୀଙ୍କ ମଧ୍ୟରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକର କିଛି ମିନିଟ୍ ପରେ ହିଁ ଏହି ଘୋଷଣା ହୋଇଛି। ଏହା ପୂର୍ବରୁ ମଧ୍ୟ ନକ୍‌ଭୀ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ ଏବଂ କହିଥିଲେ ପାକିସ୍ତାନର ଅଂଶଗ୍ରହଣ ଉପରେ ଅନ୍ତିମ ନିଷ୍ପତ୍ତି ଜାନୁଆରୀ ୩୦ କିମ୍ବା ଫେବୃଆରୀ ୨ ତାରିଖ ମଧ୍ୟରେ ନିଆଯିବ। ଉଲ୍ଲେଖଯୋଗ୍ୟ, ଆଇସିସି ଗତମାସରେ ବାଂଲାଦେଶ ସ୍ଥାନରେ ସ୍କଟ୍‌ଲାଣ୍ଡ ଟିମ୍‌ର ସାମିଲ ସମ୍ପର୍କରେ ଘୋଷଣା କରିବା ପରେ ପାକିସ୍ତାନ ଏହି ମେଗା ଟି-୨୦ ଟୁର୍ଣ୍ଣାମେଣ୍ଟରେ ନିଜ ଭାଗୀଦାରୀ ଉପରେ ପୁଣିଥରେ ବିଚାର କରିବା ଆରମ୍ଭ କରିଥିଲା। ବାଂଲାଦେଶ ମ୍ୟାଚ୍ ଖେଳିବାକୁ ଭାରତ ଯିବାକୁ ମନା କରିବା ପରେ ଆଇସିସି ଏହି ନିଷ୍ପତ୍ତି ନେଇଥିଲା। ଆଇପିଏଲ୍ ଫ୍ରାଞ୍ଚାଇଜି କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ବିସିସିଆଇ ନିର୍ଦ୍ଦେଶରେ ଅନୁଭବୀ ଫାଷ୍ଟ ବୋଲର୍ ମୁସ୍ତାଫିଜୁର୍ ରହମାନ୍‌ଙ୍କୁ ନିଜ ଟିମ୍‌ରୁ ରିଲିଜ୍ କରିଦେବା ପରେ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ଏହି ପଦକ୍ଷେପ ନେଇଥିଲା। ଏହାପରେ ଦୁଇ ପକ୍ଷ ମଧ୍ୟରେ କେତେ ରାଉଣ୍ଡ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନ ରାସ୍ତା ବାହାରି ନଥିଲା। ଅନ୍ତତଃ ଆଇସିସି ବାଂଲାଦେଶର ଅପିଲ୍ ଖାରଜ କରି ଟୁର୍ଣ୍ଣାମେଣ୍ଟର କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନକୁ ଅସ୍ୱୀକାର କରିବା ସହିତ ୨୪ ଘଣ୍ଟାର ଅଲ୍‌ଟିମେଟମ୍ ଜାରୀ କରିଥିଲା।

ପାକିସ୍ତାନ ସରକାରଙ୍କ ଏହି ନିଷ୍ପତ୍ତି ପରେ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ର ସବୁଠୁ ବଡ଼ ଏବଂ ହାଇଭୋଲ୍‌ଟେଜ୍ ମ୍ୟାଚ୍‌କୁ ନେଇ ଅସମଞ୍ଜସ୍ୟ ସ୍ଥିତି ସୃଷ୍ଟି ହୋଇଛି। ଭାରତ ଓ ପାକିସ୍ତାନ ମ୍ୟାଚ୍ ଟୁର୍ଣ୍ଣାମେଣ୍ଟର କାର୍ଯ୍ୟକ୍ରମ ଏବଂ ଗ୍ରୁପ୍ ସମୀକରଣ ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହି ମାମଲାରେ ଏବେ ଆଇସିସିକୁ ଭବିଷ୍ୟତ ନିଷ୍ପତ୍ତି ନେବାକୁ ହେବ। ତେବେ ଏହି ପୂରା ମାମଲାରେ ଆଇସିସି କିମ୍ବା ବିସିସିଆଇ ପକ୍ଷରୁ କୌଣସି ଆଧିକାରିକ ପ୍ରତିକ୍ରିୟା ଆସିନାହିଁ।

# ଏଲିମିନେଟର୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ



**ବଡ଼ୋଦରା,୧।୨/ଏଜେନ୍ସି:** ୟୁପି ୱାରିୟର୍ସକୁ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ୫ ୱିକେଟ୍‌ରେ ହରାଇ ଦିଲ୍ଲୀ କ୍ୟାପିଟାଲ୍ସ ଚଳିତ ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ର ଏଲିମିନେଟର୍‌ରେ ସ୍ଥାନ ହାସଲ କରିଛି। ରବିବାର ସ୍ଥାନୀୟ କୋଟାମ୍ବୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୧୮.୪ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୧୨୬ ରନ୍ କରି ୧୨୨ ରନ୍‌ର ଲକ୍ଷ୍ୟ ହାସଲ କରି ନେଇଛି। ଫଳରେ ଡିଫେଣ୍ଡିଂ ଚାମ୍ପିଅନ୍‌ର ଏଲିମିନେଟର୍ ଖେଳିବା ଆଶା ମଉଳି ଯାଇଛି। ପୂର୍ବରୁ ୟୁପି ୱାରିୟର୍ସ ପୂର୍ବରୁ ହିଁ ଟପ୍-୩ ରେସ୍‌ରୁ ବାଦ୍ ପଡ଼ିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ୟୁପି ୱାରିୟର୍ସ ପ୍ରଥମ ବଲ୍‌ରେ କ୍ୟାପ୍ଟେନ୍ ମେଗ୍ ଲାନିଙ୍ଗ୍(୦)ଙ୍କ ୱିକେଟ୍ ହରାଇଥିଲା। ଏହାପରେ ଟିମ୍ ଲଗାତାର ୱିକେଟ୍ ହରାଇ ୮ ୱିକେଟ୍ ବିନିମୟରେ ୧୨୨ ରନ୍ କରିଥିଲା। ଟିମ୍ ପକ୍ଷରୁ ଦୀପ୍ତି ଶର୍ମା ସର୍ବାଧିକ ୨୪ ଏବଂ ଶିଖା ପାଣ୍ଡେ ଅପରାଜିତ୨୩ ରନ୍ କରିଥିଲେ। ଏହା ବ୍ୟତୀତ ସିମ୍ରନ୍ ଶେଖ୍ ୨୨, ଆଶା ସୋଭନା ଜୟ ୧୩, ଚାର୍ଲି ନଟ୍ ୧୨ ଓ ସୋଫି ଏକ୍ଲେଷ୍ଟୋନ୍ ୧୧ ରନ୍‌ର ଯୋଗଦାନ ଦେଇଥିଲେ। ଦିଲ୍ଲୀ ପକ୍ଷରୁ ମାରିଜାନ୍ କେପ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ଚିନେଲି ହେନ୍‌ରୀ ଓ ଶ୍ରୀ ଚରଣୀ ୨-୨ ୱିକେଟ୍ ପାଇଥିଲେ। ମିନୁ ରାଣୀଙ୍କୁ ଗୋଟିଏ ସଫଳତା ମିଳିଥିଲା।

୧୨୩ ରନ୍‌ର ପିଛା କରୁଥିବା ଦିଲ୍ଲୀ ୧୧ ରନ୍‌ର ସ୍କୋର୍‌ରେ ଲିଜେଲ ଲି' (୧୦)ଙ୍କ ୱିକେଟ୍ ଶସ୍ତାରେ ହରାଇଥିଲା। ଏହାପରେ ଶେଫାଳୀ ବର୍ମା (୨୯) ଓ ଲୌରା ୱୋଲ୍‌ଭର୍ଡଟ୍ (୪୭) ଦ୍ୱିତୀୟ ୱିକେଟ୍ ପାଇଁ ୭୩ ରନ୍ ଯୋଡ଼ି ଇନିଂସ୍ ସମ୍ଭାଳିଥିଲେ। ଲୌରାଙ୍କୁ କ୍ୟାଚ୍ ଆଉଟ୍ କରି ଦୀପ୍ତି ଶର୍ମା ଏହି ପାର୍ଟନରଶିପ୍ ବ୍ରେକ୍ କରିଥିଲେ। ଲୌରାଙ୍କ ୩୬ ବଲ୍‌ର ଇନିଂସ୍‌ରେ ୭ ଚୌକା ସାମିଲ ଥିଲା। ଲୌରାଙ୍କ ଆଉଟ୍ ପରେ ଶେଫାଳୀ (୨୯), ମହାରିଜାନ୍ କେପ୍ (୦), ଚିନେଲି ହେନ୍‌ରୀ (୧) ବିଦାୟ ନେଇଥିଲେ। ତେବେ କ୍ୟାପ୍ଟେନ୍ ଜେମିମା ରଡ୍ରିଗ୍ସ ୧୮ ବଲ୍‌ରେ ୫ଚୌକା ସହାୟତାରେ ଦ୍ରୁତ ୩୮ ରନ୍‌ର ଅପରାଜିତ ଇନିଂସ୍ ଖେଳି ଟିମ୍‌କୁ ବିଜୟୀ କରାଇବା ସହିତ ଏଲିମିନେଟର୍‌ରେ ପହଞ୍ଚାଇଥିଲେ। ୟୁପି ପକ୍ଷରୁ ଦୀପ୍ତି ଶର୍ମା ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ।

## ଅଣ୍ଡର୍-୧୯ ବିଶ୍ୱକପ୍: ବେଦାନ୍ତ ତ୍ରିବେଦୀଙ୍କ ଅର୍ଦ୍ଧଶତକ

# ପାକିସ୍ତାନକୁ ହରାଇ ସେମିରେ ଭାରତ



**ବୁଲାୱାୟୋ,୧।୨/ଏଜେନ୍ସି:** ପାକିସ୍ତାନକୁ ୫୮ ରନ୍‌ରେ ନକ୍‌ଆଉଟ୍ କରି ଭାରତ ଅଣ୍ଡର-୧୯ ବିଶ୍ୱକପ୍ ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରିଛି। ରବିବାର ସ୍ଥାନୀୟ କ୍ୱିନ୍ସ ସ୍ପୋର୍ଟ୍ସ କ୍ଲବ୍‌ରେ ଖେଳାଯାଇଥିବା ସୁପର୍-୬ ମ୍ୟାଚ୍‌ରେ ଭାରତୀୟ ଟିମ୍ ୨୫୩ ରନ୍‌ର ଲକ୍ଷ୍ୟ ଦେଇଥିବା ବେଳେ ପାକିସ୍ତାନ ୪୬.୨ ଓଭର୍‌ରେ ୧୯୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଏହି ପରାଜୟ ସହପାକିସ୍ତାନ ଟିମ୍ ସେମିଫାଇନାଲ୍ ରେସ୍‌ରେ ବାହାର ହୋଇଯାଇଛି। ଏବେ ଭାରତ ଦ୍ୱିତୀୟ ସେମିଫାଇନାଲ୍‌ରେ ଆଫଗାନିସ୍ତାନକୁ ଫେବୃଆରୀ ୪ ତାରିଖରେ ଭେଟିବ। ପ୍ରଥମ ସେମିଫାଇନାଲ୍ ଫେବୃଆରୀ ୩ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ।

ଲକ୍ଷ୍ୟର ପିଛା କରୁଥିବା ପାକିସ୍ତାନ ଚତୁର୍ଥ ଓଭର୍‌ରେ ହିଁ ଓପ୍ନର୍ ସମୀର ମିନ୍‌ହାସ୍ (୯ ରନ୍)ଙ୍କୁ ହରାଇଥିଲା। ସମୀରଙ୍କୁ ଫାଷ୍ଟ ବୋଲର୍ ହେନିଲ୍ ପଟେଲ୍ ଏଲ୍‌ବିଡବ୍ଲ୍ୟୁ କରିଥିଲେ। ଏହାପରେ ଜମ୍‌ଜା ଜହୁର ଓ ଉସ୍‌ମାନ୍ ଖାନ୍‌ଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୬୫ ରନ୍‌ର ପାର୍ଟନରଶିପ୍ ହୋଇଥିଲେ। ହମ୍‌ଜାଙ୍କୁ କ୍ଲିନ୍ ବୋଲ୍ଡ କରି କନିଷ୍କ ଚୌହାନ୍ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ଏହାପରେ ପାକିସ୍ତାନ ଲଗାତାର ବ୍ୟବଧାନରେ ୱିକେଟ୍ ହରାଇବା ସହିତ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଯାଇଥିଲା। ଉସ୍‌ମାନ୍ ଖାନ୍ ୬୬ ଏବଂ ହମ୍‌ଜା ଜହର୍ ୪୨ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ଖିଲାନ୍ ପଟେଲ୍ ଓ କ୍ୟାପ୍ଟେନ୍ ଆୟୁଷ ମହାତ୍ରେ-୩ ୱିକେଟ୍ ନେଇଥିଲେ। ବିହାନ୍ ମାଲହୋତ୍ରା, କନିଷ୍କ ଚୌହାନ୍, ହେନିଲ୍ ପଟେଲ୍ ଓ ଆର୍‌ଏସ୍ ଅମ୍ବରୀଶ ୧-୧ ସଫଳତା ପାଇଥିଲେ।

**ଫେବୃଆରୀ ୪ରେ ଆଫଗାନିସ୍ତାନକୁ ଭେଟିବ**

ଏହା ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଥିବା ଭାରତ ୪୯.୫ଓଭର୍‌ରେ ୨୫୨ ରନ୍ କରିଥିଲା। ବୈଭବ ସୂର୍ଯ୍ୟବଂଶୀ ଓ ଆରୋନ୍ ଜର୍ଜ ୪୭ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ବୈଭବଙ୍କୁ ଆଉଟ୍ କରି ମହମ୍ମଦ ସୟାମ୍ ଏହି ଯୋଡ଼ି ଭାଙ୍ଗିଥିଲେ। ବୈଭବ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୨୨ ବଲ୍‌ର ୩୦ ରନ୍ କରିଥିଲେ। ପରେ ସୟାମ୍ କ୍ୟାପ୍ଟେନ୍ ଆୟୁଷ ମହାତ୍ରେ (୦)ଙ୍କୁ ଖାତା ଖୋଲିବାକୁ ଦେଇନଥିଲେ। ଆରୋନ୍ ଜର୍ଜ ମଧ୍ୟ ବ୍ୟକ୍ତିଗତ ୧୬ ରନ୍‌ରେ ଅବ୍‌ଦୁଲ୍ ସୁଭାନ୍‌ଙ୍କ ଶିକାର ହୋଇଥିଲେ। ଏହି ତିନି ୱିକେଟ୍ ଭାରତ ମାତ୍ର ୪୭ ରନ୍ ମଧ୍ୟରେ ହରାଇଥିଲା। ଏହାପରେ ବେଦାନ୍ତ ତ୍ରିବେଦୀ ଓ ବିହାନ୍ ମାଲହୋତ୍ରା ଇନିଂସ୍ ସମ୍ଭାଳି ଚତୁର୍ଥ ୱିକେଟ୍ ପାଇଁ ୬୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ବିହାନ୍ (୨୧ ରନ୍)ଙ୍କୁ ଅହମଦ ହୁସେନ୍ କଟ୍ ଆଣ୍ଡ ବୋଲ୍ଡ କରିଥିଲେ। ଅଭିଜ୍ଞାନ କୁଣ୍ଡୁ ମଧ୍ୟ ଖାସ୍ କିଛି କରିନପାରି ୧୬ ରନ୍‌ରେ ଅଲୀ ହସନ୍ ବଲୋଚ୍‌ଙ୍କ ଶିକାର ହୋଇଥିଲେ। ଇତିମଧ୍ୟରେ ବେଦାନ୍ତ କ୍ରିଜ୍‌ରେ ତିଷ୍ଠିରହି ୨ଚୌକା ଓ ଗୋଟିଏ ଛକା ସହାୟତାରେ ୭୪ ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ବେଦାନ୍ତ ୯୮ ବଲ୍‌ରେ ଦୁଇ ଚୌକା ଓ ଗୋଟିଏ ଛକା ସହାୟତାରେ ୬୮ରନ୍ କରିଥିଲେ। ଆର୍‌ଏସ୍ ଅମ୍ବରୀଶ (୨୯), ଖିଲାନ୍ ପଟେଲ୍ (୨୧) ଏବଂ କନିଷ୍କ ଚୌହାନ୍ (୩୫ରନ୍)ଙ୍କ ଉପଯୋଗୀ ଇନିଂସ୍ ବଳରେ ଭାରତ ୨୫୨ ରନ୍ ସ୍କୋର୍ କରିବାରେ ସଫଳ ହୋଇଥିଲା। ପାକିସ୍ତାନ ପକ୍ଷରୁ ଅବ୍‌ଦୁଲ୍ ସୁଭାନ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ମହମ୍ମଦ ସୟାମ୍‌ଙ୍କୁ ଦୁଇଟି ସଫଳତା ମିଳିଥିଲା।

**୪ ୱିକେଟ୍‌ରେ ହାରିଲା ଓଡ଼ିଶା**

# ରଣଜୀ ଟ୍ରଫି କ୍ୱାର୍ଟର୍ ଫାଇନାଲ୍‌ରେ ଝାଡ଼ଖଣ୍ଡ

**କଟକ,୧।୨/ଏନ୍‌ଏନ୍‌ଏସ୍:** ଜାମସେଦପୁରର କିନାନ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଚଳିତ ରଣଜୀ ଟ୍ରଫିର ସପ୍ତମ ରାଉଣ୍ଡ ମ୍ୟାଚ୍‌ରେ ଝାଡ଼ଖଣ୍ଡ ୪ ୱିକେଟ୍‌ରେ ଓଡ଼ିଶାକୁ ହରାଇ ଦେଇଛି। ଏହା ସହିତ ବିରାଟ ସିଂହଙ୍କ ନେତୃତ୍ୱାଧୀନ ଟିମ୍ ଚଳିତ ସିଜନ୍‌ର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛି। ମ୍ୟାଚ୍‌ର ଚତୁର୍ଥ ଦିନ ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୨୨୬ ରନ୍ କରିଥିଲା। ଫଳରେ ଝାଡ଼ଖଣ୍ଡକୁ ୨୪୬ ରନ୍‌ର ଲକ୍ଷ୍ୟ ମିଳିଥିଲା ଏବଂ ଟିମ୍ ଏହାକୁ ୭୧.୩ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୨୪୯ ରନ୍ କରି ହାସଲ କରିନେଇଛି। ଶରଣଦୀପ୍ ସିଂହ (୬୪), ରବିନ୍ ମିଞ୍ଜ୍ (୬୩) ଏବଂ ଅନୁକୂଳ ରାୟ (୪୫) ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଏହା ପୂର୍ବରୁ ଅନୁକୂଳ ୫ ୱିକେଟ୍ ମଧ୍ୟ ଅକ୍ତିଆର କରିଥିଲେ। ରବିନ୍ ମିଞ୍ଜ୍‌ଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି।

୨୪୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଝାଡ଼ଖଣ୍ଡ ୭୫ ରନ୍‌ର ସ୍କୋର୍‌ରେ ଶିଖର ମୋହନ (୩୦ ରନ୍) ଓ କୁମାର କୁଶାଗ୍ର (୪ ରନ୍)ଙ୍କ ୱିକେଟ୍ ହରାଇଥିଲା। ଏହାପରେ ଶରଣଦୀପ୍ ସିଂହ (୬୪) ଓ ରବିନ୍ ମିଞ୍ଜ୍ (୬୩) ତୃତୀୟ ୱିକେଟ୍ ପାଇଁ ୮୧ ରନ୍‌ର ପାର୍ଟନରଶିପ୍ କରି ସ୍କୋର୍ ୧୫୦ ରନ୍ ପାର କରାଇଥିଲେ।



ତୁଫୈଲ୍ ଅହମଦ

ଅନୁକୂଳ ରାୟ (୪୫) ଓ ଆଦିତ୍ୟ ସିଂହ (୨୨*) ୪୩ ରନ୍‌ର ପାର୍ଟନରଶିପ୍ କରି ଝାଡ଼ଖଣ୍ଡକୁ ୪ ୱିକେଟ୍‌ରେ ବିଜୟୀ କରାଇଥିଲେ। ଓଡ଼ିଶା ପକ୍ଷରୁ ସୟଦ୍ ତୁଫୈଲ୍ ଅହମଦ ୪ଟି ଏବଂ ଗୋବିନ୍ଦ ପୋଦ୍ଦାର ୨ଟି ୱିକେଟ୍ ପାଇଥିଲେ।

ଏହା ପୂର୍ବରୁ ତୃତୀୟ ଦିନ ଦ୍ୱିତୀୟ ଇନିଂସ୍‌ରେ ୮ ୱିକେଟ୍ ହରାଇ ୨୦୨ ରନ୍ କରିଥିବା ଓଡ଼ିଶା ଆଉ ମାତ୍ର ୨୪ ରନ୍ ଯୋଡ଼ିବା ପରେ ୨୨୬ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ କ୍ୟାପ୍ଟେନ୍ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୭୩ ରନ୍ କରିଥିବା ବେଳେ ଗୋବିନ୍ଦ ପୋଦ୍ଦାର ୩୧ ରନ୍ କରି ଚତୁର୍ଥ ଦିନ ପ୍ରଥମେ ଆଉଟ୍ ହୋଇଥିଲେ। ସୁନିଲ୍ ରାଉତ ୧୨ ରନ୍‌ରେ ଅପରାଜିତ ରହିଥିଲେ। ଝାଡ଼ଖଣ୍ଡ ପକ୍ଷରୁ ଅନୁକୂଳ ରାୟ ସର୍ବାଧିକ ୫ ଏବଂ ଆଦିତ୍ୟ ସିଂହ ୪ ୱିକେଟ୍ ଅକ୍ତିଆର କରିଥିଲେ। ଋଷଭ ରାଜଙ୍କୁ ଗୋଟିଏ ସଫଳତା ମିଳିଥିଲା।

## ବନବିହାରୀ ପଟ୍ଟନାୟକ ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍

# ଆଶୁତୋଷ ବିଜେତା, ଆୟୁଷ୍ମାନ ଉପବିଜେତା



**ଭୁବନେଶ୍ୱର,୧।୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ୍ ଓ ରୟାଲ୍ ପବ୍ଲିକ୍ ସ୍କୁଲ୍‌ର ମିଳିତ ଆୟୋଜନରେ ସ୍ଥାନୀୟ କେଶୁରାସ୍ଥିତ ସ୍କୁଲ୍ ପରିସରରେ ରବିବାର ଅଷ୍ଟମ ବନବିହାରୀ ପଟ୍ଟନାୟକ ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ଚାରି ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆଶୁତୋଷ ଅରୁଣ ଦାସ (୩ ପଏଣ୍ଟ) ଓ ଭୁବନେଶ୍ୱର କେଭି-୧ର ଆୟୁଷ୍ମାନ ବେହେରା (୩ ପଏଣ୍ଟ) ଯଥାକ୍ରମେ ବିଜେତା ଓ ଉପବିଜେତା ହୋଇଛନ୍ତି। ବାଳିକ ବିଭାଗରେ ଶ୍ରେୟେଶା ପରିଡ଼ା ପ୍ରଥମ ଓ ସ୍ଥିତପ୍ରଜ୍ଞା ପଟ୍ଟନାୟକ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ବୟସ ବର୍ଗରେ ଆରିୟାନ୍ ଦାସ, ଶିଭେଶ ଅବତାର ଓ ପ୍ରାରବ୍ଧ ରଞ୍ଜା ମିଶ୍ର ପ୍ରଥମ ପୁରସ୍କାର ଜିତିଛନ୍ତି। ଚାମ୍ପିଅନ୍‌ଶିପ୍‌କୁ ସ୍କୁଲର ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର ଟିସିଏସ୍‌ର ସିନିୟର୍ କନ୍‌ସଲ୍‌ଟାଣ୍ଟ ଇ. ରଞ୍ଜନ କୁମାର ଷଡ଼ଙ୍ଗୀ, ରୟାଲ୍ ପବ୍ଲିକ୍ ସ୍କୁଲ୍ ଭାଇସ୍ ପ୍ରିନ୍ସିପାଲ୍ ପ୍ରଜ୍ଞା ପାରମିତା ସାହୁ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ସ୍ୱର୍ଗତ ବନବିହାରୀ ପଟ୍ଟନାୟକଙ୍କ ଜ୍ୟେଷ୍ଠ ପୁତ୍ର ଅନ୍ନଦା ଶଙ୍କର ପଟ୍ଟନାୟକ, ଜ୍ୟୋଷ୍ଠା କନ୍ୟା ନିବେଦିତା ମହାନ୍ତି ଓ ନାତୁଣୀ ଦିବ୍ୟରୁପା ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ।

## ଖେଳ ବଜେଟ୍‌ରେ ୧୧୩୩ କୋଟି ଟଙ୍କା ବୃଦ୍ଧି

# ଖେଲୋ ଇଣ୍ଡିଆ ଉପରେ ସରକାରଙ୍କ ଫୋକସ୍

**ନୂଆଦିଲ୍ଲୀ,୧।୨/ଏଜେନ୍ସି:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରବିବାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ୍ ଉପସ୍ଥାପନ କରିଛନ୍ତି। ଏଥିରେ ଯୁବ ବ୍ୟାପାର ଓ ଖେଳ ମନ୍ତ୍ରଣାଳୟକୁ ଆବଣ୍ଟିତ ବଜେଟ୍ ଅର୍ଥରେ ୧୦୦୦ କୋଟି ଟଙ୍କାରୁ ଅଧିକ ବୃଦ୍ଧି କରାଯାଇଛି। ଏଥିରେ ଖେଳ ସାମଗ୍ରୀ ନିର୍ମାଣ କ୍ଷେତ୍ରକ ବହୁତ ଲାଭ ହୋଇଛି। ପ୍ରଥମ ଥର ଏହି କ୍ଷେତ୍ରକୁ ୫୦୦ କୋଟି ଟଙ୍କା ଆବଣ୍ଟିତ ହୋଇଛି। ଖେଳ ମନ୍ତ୍ରଣାଳୟ ପାଇଁ ମୋଟ ବଜେଟ୍ ଆବଣ୍ଟନ ୪୪୭୯.୮୮ କୋଟି ଟଙ୍କା ହୋଇଥିବା ବେଳେ ଏହା ୨୦୨୫-୨୬ ସଂଶୋଧିତ ଆବଣ୍ଟନ ୩୩୪୬.୫୪ କୋଟି ଟଙ୍କାଠାରୁ ୧୧୩୩.୩୪ କୋଟି ଟଙ୍କା ଅଧିକ।

**■ 'ସାଇ'କୁ ଲାଭ, ଡୋପିଂ ଏଜେନ୍ସି ବଜେଟ୍‌ରେ ହ୍ରାସ**

ଜାତୀୟ ଶିବିରର ଆୟୋଜନ ଏବଂ ଖେଳାଳିଙ୍କ ପ୍ରଶିକ୍ଷଣ ପାଇଁ ସାମଗ୍ରୀ ଉପଲବ୍ଧ କରାଉଥିବା ଭାରତୀୟ ଖେଳ ପ୍ରାଧିକରଣ (ସାଇ) ପାଇଁ ଆବଣ୍ଟିତ ରାଶିକୁ ୮୮୦ କୋଟି ଟଙ୍କାରୁ ବୃଦ୍ଧିକରି ୯୧୭.୩୮ କୋଟି ଟଙ୍କା କରାଯାଇଛି। ତେବେ ଜାତୀୟ ଡୋପିଂ ପରୀକ୍ଷଣ ପ୍ରୟୋଗଶାଳା ଏବଂ ଜାତୀୟ ଡୋପିଂ-ନିରୋଧୀ ଏଜେନ୍ସି (ନାଡା) ବଜେଟ୍‌ଯଥାକ୍ରମେ ୨୮.୫୫ କୋଟିରୁ କମାଇ୨୩ କୋଟି ଟଙ୍କା ଏବଂ୨୪.୩୦ କୋଟିରୁ କମାଇ୨୦.୩୦ କୋଟି ଟଙ୍କା କରି ଦିଆଯାଇଛି।

**■ ଖେଳ ସାମଗ୍ରୀ ଉଦ୍ୟୋଗକୁ ପ୍ରୋତ୍ସାହନ**

ସୀତାରମଣ ନିଜ ବଜେଟ୍ ଭାଷଣରେ ଉଚ୍ଚ ଗୁଣବତ୍ତା ଏବଂ ସୁଲଭ ଖେଳ ସାମଗ୍ରୀର ବୈଶ୍ୱିକ କେନ୍ଦ୍ର ଭାବେ ଉଭା ହେଉଥିବା ଭାରତର କ୍ଷମତା ଉପରେ ଜୋର୍ ଦେଇଛନ୍ତି। ଖେଳ ସାମଗ୍ରୀ ପାଇଁ ଏକ ସମର୍ପିତ ପଦକ୍ଷେପର ପ୍ରସ୍ତାବ ରଖିଛନ୍ତି। ଏଥିରେ ଉପକରଣ ଡିଜାଇନ୍ ସହିତ ଖେଳ ସାମଗ୍ରୀ କ୍ଷେତ୍ରରେ ବିନିର୍ମାଣ, ଅନୁସନ୍ଧାନ ଏବଂ ନବାଚାରକୁ ପ୍ରୋତ୍ସାହନ ମିଳିଛି। ବର୍ତ୍ତମାନ ସୁଦ୍ଧା ବଜେଟ୍‌ରେ ଖେଳ ସମାଗ୍ରୀ କ୍ଷେତ୍ର ସମ୍ବନ୍ଧିତ କୌଣସି ବ୍ୟବସ୍ଥା ନଥିଲା। ଖେଳ ମନ୍ତ୍ରଣାଳୟ ଏହି ଆବଣ୍ଟନର ସ୍ୱାଗତ କରିଛି। ଏହି ପଦକ୍ଷେପ ଫଳରେ 'ମେକ୍ ଇନ୍ ଇଣ୍ଡିଆ' ଯୋଜନା ଅଧୀନରେ ଦେଶରେ ଖେଳ ସମାଗ୍ରୀ ନିର୍ମାଣ କରୁଥିବା ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ ମିଳିବାର ସମ୍ଭାବନା ରହିଛି।

**■ ଖେଲୋ ଇଣ୍ଡିଆକୁ ୯୨୪.୩୫ କୋଟି ଟଙ୍କା ଆବଣ୍ଟିତ**

ଚଳିତ ବଜେଟ୍‌ରେ ସରକାର ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ପାଇଁ ୯୨୪.୩୫ କୋଟି ଟଙ୍କା ଆବଣ୍ଟିତ କରିଛନ୍ତି। ଏଥିପାଇଁ ଗତବର୍ଷ ୧୦୦୦ କୋଟି ଟଙ୍କା ଆବଣ୍ଟିତ କରାଯାଇଥିବା ବେଳେ ଅନ୍ତିମ ବ୍ୟୟ ୭୦୦ କୋଟି ଟଙ୍କା ଥିଲା। ଚଳିତ ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ସହାୟତା ରାଶି ୨୮.୦୫ ଗକୋଟି ଟଙ୍କାରୁ ବଢ଼ାଇ ୫୦ କୋଟି ଟଙ୍କା କରାଯାଇଛି, ଯାହା ଗତବର୍ଷ ତୁଳନାରେ ୭୮% ଅଧିକ। ସୀତାରମଣ ଆସନ୍ତା ଦଶକରେ ପ୍ରଶିକ୍ଷଣ କେନ୍ଦ୍ର ଏବଂ ପ୍ରଶିକ୍ଷକଙ୍କ ବ୍ୟବସ୍ଥିତ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରିବା ପାଇଁ 'ଖେଲୋ ଇଣ୍ଡିଆ ମିଶନ୍' ଆରମ୍ଭ କରିବାକୁ ପ୍ରସ୍ତାବ ରଖିଛନ୍ତି। ଫଳରେ ତୃଣମୂଳ ସ୍ତରରେ ଖେଳ ପ୍ରତିଭାଙ୍କ ସନ୍ଧାନ ପାଇଁ ସରକାରଙ୍କ ପ୍ରମୁଖ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ମିଳିବ।

ସୀତାରମଣ କହିଛନ୍ତି, ଏହି ମିଶନ୍ ନିଜ ସହିତ ଜଡ଼ିତ ବିଭିନ୍ନ ମାଧ୍ୟମରୁ ଏକୀକୃତ ପ୍ରତିଭା ବିକାଶ କାର୍ଯ୍ୟକ୍ରମକୁ ସୁଗମ କରିବ। ଆଗାମୀ ଦଶକରେ ଖେଳ କ୍ଷେତ୍ରରେ ଆମୂଳଚୂଳ ପରିବର୍ତ୍ତନ ପାଇଁ ଖେଲୋ ଇଣ୍ଡିଆ ମିଶନ୍ ଆରମ୍ଭ ହେବାକୁ ଯାଉଛି। ଏହି ମିଶନ୍ ଭିତ୍ତିଭୂମି, ମଧ୍ୟବର୍ତ୍ତୀ ଏବଂ ବିଶିଷ୍ଟ ସ୍ତରରେ ପ୍ରଶିକ୍ଷଣ କେନ୍ଦ୍ରର ସହଯୋଗରେ ଏକୀକୃତ ପ୍ରତିଭା ବିକାଶ, ପ୍ରଶିକ୍ଷକ ଏବଂ ସହାୟକ ଷ୍ଟାଫ୍‌ଙ୍କ ବ୍ୟବସ୍ଥିତ ବିକାଶ, ଖେଳ ବିଜ୍ଞାନ ଏବଂ ପ୍ରଦ୍ୟୋଗିକୀର ଏକୀକରଣ, ଖେଳ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଏବଂ ମଞ୍ଚ ପ୍ରଦାନ କରିବ ପାଇଁ ପ୍ରତିଯୋଗିତା ଏବଂ ଲିଗ୍ ଆୟୋଜନ ତଥା ପ୍ରଶିକ୍ଷଣ ଏବଂ ପ୍ରତିଯୋଗିତା ପାଇଁ ଖେଳ ସଂରଚନାର ବିକାଶକୁ ସୁଗମ କରିବ।

**■ ଖେଳ ବଜେଟ୍‌ର ଅନ୍ୟ ଘୋଷଣା**

ଜାତୀୟ ଖେଳ ବିଶ୍ୱବିଦ୍ୟାଳୟ ପାଇଁ ଆବଣ୍ଟିତ ବଜେଟ୍୭୮.୬୪ କୋଟି ଟଙ୍କାରୁ କମାଇ ୪୬.୯୮ କୋଟି ଟଙ୍କା କରାଯାଇଛି। ଜାତୀୟ ଖେଳ ବିକାଶ ଫଣ୍ଡରେ ଯୋଗଦାନ ରାଶିକୁ ତିନି କୋଟିରୁ ବୃଦ୍ଧିକରି ପାଞ୍ଚ କୋଟି ଟଙ୍କା କରାଯାଇଛି। ସେହିପରି ଚଳିତ ବର୍ଷ ଖେଳାଳିଙ୍କୁ ଦିଆଯିବାକୁ ଥିବା ପ୍ରୋତ୍ସାହନ ରାଶି ୨୪୮ କୋଟିରୁ ବଢ଼ାଇ ୪୦ କୋଟି ଟଙ୍କା କରାଯାଇଛି। ଜାତୀୟ ଖେଳ ସଂଘଗୁଡ଼ିକ ପାଇଁ ସହାୟତା ରାଶିରେ ମଧ୍ୟ ସାମାନ୍ୟ ବୃଦ୍ଧି ପାଇଛି। ଏହା ୪୦୦ କୋଟିରୁ ୪୨୫ କୋଟି ଟଙ୍କା କରାଯାଇଛି। ଯୁବ ଏବଂ କିଶୋର ବିକାଶ ପାଇଁ ଜାତୀୟ କାର୍ଯ୍ୟକ୍ରମର ଧନରାଶି ଚଳିତ ବର୍ଷ ୫୭.୬୮ କୋଟିରୁ ବୃଦ୍ଧି ପାଇ୫୮.୪୧ କୋଟି ଟଙ୍କା ହୋଇଛି। ଯୁବ ହଷ୍ଟେଲଗୁଡ଼ିକ ପାଇଁ ଆବଣ୍ଟିତ ରାଶିରେ ବହୁ ବୃଦ୍ଧି କରାଯାଇଛି। ଗତବର୍ଷର ୧.୧୦ କୋଟି ଟଙ୍କା ତୁଳନାରେ ଚଳିତ ବର୍ଷ ଏହା ୧୯.୨୦ କୋଟି ଟଙ୍କା ହୋଇଛି। ଜାତୀୟ ସେବା ଯୋଜନାରେ ମଧ୍ୟ ବୃଦ୍ଧି କରାଯାଇଛି। ଗତବର୍ଷ ଏହାକୁ ୨୭୫ କୋଟି ଟଙ୍କା ମିଳିଥିବା ବେଳେ ଚଳିତ ବର୍ଷ ୩୫୭.୩୯ କୋଟି ଟଙ୍କା ମିଳିବ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra